ବର୍ଷ-୫୨ : ସଂଖ୍ୟା-୧୦ ଅକ୍ଟୋବର, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ—୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍ଟୋବର, ୨୦୨୧


| | | | | |
|---|---|---|---|---|
| Only Truth | ··· | ଶ୍ରୀମା | ··· | ୩ |
| ଯେଉଁ ଅପରୂପ ସମ୍ପଦସବୁ | ··· | ··· | ··· | ୪ |
| ପ୍ରାର୍ଥନା | ··· | ଶ୍ରୀମା | ··· | ୭ |
| ମାତୃବାଣୀ | ··· | ଶ୍ରୀମା | ··· | ୮ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୯ |
| ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ଓ କୃତଜ୍ଞତାବୋଧ | ··· | ଶ୍ରୀମା | ··· | ୧୦ |
| ଯାହା ଆମର ପ୍ରଥମେ କରଣୀୟ | ··· | ଶ୍ରୀଅରବିନ୍ଦ | ··· | ୧୧ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ଦଶମ ଅଧ୍ୟାୟ) | | | | |
| ବିଶ୍ୱରୂପ ଦର୍ଶନ – ସଂହାରକ ମହାକାଳ | ··· | ଶେଖ ଅବଦୁଲ କାଶମ | ··· | ୧୨ |
| ଆସ ମା'ଗୋ ଆସ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୧୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୯) | ··· | ··· | ··· | ୧୮ |
| ଜୀବନ ସଂଗ୍ରାମ (କବିତା) | ··· | ସନ୍ତୋଷ ରଥ | ··· | ୨୨ |
| ସତ୍‌ସଙ୍ଗର ସ୍ୱରୂପ | ... | ରାମକୃଷ୍ଣ ଦାସ | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୪) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୭ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୧) | ··· | ସାହାନା ଦେବୀ | ··· | ୩୦ |
| ପ୍ରଗତି ସମ୍ପର୍କରେ (୨) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୨ |
| ସାଥୀ (କବିତା) | ··· | ଯଦୁନନ୍ଦନ ସାମଲ | ··· | ୩୬ |
| କବି ନିଶିକାନ୍ତ (୧୩) | ··· | ··· | ··· | ୩୭ |
| 'ପାରିବା' ଓ 'ନ ପାରିବା'ର କାହାଣୀ | ··· | ମୀରା ଗୁଥୀ | ··· | ୪୧ |
| ଏକ ସନ୍ଧାନର ଇତିବୃତ୍ତ | ··· | ନିର୍ଭୟ ରଞ୍ଜନ ପାଢ଼ୀ | ··· | ୪୭ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୫) | ··· | ଗୟାଧର ଦାଶ | ··· | ୫୦ |
| ଦିବାସ୍ୱପ୍ନ (୮) | ··· | ଗିଜୁଭାଇ ବଧେକା | ··· | ୫୨ |
| ଜୀବନର ଅର୍ଥ ଓ ଲକ୍ଷ୍ୟ : ତମସୋ ମା ଜ୍ୟୋତିର୍ଗମୟ | ··· | ମନୋଜ ଦାସ | ··· | ୫୮ |


❖




## ଏକମାତ୍ର ସତ୍ୟ

ଶ୍ରୀମା



# ଯେଉଁ ଅପରୂପ ସମ୍ପଦସବୁ

ଦିବ୍ୟ ଜନନୀଙ୍କ ଆଶିଷ-ପ୍ରାପ୍ତ 'ନବପ୍ରକାଶ' ଆଜି କାଳର ପ୍ରବାହରେ ଏକାବନ ବର୍ଷ ଅତିକ୍ରମ କରି ନୂତନ ସୋପାନରେ ପାଦ ଥାପିଛି । ମହାକାଳର ବିପୁଳ ଆବର୍ତ୍ତ ଭିତରେ ଏହି ସମୟ ଖୁବ୍ ସୀମିତ, ସଂକ୍ଷିପ୍ତ ବୋଧ ହେଉ ଥିଲେ ବି ପରିବେଶ ଓ ପରିସ୍ଥିତିର ଆବେଶ ଭିତରୁ ସାଉଁଟି ରଖିଥିବା ତା'ର ଅନୁଭୂତିକୁ ଅସ୍ୱୀକାର କରି ହେବନି । କେବେ ସେ ଭେଟିଛି ବହୁବର୍ଣ୍ଣା ଦିଶାହରା ଆନନ୍ଦକୁ ତ କେବେ ବିବର୍ଣ୍ଣା ଅସହାୟ ମୁହୂର୍ତ୍ତମାନଙ୍କୁ । ସବୁକିଛିର ଉପସ୍ଥିତି ଭିତରେ ସେ ନୂଆ ଭାବରେ ନିଜକୁ ଆବିଷ୍କାର କରିଛି । ସହଯାତ୍ରୀ ତା'ର ସହୃଦୟ ପାଠକ/ପାଠିକା ତଥା ତା'ର ପ୍ରକାଶନରେ ସକ୍ରିୟ ଅଂଶ ଗ୍ରହଣ କରୁଥିବା ଦିବ୍ୟ ଜୀବନର ସନ୍ଧାନୀ କର୍ମୀବୃନ୍ଦ ।

'ନବପ୍ରକାଶ'ର ଏହି ପରିବାରବର୍ଗଙ୍କ ପାଇଁ ଦିବ୍ୟ ଜନନୀଙ୍କର ପ୍ରଦତ୍ତ କାଳଜୟୀ ତେଜୋଦୀପ୍ତ ମନ୍ତ୍ର ''**ଏକମାତ୍ର ସତ୍ୟ**'' । ସତ୍ୟର ସ୍ୱରୂପକୁ ସନ୍ଧାନ କରିବା, ସତ୍ୟ-ଚେତନାର ସୋପାନ ପରେ ସୋପାନ ଆରୋହଣ କରି ଜୀବନ ବଞ୍ଚିବା ସାଧନାର ଏକ ମହତ୍ତର ସର୍ତ୍ତ; ସତ୍ୟ ପ୍ରତି ଆମର ବିଶ୍ୱସ୍ତତା ହେବ ଆମ ପ୍ରଗତିର ମାପକାଠି ।

ଯେଉଁ ଦିବ୍ୟ ଜନନୀ ଆମ ପାଇଁ ଲକ୍ଷ୍ୟ ନିର୍ଣ୍ଣୟ କରିଛନ୍ତି, ସେ ମଧ୍ୟ ଚାଲିବାର ପଥ ନିର୍ଦ୍ଦେଶ କରୁଛନ୍ତି । ସାଧନାର ଏହି ପିଚ୍ଛିଳ ପଥରେ ସେ ଆମ ସହ ଅବିରତ ରହିଛନ୍ତି, ହାତ ଧରି ପଥ କଢ଼ାଇ ନେଉଛନ୍ତି, ଆମ ସହ ଏକାକାର ହୋଇ 'ପରମ ପ୍ରଭୁ'ଙ୍କ ନିକଟରେ ନତି ଜଣାଇଛନ୍ତି ମଧ୍ୟ ।

ଶ୍ରୀମାଙ୍କର ଲିପିବଦ୍ଧ ପ୍ରାର୍ଥନା ଗୁଚ୍ଛ ମଧ୍ୟରୁ ଅକ୍ଟୋବର ୨୩, ୧୯୩୭ ମସିହାରେ 'ଭଗବତ୍ ସେବକର ପ୍ରାର୍ଥନା' ଅନ୍ୟତମ – ଯାହାର ଅନ୍ତଃସ୍ୱର ହେଲା ପରମ ସିଦ୍ଧିକର୍ତ୍ତାଙ୍କ ବିଜୟରେ ହିଁ ତାଙ୍କର ସୃଷ୍ଟିର ବିଜୟ । ତାଙ୍କ ଦିବ୍ୟଇଚ୍ଛାର ପରିପୂରଣରେ ଏ ସୃଷ୍ଟି ହେବ ମହିମାନ୍ୱିତ; ତାଙ୍କର ମହାବିର୍ଭାବରେ ହେବ ବିଜୟଶ୍ରୀ ମଣ୍ଡିତ ।... ପ୍ରାର୍ଥନାଟିର ପ୍ରତ୍ୟେକ ଧାଡ଼ି ଓ ଶବ୍ଦ ଆମ ଭିତରେ ନୂତନ ସ୍ପନ୍ଦନ ସୃଷ୍ଟି କରେ, ସୃଜନ କରେ ନବ ଚେତନା ।

'ନବପ୍ରକାଶ'ର ଶୁଭ ଜନ୍ମତିଥିରେ ଚାଲ ଆମେ ସେହି ପ୍ରାର୍ଥନାର କେତୋଟି ମହାର୍ଘ ପଙ୍କ୍ତି ସ୍ମରଣ କରି ମିଳିତ ଭାବେ ସେହି ଦିବ୍ୟ-ଚେତନା ନିକଟରେ ଅବିରତ କୃତଜ୍ଞ ରହିବା ପାଇଁ ଏବଂ ମୁହୂର୍ତ୍ତ ମୁହୂର୍ତ୍ତ କରି ତାଙ୍କ ପ୍ରଦତ୍ତ ସମ୍ପଦସବୁର ଯଥାର୍ଥ ବିନିଯୋଗ ପାଇଁ ଆଶିଷ ଭିକ୍ଷା କରିବା ।

ପରମ ସିଦ୍ଧିକର୍ତ୍ତାଙ୍କ ନିକଟରେ ଦିବ୍ୟ ଜନନୀଙ୍କର ପ୍ରଦତ୍ତ ପ୍ରାର୍ଥନାର ଶେଷାଂଶଟି ନିମ୍ନମତେ :

> ''ପ୍ରତି ମୁହୂର୍ତ୍ତରେ ତୁମେ ଆମ୍ଭମାନଙ୍କୁ ଯେଉଁ ଅପରୂପ ସମ୍ପଦସବୁ ଦାନ କରି
> ଯାଉଛ, ସେସବୁର କିଛି ଯେପରି ଆମ୍ଭେମାନେ ଅପଚୟ ନ କରୁ ।
> ଆମ୍ଭମାନଙ୍କର ପ୍ରତ୍ୟେକ ଅଙ୍ଗ ଯେପରି ତୁମ କାର୍ଯ୍ୟରେ ସହଚର ହୋଇ ଉଠେ,
> ସେସବୁ ଯେପରି ପ୍ରସ୍ତୁତ ହୋଇ ଉଠନ୍ତି ତୁମର ସିଦ୍ଧି ସକାଶେ ।
> ପରମ ସିଦ୍ଧିକର୍ତ୍ତା ହେ ଭଗବାନ୍ ! ଜୟ ହେଉ ତୁମର ।
> ତୁମର ବିଜୟରେ ଦିଅ ଆମ୍ଭମାନଙ୍କର ଜ୍ୱଳନ୍ତ, ସକ୍ରିୟ, ଚରମ ଓ ଅଟଳ ବିଶ୍ୱାସ ।''

ଦିବ୍ୟ ଜନନୀଙ୍କର ଏହି ମହାନ୍ ପ୍ରତ୍ୟାଶା ପ୍ରତି ଆମେ ଯେପରି ଆମର ସମଗ୍ର ସତ୍ତାରେ ବିଶ୍ୱସ୍ତ ରହୁ; 'ନବପ୍ରକାଶ'ର ଶୁଭଜନ୍ମ ବାସରରେ – ତାଙ୍କର ଶ୍ରୀପାଦପଦ୍ମରେ ଆମର ଏହା ହିଁ ପ୍ରାର୍ଥନା । ❑

# ପ୍ରାର୍ଥନା

ମୋ ସତ୍ତାର ଅର୍ଘ୍ୟ ନିୟତ ନବତର ଏବଂ ଅଧିକରୁ ଅଧିକ ସର୍ବାଙ୍ଗୀନ ଭାବେ ପରମ ସତ୍ୟ ସମ୍ମୁଖରେ ହେଉ ପରିବେଷିତ – ଯିଏ ଅଚିନ୍ତନୀୟ, ରୂପାୟନାତୀତ, କିନ୍ତୁ ଯିଏ କାଳ ପ୍ରବାହରେ ଅବିରତ ଅଧିକରୁ ଅଧିକ ପରିପୂର୍ଣ୍ଣ ଏବଂ ନିଖୁଣ ଆବିର୍ଭାବ ଭାବରେ ଅଭିବ୍ୟକ୍ତ ହୋଇ ଚାଲିଛନ୍ତି । ହେ ସେହି ନାମାତୀତ – ଯାହାଙ୍କ ସଂକଳ୍ପ ସମ୍ପର୍କରେ ମୁଁ ଅବହିତ ହେଉଛି ପରମ ନିରବତା ଏବଂ ପରିପୂର୍ଣ୍ଣ ସମର୍ପଣ ଭିତରେ, ମୋତେ ଏ ସମଗ୍ର ଧରିତ୍ରୀର ପ୍ରତିନିଧି ହେବାକୁ ଦିଅ – ଯାହା ଫଳରେ ମୋ ଚେତନା ସହ ଏକୀଭୂତ ହୋଇ ତାହା ତୁମ ପାଖରେ କରିପାରିବ ନିଃଶେଷ ଆତ୍ମଦାନ ।

ତୁମେ ହିଁ ନିଟୋଳ ଶାନ୍ତି ଏବଂ ଅପରୂପ ସିଦ୍ଧି; ତୁମେ ହିଁ ଏ ସାମଗ୍ରିକ ବିଶ୍ୱବ୍ରହ୍ମାଣ୍ଡ, ଧ୍ରୁବ, କାଳାତୀତ ତଥା କାଳ ଓ ସ୍ଥାନର ଚେତନା ଭିତରେ ଯାହା ଅଧିକରୁ ଅଧିକ ପ୍ରକଟିତ ହେବାକୁ ଚାହେଁ । ଅନନ୍ତ ନିସ୍ତବ୍ଧତା ନିହିତ ସମସ୍ତକିଛି ହିଁ ତୁମେ ଏବଂ ତୁମେ ହିଁ ସବୁ ସମ୍ଭାବନା ଦିଗରେ ଆଶା... ପ୍ରଭୁ ! ଏ ପୃଥିବୀକୁ ପ୍ରଦାନକର ତୁମର ଅବିଶ୍ୱାସ୍ୟ ବରାଶିଷ ।

ଶାନ୍ତି, ଶାନ୍ତି ସମଗ୍ର ପୃଥିବୀ ବ୍ୟାପୀ !

ଅକ୍ଟୋବର ୧୦, ୧୯୧୪ — ଶ୍ରୀମା



# ମାତୃବାଣୀ

O Lord, Thou hast decided to test the quality of our faith and to pass our sincerity on Thy touchstone. Grant that we come out greater and purer from the ordeal.

(CWM, Vol. 15, P.170) – The Mother

ହେ ପରମ ପ୍ରଭୁ, ତୁମେ ନିଷ୍ପତ୍ତି ନେଇଛ ଆମ ଆସ୍ଥା ଓ ବିଶ୍ୱାସର ଗୁଣାତ୍ମକତାକୁ ପରୀକ୍ଷା କରିବା ପାଇଁ, ଯେପରି ତୁମର କଷଟି ପଥରରେ ଆମ ଆନ୍ତରିକତାର ପରଖ ହୁଏ । ଅନୁମତି ପ୍ରଦାନ କର ଯେପରି ମହତ୍ତର ଓ ଶୁଦ୍ଧତର ହୋଇ ଆମେ ସେହି ଅଗ୍ନି-ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେଉ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୦୯)

## ଶ୍ରୀଅରବିନ୍ଦ

Offering its little squares and cubes of word
As figured substitutes for reality,
A mummified mnemonic alphabet,
It helped the unseeing Force to read her works.

ଆପଣା ବାଣୀର ଯେତେସବୁ କ୍ଷୁଦ୍ର ଚତୁଷ୍କ ଓ ଘନାକୃତି, ସେସବୁକୁ ବାସ୍ତବ ସତ୍ୟର ପ୍ରମୂର୍ତ୍ତ ପ୍ରତିନିଧି (ବା ବିକଳ୍ପ) ରୂପେ ଉପସ୍ଥାପନ କରି, ସୁଗନ୍ଧ ପ୍ରଲେପଯୁକ୍ତ ଏକ ସୁରକ୍ଷିତ ଶବତୁଲ୍ୟ ସ୍ମାରକ ବର୍ଣ୍ଣମାଳା ବ୍ୟବହାରପୂର୍ବକ ଦୃଷ୍ଟିହୀନ ଶକ୍ତିକୁ ସ୍ୱକୀୟ କୃତିସକଳର ମର୍ମପାଠ ନିମନ୍ତେ ତାହା ସହାୟତା କରୁଥିଲା ।

A buried consciousness arose in her
And now she dreams herself human and awake.

ଏକ ପ୍ରୋଥିତ ଚେତନା ଜାଗି ଉଠିଥିଲା ତାହାର (ସେହି ଶକ୍ତିର) ଅନ୍ତର ତଳେ ଏବଂ ସଂପ୍ରତି ସେ ସ୍ୱପ୍ନ ଦେଖେ ଆପଣାକୁ ନେଇ, ସେ ପାଲଟିଛି ମଣିଷ ଏବଂ ହୋଇ ଉଠିଛି ଜାଗରିତ ।

But all was still a mobile Ignorance;
Still Knowledge could not come and firmly grasp
This huge invention seen as a universe.

ମାତ୍ର ସବୁକିଛି ତଥାପି ଏକ ଚଳମାନ ଅଜ୍ଞାନ ହୋଇ ରହିଥିଲା; ଜ୍ଞାନ ତଥାପି ଆସିପାରୁ ନଥିଲା ଓ ବିଶ୍ୱ ରୂପେ ଦୃଶ୍ୟମାନ ଏହି ବିଶାଳ ଉଦ୍ଭାବନକୁ ଦୃଢ଼ମୁଷ୍ଟିରେ ଧାରଣ କରିପାରୁ ନଥିଲା ।

A specialist of logic's hard machine
Imposed its rigid artifice on the soul;
An aide of the inventor intellect,
It cut Truth into manageable bits
That each might have his ration of thought-food,
Then new-built Truth's slain body by its art:
A robot exact and serviceable and false
Displaced the spirit's finer view of things:
A polished engine did the work of a god.

ନ୍ୟାୟଶାସ୍ତ୍ରର ସୁ-କଠୋର ଯନ୍ତ୍ରର ଏକ ବିଶେଷଜ୍ଞ ତା'ର ଅନମ୍ୟ କଳକୌଶଳକୁ ଲଦି ଦେଇଥିଲା ଅନ୍ତରାତ୍ମା ଉପରେ; ଉଦ୍ଭାବକ ବୁଦ୍ଧିର ପାର୍ଶ୍ୱଚର ସାଜି, ସତ୍ୟକୁ ସେ କାଟିକୁଟି ଗ୍ରହଣଯୋଗ୍ୟ ଖଣ୍ଡରାଜିରେ ପରିଣତ କରୁଥିଲା, ଯଦ୍ୱାରା ପ୍ରତ୍ୟେକ ପାଇ ପାରିବେ ତା' ଚିନ୍ତା-ଖାଦ୍ୟର ଯଥାଯଥ ଅଂଶ, ତା'ପରେ ସେ ସତ୍ୟର ନିହତ ଶରୀରକୁ ଆପଣାର କଳାଚାତୁରୀରେ ନବରୂପ ପ୍ରଦାନ କରୁଥିଲା : ଏକ ନିର୍ଭୁଲ, ସେବାଯୋଗ୍ୟ ଓ ମିଥ୍ୟାମୟ ଯନ୍ତ୍ରମୂର୍ତ୍ତି ଚିନ୍ମୟ ସତ୍ତାର ସୂକ୍ଷ୍ମତର ବିଶ୍ୱଦୃଷ୍ଟିକୁ ବିସ୍ଥାପିତ କରି ନିଜେ ତାହାର ଆସନ ଗ୍ରହଣ କରିଥିଲା : ପରିମାର୍ଜିତ ଯନ୍ତ୍ରଟିଏ ସମ୍ପାଦନ କରୁଥିଲା ଏକ ଦେବତାର କର୍ମ ।

None the true body found, its soul seemed dead :
None had the inner look
which sees Truth's whole;
All glorified the glittering substitute.

ଜଣେ ବି କେହି ଦେଖି ନଥିଲେ ସତ୍ୟର ପ୍ରକୃତ ଶରୀରକୁ, ତାହାର ଅନ୍ତରାତ୍ମା ମନେ ହେଉଥିଲା ମୃତ : କାହାର ବି ନ ଥିଲା ସେଇ ଆନ୍ତର ଦୃଷ୍ଟି ଯାହା ଦେଖିପାରେ ସତ୍ୟର ସମଗ୍ରତାକୁ; ସଭିଏଁ କେବଳ ଏକ ଚାକଚକ୍ୟମୟ ପ୍ରତିନିଧିକୁ ହିଁ ମହିମାମଣ୍ଡିତ କରି ତୋଳି ଧରିଥିଲେ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ଓ କୃତଜ୍ଞତାବୋଧ

## ଶ୍ରୀମା

### ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା

ଯେଉଁଠି ... ସତ୍ୟ ପ୍ରତି, ସୌନ୍ଦର୍ଯ୍ୟ ପ୍ରତି, ମହତ୍ତ୍ୱ ପ୍ରତି ଏକ ସ୍ୱତଃସ୍ଫୂର୍ତ୍ତ ଶ୍ରଦ୍ଧା ପ୍ରକାଶ ପାଏ, ସେଠାରେ ଭଗବାନଙ୍କର କିଛି ବିଭବ ପ୍ରକଟିତ ହୋଇଥାଏ ବୋଲି ଜାଣିବ । ତୁମର ନିଶ୍ଚିତ ଭାବେ ଜାଣିରଖିବା ଉଚିତ ଯେ ଏସବୁ ସ୍ଥଳରେ ତୁମ ଭିତରେ ଥିବା ଚୈତ୍ୟ ସତ୍ତା ବା ଆତ୍ମା ସହିତ ତୁମର ଶାରୀରିକ ଚେତନା ସଂପର୍କିତ ହୋଇଯାଇ ଥାଏ; ତା' ଫଳରେ ଯାହାକିଛି ଦିବ୍ୟ-ଉତ୍ସରୁ ଆସିଛି, ତୁମର ହୃଦୟ ତାକୁ ଉପାସନା କରିବାକୁ ବା ଶ୍ରଦ୍ଧା କରିବାକୁ ଡେଇଁପଡ଼େ ।

ଏହିପରି ଅନୁଭବ କରିବା ମୁହୂର୍ତ୍ତରେ ତୁମର ଆଖିରୁ ନିଶ୍ଚୟ ଆନନ୍ଦାଶ୍ରୁ ଝରି ପଡୁଥିବ ।... ଏହି ଆନନ୍ଦାନୁଭବ ଜଣାଇ ଦିଏ ଯେ ତୁମର ଅନ୍ତରାତ୍ମା ଜାଗିଉଠିଛି ଓ ସତ୍ୟକୁ ଜାଣି ପାରିଛି । ଏତିକିବେଳେ ହିଁ ତୁମେ ଊର୍ଦ୍ଧ୍ୱରୁ ନିମ୍ନକୁ ଅବତରି ଆସିଥିବା ଦିବ୍ୟ ସତ୍ୟ ପ୍ରତି ନିଜକୁ ଖୋଲି ଧରି ପାରିବ ଓ ତଦ୍ୱାରା ନିଜକୁ ଗଠନ କରି ପାରିବ । ମୋର ବି ସେମିତି ସମୟର କଥା ମନେ ପଡୁଛି ଯେତେବେଳେ କି ଛୋଟ ପିଲାମାନଙ୍କୁ ଦେଖିଲା ମାତ୍ରେ ହିଁ ମୋ ଆଖିରେ ଲୁହ ଆସିଯାଉଥିଲା । ଏପରିକି ଛୋଟ ଛୋଟ ଶିଶୁମାନେ ବି ବେଳେବେଳେ ଏମିତି କିଛି କରନ୍ତି ଯାହାକି ଦିବ୍ୟ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆଉ ସ୍ୱଚ୍ଛ ସରଳ ହୋଇଥାଏ । ଏହି ଆନନ୍ଦକୁ ଅନୁଭବ କର, ଯାହା ଫଳରେ ତୁମେ ତୁମମାନଙ୍କ ଭିତରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିପାରିବ ।

### କୃତଜ୍ଞତାବୋଧ

ତୁମର ହୃଦୟ ଏକ ଦିବ୍ୟ କୃତଜ୍ଞତାରେ ଭରିଉଠିବ, ଯେତେବେଳେ ତୁମେ ଦୃଢ଼ଭାବେ ଜାଣିବ ଯେ ଭଗବାନ୍ ଅଛନ୍ତି; ସେତେବେଳେ ତୁମର ମନ, ପ୍ରାଣ ଏକ ଚମତ୍କାର ଧନ୍ୟବାଦ ଅର୍ପଣର ଭାବରେ ଭରିଉଠିବ — ସେତେବେଳେ ''ଭଗବାନ୍ ସତରେ ଅଛନ୍ତି''— ଏଇ ନିଶ୍ଚିତ ବିଶ୍ୱାସ ତୁମ ଅନ୍ତରକୁ ଏକ ଦିବ୍ୟ ଉଲ୍ଲାସରେ ପରିପୂର୍ଣ୍ଣ କରିଦେବ । ତୁମର ବିଶ୍ୱାସ ସ୍ଥିର ହୋଇଉଠିବ ଯେ ଭଗବାନ୍ ବୋଲି କିଛି ଏ ବିଶ୍ୱ-ବ୍ରହ୍ମାଣ୍ଡରେ ଅଛନ୍ତି — ଆଉ ଏହା ବି ନିଶ୍ଚିତ ଯେ ଆମର ଏଇ ବିଶ୍ୱରେ ଆମେ କେବଳ ସଇତାନୀ କାଣ୍ଡକାରଖାନା ଦେଖୁନାହୁଁ; କିନ୍ତୁ ଭଗବାନ୍ ଅଛନ୍ତି ଓ ଭଗବାନ୍ ପୂର୍ଣ୍ଣ ଭାବରେ ଅଛନ୍ତି । ଆଉ ପ୍ରତିଟି ମୁହୂର୍ତ୍ତରେ ଯେକୌଣସି ସାମାନ୍ୟ ବ୍ୟାପାର ବି ତୁମକୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ସେହି ଦିବ୍ୟ ସତ୍ୟ ବା ଭଗବତ୍ ଅସ୍ତିତ୍ୱର ଦିବ୍ୟ ବାସ୍ତବତା ସଙ୍ଗେ ସଂଯୁକ୍ତ କରିଦିଏ । ସେତେବେଳେ ତୁମର ହୃଦୟ ଏତେ ନିବିଡ଼, ଗଭୀର ଆଉ ଚମତ୍କାର ଆନନ୍ଦରେ ଭରିଉଠେ ଯେ ତୁମେ ସଙ୍ଗେ ସଙ୍ଗେ ଅନୁଭବ କର ଏପରି ଏକ କୃତଜ୍ଞତାର ଭାବ ଯେଉଁଥିରେ ତୁମକୁ ସବୁକିଛି ଆହ୍ଲାଦମୟ ଲାଗେ ।

ଜୀବନରେ ବା ସଂସାରରେ ଆଉ ଏମିତି କିଛି ନାହିଁ, ଯାହାକି ସେହି କୃତଜ୍ଞତାର ଆନନ୍ଦବୋଧ ସହିତ ସମାନ ହେବ । କେଉଁ ମୁହୂର୍ତ୍ତରେ ତୁମେ ଶୁଣିବାକୁ ପାଅ ଚଢ଼େଇଟିଏ ଗୀତ ଗାଉଛି କିଂବା କେଉଁ ମୁହୂର୍ତ୍ତରେ ତୁମେ ଦେଖ ସୁନ୍ଦର ଫୁଲଟିଏ ଫୁଟିଛି, କେତେବେଳେ ବା ତୁମେ ଛୋଟ ପିଲାଟିଏ ଦେଖିଲ କିଂବା କେଉଁଠି ବା କାହାଠାରେ ଏକ ମହାନ୍ ସଦାଶୟତା ଦେଖିଲ, କେବେ ବହିଟିଏ ପଢୁପଢୁ ଗୋଟିଏ ସୁନ୍ଦର ବାକ୍ୟ ତୁମ ମନକୁ ଛୁଇଁଗଲା କିଂବା ତୁମ ଦୃଷ୍ଟି ପଥାରୂଢ଼ ହେଲା ଅସ୍ତଗାମୀ ସୂର୍ଯ୍ୟଙ୍କର ସୌନ୍ଦର୍ଯ୍ୟ — ଅର୍ଥାତ୍ ମୋଟ ଉପରେ ଯାହା ତୁମେ ଦେଖ ବା ଶୁଣ, ହଠାତ୍ ତୁମ ଅନ୍ତରରେ ଏହି ପ୍ରକାର ଭାବାବେଗଟିଏ ଜାଗିଉଠେ — ଆଉ ଏଇ ଭାବାବେଗଟି ଏତେ ଗଭୀର, ଏତେ ନିବିଡ଼ ହୋଇଥାଏ ଯେ ତୁମର ସଙ୍ଗେ ସଙ୍ଗେ ଉପଲବ୍ଧି ହୋଇଯାଏ — ଏଇ ପୃଥିବୀରେ ଈଶ୍ୱର ସବୁ କିଛି ଭିତରେ ନିଜକୁ ପ୍ରକାଶ କରୁଛନ୍ତି ଏବଂ ଏ ପୃଥିବୀର ସବୁକିଛି ପଛରେ କିଛି ଗୋଟାଏ ରହିଛି ଏବଂ ତାହା ହିଁ ଭଗବାନ୍ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଯାହା ଆମର ପ୍ରଥମେ କରଣୀୟ

## ଶ୍ରୀଅରବିନ୍ଦ

ଏକ ଦିବ୍ୟ ଜୀବନ ଭିତରକୁ ଅଭିବୃଦ୍ଧି ପାଇଁ ଆମର ପ୍ରଥମ କରଣୀୟ କର୍ମଟି ହେଉଛି ଅଧ୍ୟାତ୍ମ ସତ୍ତା ଉପରେ ଅଭିନିବେଶ । ଯେପର୍ଯ୍ୟନ୍ତ ଆମେ ଏହି ଅଧ୍ୟାତ୍ମ ସତ୍ତାକୁ ଏହାର ମନୋଗତ, ପ୍ରାଣଗତ ଓ ଦେହଗତ ନାନା ଆଚ୍ଛାଦନ ଓ ଛଦ୍ମବେଶରୁ ବାହାର କରି ଆଣି ଆମର ଆତ୍ମସତ୍ତାରେ ପ୍ରକଟିତ ଓ ବିବର୍ତ୍ତିତ ନ କରିଛୁ, ଉପନିଷଦ୍‌ର କଥାରେ ଯେପର୍ଯ୍ୟନ୍ତ ଆମ ନିଜ ଶରୀର ଭିତରୁ ଧୈର୍ଯ୍ୟର ସହିତ ଏହାକୁ ନିଷ୍କର୍ଷିତ କରି କାଢ଼ି ନ ଆଣିଛୁ, ଯେପର୍ଯ୍ୟନ୍ତ ଆମ ନିଜ ଭିତରେ ଅଧ୍ୟାତ୍ମ ସତ୍ତାର ଏକ ଆନ୍ତର ଜୀବନ ଗଠନ ନ କରିଛୁ; ଏହା ସ୍ପଷ୍ଟ ଯେ ସେପର୍ଯ୍ୟନ୍ତ ବାହ୍ୟ କ୍ଷେତ୍ରରେ କୌଣସି ଦିବ୍ୟ ଜୀବନଯାପନ କରିବା ଆଦୌ ସମ୍ଭବ ହେବ ନାହିଁ ।... ଏହି ଆନ୍ତର ଜୀବନ ଥରେ ଗଠିତ ହୋଇଗଲେ ତେଣିକି ଆମର ପରବର୍ତ୍ତୀ ଅଭିନିବେଶ ବା କରଣୀୟ କର୍ମ ହେବ ଆମର ଉପରିଭାଗସ୍ଥ ସମଗ୍ର ବାହ୍ୟ ସତ୍ତାଟିକୁ ଆମର ସମସ୍ତ ଚିନ୍ତା, ଅନୁଭବ ଓ ସଂସାରରେ ଆମର ସମସ୍ତ କର୍ମକୁ ସେହି ଆନ୍ତର ଜୀବନର ଏକ ପୂର୍ଣ୍ଣ ସାମର୍ଥ୍ୟ ଓ ଶକ୍ତିରେ ବଦଳାଇ ଦେବା ।

ଯଦି କେବଳ ଆମେ ଆମର ଗତିଶୀଳ, ସକ୍ରିୟ ଅଂଶରେ ସେହି ଗଭୀରତର ଓ ବୃହତ୍ତର ଜୀବନଧାରାରେ ବାସ କରିପାରିବୁ, ତା'ହେଲେ ଯାଇ ଏକ ମହତ୍ତର ଜୀବନର ସୃଷ୍ଟି ଓ ନିର୍ମାଣ ଲାଗି ଏକ ଶକ୍ତି ଓ ପ୍ରବେଗ ସମ୍ଭବ ହୋଇପାରିବ । ସେତେବେଳେ ମନ ଓ ପ୍ରାଣର କୌଣସି ଶକ୍ତି ବା ପୂର୍ଣ୍ଣତାରେ ହେଉ ବା ସେହି ଅଧ୍ୟାତ୍ମ ସତ୍ତାର କୌଣସି ଶକ୍ତି ଓ ପୂର୍ଣ୍ଣତାରେ ହେଉ ଏହି ପୃଥିବୀକୁ ନୂଆ କରି ଗଢ଼ିବା ସମ୍ଭବ ହେବ । ଏକ ନିଖୁଣ ଓ ପୂର୍ଣ୍ଣାଙ୍ଗ ମାନବ ଜଗତ୍ କେବେହେଲେ ସେହି ମନୁଷ୍ୟମାନଙ୍କ ଦ୍ୱାରା ବା ସେହି ମନୁଷ୍ୟମାନଙ୍କୁ ନେଇ ଗଠିତ ହୋଇ ପାରିବ ନାହିଁ, ଯେଉଁମାନେ ସ୍ୱୟଂ ଅପୂର୍ଣ୍ଣ । ଏପରିକି ଯଦି ବି ଆମର ସମସ୍ତ କ୍ରିୟା-କର୍ମଗୁଡ଼ିକ ଅତି ଯତ୍ନର ସହିତ ଶିକ୍ଷା, ଆଇନକାନୁନ ବା ସାମାଜିକ ଓ ରାଜନୈତିକ କୌଣସି ଯନ୍ତ୍ର ଦ୍ୱାରା ନିୟମିତ ଓ ନିୟନ୍ତ୍ରିତ ହୋଇ ରୁହେ, ତା'ହେଲେ ମଧ୍ୟ ତହିଁରୁ ଯାହା ମିଳିବ ତା' ହେଉଛି ମନସବୁକୁ ଏକ ନିୟମଗତ ଛାଞ୍ଚରେ ଢଳାଇ କରିବା, ଜୀବନସବୁକୁ ଏକ ଯନ୍ତ୍ରବତ୍ ନିର୍ଦ୍ଦିଷ୍ଟ ଢଙ୍ଗରେ ଚାଳିତ କରିବା ଓ ଆଚରଣ ପାଇଁ ଶୃଙ୍ଖଳିତ କୃତ୍ରିମ ଧରାବନ୍ଧା ନମୁନା ଆଣିଦେବା । କିନ୍ତୁ ଏଇ ଧରଣର ରୀତି ବା ନୀତିନିୟମ ମାନି ଚଳିବା ଦ୍ୱାରା ଭିତରର ମଣିଷଟିକୁ ବଦଳାଇ ହେବ ନାହିଁ କି ତାହାକୁ ଗଢ଼ି ହେବ ନାହିଁ । ଏହିପରି କାଟି ଖୋଦାଇ କରି ଏକ ପୂର୍ଣ୍ଣାତ୍ମା ବା ଏକ ପୂର୍ଣ୍ଣ ମନନଶୀଳ ମଣିଷ ବା ଏକ ପୂର୍ଣ୍ଣ ବର୍ଦ୍ଧିଷ୍ଣୁ ଜୀବନ୍ତ ସତ୍ତାକୁ ରୂପଦେଇ ଗଠନ କରି ହେବ ନାହିଁ । କାରଣ ଅନ୍ତରାତ୍ମା, ମନ ଓ ପ୍ରାଣ ହେଉଛି ସତ୍ତାର ଶକ୍ତିସବୁ; ଏଗୁଡ଼ିକର ବିକାଶ ଓ ଅଭିବୃଦ୍ଧି ସାଧନ କରାଯାଇପାରେ କିନ୍ତୁ କାଟି ଖୋଦାଇ କରି ଏଗୁଡ଼ିକୁ ଗଢ଼ାଯାଇ ପାରିବ ନାହିଁ । କୌଣସି ବାହ୍ୟ ପ୍ରକ୍ରିୟା ବା ଗଠନ ଅନ୍ତରାତ୍ମା, ମନ ଓ ପ୍ରାଣର ଅଭିବୃଦ୍ଧିରେ ସହାୟତା କରିପାରେ, ବ୍ୟକ୍ତ କରିପାରେ କିନ୍ତୁ ସେଗୁଡ଼ିକୁ ସୃଷ୍ଟି କରିପାରେ ନାହିଁ ବା ସେଗୁଡ଼ିକର ଯଥାର୍ଥ ବିକାଶ ସାଧନ କରିପାରେ ନାହିଁ । ଅବଶ୍ୟ ସତ୍ତାକୁ ତା'ର ବିକାଶ ସାଧନରେ ଜଣେ ସାହାଯ୍ୟ କରିପାରେ, କିନ୍ତୁ ତାହା କାରଖାନାରେ ଜିନିଷ ତିଆରି କରିଲା ପରି ପ୍ରଚେଷ୍ଟା ଦ୍ୱାରା ନୁହେଁ, ତାହା କରାଯାଇପାରେ ପ୍ରେରଣାଦାୟୀ ପ୍ରଭାବ ପକାଇବା ଦ୍ୱାରା ବା ନିଜର ଆତ୍ମ-ଶକ୍ତି, ମନ ଓ ପ୍ରାଣର ଶକ୍ତି ଦେଇ ତାହାକୁ ବଳୀୟାନ୍ କରିବା ଦ୍ୱାରା; କିନ୍ତୁ ତଥାପି ମଧ୍ୟ ତାହାର ସମସ୍ତ ବିକାଶ ଓ ଅଭିବୃଦ୍ଧି ବାହାରୁ ନୁହେଁ କେବଳ ଭିତରୁ ହିଁ ଆସିବା ଆବଶ୍ୟକ । ସେହି ସମସ୍ତ ପ୍ରଭାବ ଓ ଶକ୍ତିର କିପରି ଉପଯୋଗ କରାଯିବ ତାହାର ନିର୍ଦ୍ଧାରଣ ବାହାରୁ ନୁହେଁ, ସେହି ଭିତରୁ ହିଁ ହେବା ଆବଶ୍ୟକ, ଏହା ହିଁ ହେଉଛି ପ୍ରଥମ ସତ୍ୟ ଯାହାକୁ ଆମ ସୃଜନଶୀଳ ଉତ୍ସାହ ଓ ଅଭୀପ୍ସାକୁ ଶିଖିବା ପାଇଁ ହେବ, ତା' ନହେଲେ ଆମର ସମସ୍ତ ମାନବୀୟ ପ୍ରଚେଷ୍ଟାର କପାଳଲିଖନ ହେବ କେବଳ ଏକ ବ୍ୟର୍ଥ ଭଉଁରିରେ ଘୂରି ବୁଲିବା ଏବଂ ଏପରି ଏକ ତଥାକଥିତ ସଫଳତାରେ ତାହାର ସମାପ୍ତି ଘଟିବ ଯାହା କେବଳ ଏକ ମନୋହାରୀ ବ୍ୟର୍ଥତା ଛଡ଼ା ଅଧିକ କିଛି ନୁହେଁ ।

(Bulletin, Nov. 2005, p. 32)

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ଦଶମ ଅଧ୍ୟାୟ)

## ବିଶ୍ୱରୂପ ଦର୍ଶନ – ସଂହାରକ ମହାକାଳ

**ଶେଖ ଅବଦୁଲ କାଶମ**

ଦିବ୍ୟଗୁରୁ ଶ୍ରୀକୃଷ୍ଣ କୃପାପୂର୍ବକ ଅର୍ଜୁନଙ୍କୁ ପରମଗୁହ୍ୟ ଅଧ୍ୟାତ୍ମ ତତ୍ତ୍ୱ ଶୁଣାଇଛନ୍ତି । ସେ ପ୍ରକାଶ କରିଛନ୍ତି ଯେ ଭଗବାନଙ୍କଠାରୁ ସବୁକିଛିର ଉତ୍ପତ୍ତି, ସମସ୍ତ ବସ୍ତୁ ଭିତରେ ଭଗବାନ୍ ହିଁ ବାସ କରୁଛନ୍ତି । ସମସ୍ତ ହିଁ ଭଗବାନ୍ ଏବଂ ପ୍ରତ୍ୟେକଟି ସସୀମ ବସ୍ତୁ ଭିତରେ ତାଙ୍କୁ ପ୍ରକଟ କରାଯାଇ ପାରେ । ଭଗବାନଙ୍କୁ ଛାଡ଼ି କୌଣସି ବ୍ୟକ୍ତି ବା ବସ୍ତୁ ସ୍ୱାଧୀନ ରୂପେ ତିଷ୍ଠି ରହି ପାରିବ ନାହିଁ । ଭଗବାନଙ୍କ ବିଭିନ୍ନ ସ୍ୱରୂପ ଓ ସ୍ଥିତି, ପ୍ରକୃତି ଓ ପୁରୁଷର ରହସ୍ୟମୟ ଲୀଳା, ଜନ୍ମ ଓ ମୃତ୍ୟୁର ତାତ୍ପର୍ଯ୍ୟ, କର୍ମଯୋଗର ଗୋପନ ରହସ୍ୟ, ଜ୍ଞାନ ଓ ଭକ୍ତିର ମହିମା ଇତ୍ୟାଦି ଅନେକ ବିଷୟରେ ଅର୍ଜୁନ ଦିବ୍ୟାବତାର ଶ୍ରୀକୃଷ୍ଣଙ୍କ ପାଖରୁ ଶୁଣି ସାରିଛନ୍ତି । ବର୍ତ୍ତମାନ ସେ ଚାହାଁନ୍ତି ଭଗବାନଙ୍କର ପ୍ରତ୍ୟକ୍ଷ ରୂପ ଓ ଶରୀରକୁ (ରୂପମୈଶ୍ୱରମ୍) ଦର୍ଶନ କରିବା ପାଇଁ । ଯେଉଁ ବିଶ୍ୱାଧିପତି ପରମାତ୍ମା ବିଶ୍ୱ ମଧ୍ୟରେ ପ୍ରକଟିତ ଏବଂ ଯାହାଙ୍କ ନିର୍ଦ୍ଦେଶରେ ପୃଥିବୀରେ ମନୁଷ୍ୟକୁ କର୍ତ୍ତବ୍ୟ-କର୍ମ କରିବାକୁ ହେବ, ତାଙ୍କ ଅକ୍ଷର ଅବିନାଶୀ ସ୍ୱରୂପର ଦର୍ଶନ ଲାଭ କଲେ ସେ ନିଜକୁ କୃତାର୍ଥ ଅନୁଭବ କରିବେ ଏବଂ ନିଜ ଜୀବନର ମାର୍ଗ ସମ୍ପର୍କରେ ଦୃଢ଼ ନିଶ୍ଚିତ ହେବେ । ସେହି ଦର୍ଶନ ପାଇଁ ତାଙ୍କ କୌତୂହଳ ଓ ଆଗ୍ରହ ଥିଲା ଦୁର୍ନିବାର ଓ ଆନ୍ତରିକ ।

କିନ୍ତୁ ଭଗବାନଙ୍କ ଦିବ୍ୟରୂପ ଦର୍ଶନ ମାନବୀୟ ଚକ୍ଷୁରେ ସମ୍ଭବ ନୁହେଁ, ଏଥିପାଇଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କୃପାପୂର୍ବକ ଦିବ୍ୟ ଦୃଷ୍ଟି ପ୍ରଦାନ କଲେ ଯଦ୍ଦ୍ୱାରା ସେ ଭଗବାନଙ୍କ ସହସ୍ର ସହସ୍ର ଦିବ୍ୟ ରୂପ ଦର୍ଶନ କରିପାରିବେ । ବହୁବର୍ଣ୍ଣ ସମନ୍ୱିତ ଓ ବହୁ ଆକୃତି ବିଶିଷ୍ଟ ସେହି ଅପରୂପ ଦିବ୍ୟ ଶରୀରର ଦର୍ଶନ ଭିତରେ ଯେଉଁ ମୂଳଭାବ ବା ତାତ୍ପର୍ଯ୍ୟ ରହିଛି ତାହା ହେଲା – ଏକତ୍ୱ ମଧ୍ୟରେ ବହୁତ୍ୱର ଦର୍ଶନ ଏବଂ ବହୁତ୍ୱ ମଧ୍ୟରେ ଏକତ୍ୱର ଦର୍ଶନ । ଏହି ଦୁର୍ଲଭ ଓ ଅଦ୍ଭୁତ ଦର୍ଶନ ଏପରି ଶକ୍ତିଶାଳୀ ଯେ ତାହା ମନରୁ ସମସ୍ତ ସଂଶୟ ଓ ଭ୍ରାନ୍ତିକୁ ନିର୍ମୂଳ କରି ଦିଏ । ତାହା ସମସ୍ତ ବିରୋଧ ମଧ୍ୟରେ ସମନ୍ୱୟ ସୃଷ୍ଟି କରିପାରେ । ଏପରି ଦର୍ଶନ ସକଳ ମୋହକୁ ଛିନ୍ନ କରେ ଏବଂ ମୁକ୍ତିର ଉପଲବ୍ଧି ଆଣି ଦିଏ । ଏକ ସର୍ବାଲିଙ୍ଗନକାରୀ ଆନନ୍ଦ ଓ ସାମର୍ଥ୍ୟପୂର୍ଣ୍ଣ ସାହସ ସହିତ ଜଗତକୁ ଗ୍ରହଣ କରିବା ସହଜସାଧ୍ୟ ହୋଇଯାଏ । ଜଗତରେ ଯାହାକିଛି ଭୀଷଣ, କୁତ୍ସିତ ଓ ଭୟଙ୍କର ତାହା ମଧ୍ୟ ମନରେ ଆଉ ଭୟ ବା ବିକର୍ଷଣ ଭାବ ସୃଷ୍ଟି କରେ ନାହିଁ । ଯୋଗଶକ୍ତି ଦ୍ୱାରା ଯଦି ଜଣେ ଦିବ୍ୟ ଦୃଷ୍ଟି ପ୍ରାପ୍ତ କରେ ତାହା ହେଲେ ସେ ଦିବ୍ୟ ଜ୍ଞାନ ଓ ଅଖଣ୍ଡ ଦୃଷ୍ଟି ସହ ଜଗତର ସବୁକିଛିକୁ ଦେଖେ । ସେ ସବୁକିଛି ମଧ୍ୟରେ ଏକତ୍ୱ ସ୍ଥାପନ କରିପାରେ । ସବୁ ସମ୍ବନ୍ଧର ଆଧ୍ୟାତ୍ମିକ ମହତ୍ତ୍ୱକୁ ବୁଝିପାରେ । ଯାହାକିଛି ସେ ଦେଖିବାକୁ ଇଚ୍ଛା କରେ (ଯଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି) ତାହା ସେ ଦେଖିବାକୁ ସମର୍ଥ ହୁଏ । ସକଳ ବସ୍ତୁର ମୂଳ ତାତ୍ପର୍ଯ୍ୟକୁ ସେ ଆବିଷ୍କାର କରିପାରେ ।

ଦିବ୍ୟ ପ୍ରେରଣା ଓ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ଲାଗି ନିଜକୁ ପ୍ରସ୍ତୁତ କରୁଥିବା ଯୋଗ୍ୟ ବ୍ୟକ୍ତି ଥିଲେ ମହାବୀର ଅର୍ଜୁନ । ସେ ଭଗବାନଙ୍କ ପରମ ରୂପକୁ ତଥା ଐଶ୍ୱରିକ ସାମର୍ଥ୍ୟ (ଯୋଗମୈଶ୍ୱରମ୍)କୁ ଦର୍ଶନ କରିବାର ଅପୂର୍ବ ସୁଯୋଗ ଲାଭ କଲେ । ସେ ଯାହା ଦର୍ଶନ କଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ଗୀତା ତା'ର ନିମ୍ନ ପ୍ରକାରେ ବର୍ଣ୍ଣନା କରିଛି –

''ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍ ।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ॥''
(୧୧/୧୦)

ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ॥''
(୧୧/୧୧)

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ ଯୁଗପଦୁତ୍‌ଥିତା ।
ଯଦି ଭାଃ ସଦୃଶୀ ସା ସ୍ୟାଭାସସ୍ତସ୍ୟ ମହାତ୍ମନଃ ॥''
(୧୧/୧୨)

ଅର୍ଥାତ୍, ''ଯାହାଙ୍କର ଅନେକ ମୁଖ ଓ ନେତ୍ର, ନାନା ପ୍ରକାର ଅଦ୍ଭୁତ ରୂପ ଓ ଅନେକ ଦିବ୍ୟ ଆଭୂଷଣ ରହିଛି, ଯାହାଙ୍କ ହାତରେ ଦିବ୍ୟ ଆୟୁଧ ରହିଛି ତଥା ଯାହାଙ୍କ ଗଳାରେ ଦିବ୍ୟମାଳା ଶୋଭା ପାଉଛି, ଯିଏ ଦିବ୍ୟ ବସ୍ତ୍ର ପରିଧାନ କରିଛନ୍ତି ତଥା ଯାହାଙ୍କର ଶରୀର ଦିବ୍ୟଗନ୍ଧର ଅନୁଲେପନରେ ସୁବାସିତ, ସେପରି ଅତି ଆଶ୍ଚର୍ଯ୍ୟମୟ ଅନନ୍ତ ରୂପଶାଳୀ ତଥା ସବୁ ଦିଗକୁ ମୁଖ ଥିବା ନିଜର ଦିବ୍ୟ ସ୍ୱରୂପକୁ ଭଗବାନ୍ ଦେଖାଇଲେ । ଯଦି ଆକାଶରେ ଏକାବେଳେ ସହସ୍ର ସୂର୍ଯ୍ୟ ଉଦିତ ହୁଅନ୍ତି ତଥାପି ସେମାନଙ୍କ ଜ୍ୟୋତିଃ ମିଶି ସେହି ମହାତ୍ମାଙ୍କ (ବିରାଟ ରୂପ ପରମାତ୍ମାଙ୍କ) ଜ୍ୟୋତିଃ ସହିତ ସମାନ ହେବ କି ନାହିଁ ସନ୍ଦେହ ଅର୍ଥାତ୍ ସମାନ ହୋଇ ପାରିବ ନାହିଁ ।''

ଏଠାରେ ଭଗବାନଙ୍କର ମଧୁର, ସୁନ୍ଦର ଓ ଅତ୍ୟାଶ୍ଚର୍ଯ୍ୟମୟ ବିରାଟ ରୂପକୁ ବର୍ଣ୍ଣନା କରାଯାଇଛି । ଭଗବାନ୍ ତାଙ୍କ ନିଜ ସତ୍ତାର ଚମତ୍କାର ରୂପସବୁକୁ ଅନନ୍ତ ଭାବରେ ପ୍ରକଟ କରି ଚାଲିଛନ୍ତି । ଅର୍ଜୁନ ଦେଖିଲେ ଯେ ସେହି ପରମଦେବଙ୍କ ଶରୀରରେ ସମଗ୍ର ଜଗତ୍ ବହୁଧା ବିଭକ୍ତ ଅଥଚ ଏକୀଭୂତ ହୋଇ ରହିଛି । ମାତ୍ର ଭଗବାନଙ୍କ ଭୀଷଣ, ଉଗ୍ର ଓ ବିକଟ ରୂପ ମଧ୍ୟ ଅର୍ଜୁନଙ୍କୁ ଦୃଶ୍ୟ ହୋଇଛି । ଅସଂଖ୍ୟ ବାହୁ, ଅସଂଖ୍ୟ ଉଦର ଓ ଅସଂଖ୍ୟ ନେତ୍ର ବିଶିଷ୍ଟ ଭଗବାନଙ୍କ ଦେହ ଅଦ୍ଭୁତ ଦେଖା ଯାଉଛି । ସେଥିରେ ସମସ୍ତ ଦେବତା, ବିଶେଷ ବିଶେଷ ଭୂତବର୍ଗ, ସୃଷ୍ଟିକର୍ତ୍ତା ବ୍ରହ୍ମା, ଋଷିଗଣ ଓ ଦିବ୍ୟସର୍ପସମୂହ ସ୍ଥାନ ପାଇଛନ୍ତି । ଅର୍ଜୁନ ଭଗବାନଙ୍କ ସେହି ବିଶ୍ୱ ରୂପର ଆଦି, ମଧ୍ୟ ଓ ଅନ୍ତ ଦେଖିପାରି ନାହାନ୍ତି । ସେ ଏହି ଅଦୃଷ୍ଟପୂର୍ବ ରୂପ ଦର୍ଶନ କରି ବିସ୍ମୟ, ହର୍ଷ ଓ ଭୟରେ ଅଭିଭୂତ ହୋଇଛନ୍ତି । ନତମସ୍ତକ ହୋଇ ଯୋଡ଼ହସ୍ତପୂର୍ବକ ସେ ଭଗବାନଙ୍କୁ ଭକ୍ତିପୂର୍ଣ୍ଣ ନମସ୍କାର କରିଛନ୍ତି । ସେହି ଅପ୍ରମେୟ ପରମ ସତ୍ତାଙ୍କଠାରେ ନିଜ ହୃଦୟର ଭାବ ବ୍ୟକ୍ତ କରି ସେ କହି ଉଠିଛନ୍ତି –

''ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ
ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା
ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ॥''
(୧୧/୧୮)

ଅର୍ଥାତ୍, ''ଆପଣ ହିଁ ପରମ ଅକ୍ଷର ଯାହାଙ୍କୁ ଆମକୁ ଜାଣିବାକୁ ହେବ, ଆପଣ ଏହି ବିଶ୍ୱର ପରମ ଆଧାର ଓ ଆଶ୍ରୟ, ଆପଣ ହିଁ ଶାଶ୍ୱତ ଧର୍ମ ସମୂହର ଅବିନଶ୍ୱର ରକ୍ଷକ, ଆପଣ ହିଁ ଜଗତର ସନାତନ ଆତ୍ମା, ସନାତନ ପୁରୁଷ ।''

ଅନାଦି, ଅନନ୍ତ, ସର୍ବବ୍ୟାପୀ ପରମପୁରୁଷ ତାଙ୍କର ଯେଉଁ ବିରାଟ ରୂପ ପ୍ରଦର୍ଶନ କରିଛନ୍ତି ସେଥିରେ ସଂହାରକର ଭୀଷଣ ରୂପ ମଧ୍ୟ ରହିଛି । ସେ ତାଙ୍କର ଲକ୍ଷ ଲକ୍ଷ ବାହୁ ଦ୍ୱାରା ସୃଷ୍ଟ ଜୀବମାନଙ୍କୁ ସଂହାର କରୁଛନ୍ତି । ଯେଉଁ ଜଗତ୍ ସମୂହକୁ ସେ ଆଲିଙ୍ଗନ କରି ରହିଛନ୍ତି ସେସବୁକୁ ଧ୍ୱଂସ କରିବାକୁ ମଧ୍ୟ ସେ ପ୍ରବୃତ୍ତ ହେଉଛନ୍ତି । ତାଙ୍କର ମୁଖମଣ୍ଡଳ ପ୍ରଜ୍ୱଳିତ ଅଗ୍ନି ପରି (ଦୀପ୍ତହୁତାଶବକ୍ତ୍ରମ୍) ଦେଖା ଯାଉଛି । ସୂର୍ଯ୍ୟ ଓ ଚନ୍ଦ୍ର ତାଙ୍କର ନେତ୍ର ସଦୃଶ । ସେ ନିଜର ତେଜୋବହ୍ନିରେ ସମଗ୍ର ବିଶ୍ୱକୁ ନିରନ୍ତର ସନ୍ତପ୍ତ କରୁଛନ୍ତି । (ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍) । ଦେବସଂଘମାନେ (ସୁରସଂଘାଃ) ଭୟାର୍ତ୍ତ ହୋଇ ସ୍ତବ କରି କରି ତାଙ୍କ ଭିତରେ ପ୍ରବେଶ କରୁଛନ୍ତି । ମହର୍ଷି ଓ ସିଦ୍ଧମାନେ ''ଶାନ୍ତି ଓ ମଙ୍ଗଳ ହେଉ'' ବୋଲି ସ୍ୱସ୍ତିବାକ୍ୟ ଉଚ୍ଚାରଣପୂର୍ବକ ତାଙ୍କର ସ୍ତୁତି କରୁଛନ୍ତି ।

ତାଙ୍କର ମୁଖମଣ୍ଡଳ କରାଳ ଦଂଷ୍ଟ୍ରାଯୁକ୍ତ ଓ ଭକ୍ଷଣ କରିବା ପାଇଁ ବିସ୍ତାରିତ । କୁରୁକ୍ଷେତ୍ରରେ ଯୁଦ୍ଧରତ ନୃପତି, ସେନାପତି ଓ ବୀରଗଣ ଏହାଙ୍କର ଅସଂଖ୍ୟ ମୁଖ ମଧ୍ୟରେ କ୍ଷିପ୍ର ଗତିରେ ପ୍ରବିଷ୍ଟ ହେଉଛନ୍ତି ଏବଂ କାହାର କାହାର ମସ୍ତକ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ବିଶାଳ ଦଂଷ୍ଟ୍ରାର ସନ୍ଧିସ୍ଥଳରେ ଲାଖି ରହିଥିବାର ଦୃଶ୍ୟ ହେଉଛି । ନଦୀମାନେ ଯେପରି ସମୁଦ୍ର ଅଭିମୁଖରେ ସ୍ୱାଭାବିକ ଭାବେ ଧାବମାନ ହୁଅନ୍ତି, ପତଙ୍ଗମାନେ ଯେପରି ନିଜକୁ ବିନାଶ କରିବା ସକାଶେ ଦ୍ରୁତଗତିରେ ଧାବିତ ହୋଇ ପ୍ରଜ୍ୱଳିତ ଅଗ୍ନିରେ ପ୍ରବିଷ୍ଟ ହୁଅନ୍ତି ସେହିପରି ଲୋକସମୂହ ମୃତ୍ୟୁ ଲଭିବା ନିମନ୍ତେ ଅସହାୟ ଓ ଅବଶ ଭାବରେ ତାହାଙ୍କର ଅଗ୍ନିମୟ ମୁଖ ଗହ୍ୱରରେ ପ୍ରବେଶ କରୁଛନ୍ତି । ଭଗବାନଙ୍କର ସେହି କରାଳ ମୂର୍ତ୍ତି ପ୍ରଜ୍ୱଳିତ ମୁଖ ଦ୍ୱାରା ଚତୁର୍ଦ୍ଦିଗକୁ ଲେହନ ଓ ଗ୍ରାସ କରି ଯାଉଛି । ବିନାଶ, ଭୟ ଓ ଯନ୍ତ୍ରଣାର ଏହି ଲୋମହର୍ଷଣକାରୀ ଦୃଶ୍ୟ ଦେଖି ଜଗତବାସୀ ବ୍ୟଥିତ ହେଉଛନ୍ତି । ଅର୍ଜୁନଙ୍କୁ ମଧ୍ୟ ଏହି ଭୟଙ୍କର ଦୃଶ୍ୟ ସନ୍ତପ୍ତ ଓ କାତର କରି ପକାଇଛି । ସେ ଧୈର୍ଯ୍ୟ ଓ ଶାନ୍ତି ପାଇପାରୁ ନାହାନ୍ତି (ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ) । ସେ ଭଗବାନଙ୍କ ଉଦ୍ଦେଶ୍ୟରେ ବିକଳରେ କହି ଉଠିଛନ୍ତି – ''ମୋତେ କୁହନ୍ତୁ ଯେ ଉଗ୍ରରୂପଧାରୀ

ଆପଣ କିଏ ? ହେ ଦେବଶ୍ରେଷ୍ଠ ! ଆପଣଙ୍କୁ ନମସ୍କାର । ଆପଣ ପ୍ରସନ୍ନ ହୁଅନ୍ତୁ । ଆଦିରୂପ ଆପଣଙ୍କୁ ମୁଁ ତତ୍ତ୍ୱତଃ ଓ ଯଥାର୍ଥ ରୂପେ ଜାଣିବାକୁ ଚାହୁଁଛି । କାରଣ ଆପଣ କାହିଁକି ଏପରି କାର୍ଯ୍ୟରେ ପ୍ରବୃତ୍ତ ହୋଇଛନ୍ତି ଏବଂ ଆପଣଙ୍କର ସଂକଳ୍ପ କ'ଣ ତାହା ମୁଁ ଜାଣି ପାରୁ ନାହିଁ (ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍) ।

ଭଗବାନଙ୍କ ବିଶ୍ୱରୂପର ଦୁଇଟି ବିଭାବ ଆମ ଆଗରେ ପ୍ରକାଶିତ ହେଉଛି । ପ୍ରଥମତଃ ଭଗବାନ୍ ହେଉଛନ୍ତି ସନାତନ ପୁରାଣ ପୁରୁଷ (ସନାତନଂ ପୁରୁଷଂ ପୁରାଣମ୍) । ସେ ଚିରକାଳ ସୃଷ୍ଟି କରି ଚାଲିଛନ୍ତି, କାରଣ ସୃଷ୍ଟିକର୍ତ୍ତା ବ୍ରହ୍ମା ତାଙ୍କର ଦେହରେ ଅଂଶୀଭୂତ ଦେବମାନଙ୍କ ମଧ୍ୟରୁ ଜଣେ । ଜଗତର ସ୍ଥିତି ତାଙ୍କରି ଉପରେ ନିର୍ଭରଶୀଳ, ସେ ହେଉଛନ୍ତି ଶାଶ୍ୱତ ଧର୍ମର ରକ୍ଷକ (ଶାଶ୍ୱତଧର୍ମଗୋପ୍ତା) । ଦ୍ୱିତୀୟତଃ ଭଗବାନ୍ ସୃଷ୍ଟିର କୌଣସି ନା କୌଣସି ଅଂଶକୁ ଧ୍ୱଂସ କରି ଚାଲିଛନ୍ତି ଯେପରିକି ସେ ପୁନର୍ବାର ନୂତନ ସୃଷ୍ଟି କରି ପାରିବେ । ସେ ହେଉଛନ୍ତି କାଳ, ସେ ହେଉଛନ୍ତି ମୃତ୍ୟୁ, ସେ ପୁଣି ରୁଦ୍ର ଓ କାଳୀ । ଅସୁରମାନଙ୍କୁ ବିନାଶ କରିବା ତଥା ଭୂମିକମ୍ପ, ଦୁର୍ଭିକ୍ଷ, ବିପ୍ଲବ, ବିଶ୍ୱବ୍ୟାପକ ମହାମାରୀ, ଦାବାନଳ, ଘୂର୍ଣ୍ଣି ଓ ନାନାଦି ଧ୍ୱଂସ ଘଟାଇବାରେ ମଧ୍ୟ ତାଙ୍କର ସଂକଳ୍ପ କାର୍ଯ୍ୟ କରୁଛି । ମନୁଷ୍ୟର ଦୁର୍ବଳ ହୃଦୟ ଭଗବାନଙ୍କ ସୌମ୍ୟ, ମନୋରମ, କରୁଣାମୟ ଓ ମଙ୍ଗଳମୟ ରୂପକୁ ତ ଆନନ୍ଦରେ ସ୍ୱୀକାର କରେ, ସ୍ୱାଗତ କରେ । ମାତ୍ର ଭଗବାନଙ୍କ ଭୟଙ୍କର ଓ ଧ୍ୱଂସକାରୀ ରୂପକୁ ସେ ଗ୍ରହଣ କରିପାରେ ନାହିଁ । ଶ୍ରୀଅରବିନ୍ଦ କହନ୍ତି ଯେ ଅପରିପକ୍ୱ ଧର୍ମପନ୍ଥୀ (raw religionist), ଅଗଭୀର ଆଶାବାଦୀ (superficial optimistic thinker), ଭାବପ୍ରବଣ ଆଦର୍ଶବାଦୀ (sentimental idealist) ଏବଂ ନିଜର ଇନ୍ଦ୍ରିୟ ଓ ହୃଦୟାବେଗର ଦାସତ୍ୱ ବରଣ କରିଥିବା ମନୁଷ୍ୟ, ଏମାନେ ଭଗବାନଙ୍କ ଭୀଷଣତର ବିଭାବସବୁରୁ ନିଷ୍କୃତି ପାଇବାକୁ ଚାହାନ୍ତି । ବିଶ୍ୱ ଜୀବନର କଠୋର ବାସ୍ତବତାରୁ ଏମାନେ ମୁହଁ ମୋଡ଼ି ଚାଲି ଯିବାକୁ ଚାହାନ୍ତି । କିନ୍ତୁ ଭାରତୀୟ ଧର୍ମର ବିଶେଷତ୍ୱ ହେଲା ଏହା ଭଗବାନଙ୍କର ମଧୁର ଓ ସୁନ୍ଦର ରୂପଗୁଡ଼ିକ ସଙ୍ଗେ ସଙ୍ଗେ ତାଙ୍କର ଭୀଷଣ ରୂପସବୁର ପ୍ରତୀକ ମଧ୍ୟ ଗଠନ କରିଛି ଏବଂ ସେଗୁଡ଼ିକୁ ନିଜ ସମ୍ମୁଖରେ ରଖିଛି । ଭାରତରେ ଆଧ୍ୟାତ୍ମିକ ଉପଲବ୍ଧିର ଗଭୀରତା ଓ ବିଶାଳତା ଏଥିରୁ ପ୍ରମାଣିତ ହୁଏ ।

ଗୀତା ଭଗବାନଙ୍କ ପ୍ରେମ, ଶାନ୍ତି ଓ ସ୍ଥିର ଶାଶ୍ୱତତାର ସ୍ୱରୂପ ବିଷୟରେ ବର୍ଣ୍ଣନା କରିଛି । ସର୍ବଭୂତର ପ୍ରେମିକ ଓ ସଖା ରୂପେ ଭଗବାନ୍ ଆମର ପରମ ମଙ୍ଗଳକାରୀ – ଏହି ଆଶ୍ୱାସନା ଆମେ ଗୀତାରୁ ପାଇଛୁ । କିନ୍ତୁ ସେହି ଭଗବାନ୍ ଯେ ପୁଣି ଜଗତ୍-ପରିଚାଳନା ନିମିତ୍ତ ଆବଶ୍ୟକସ୍ଥଳେ ଭୀଷଣ ରୂପ ଧାରଣ କରି ଧ୍ୱଂସ ସାଧନ ମଧ୍ୟ କରନ୍ତି – ଏହି ସତ୍ୟଟିକୁ ମଧ୍ୟ ଆମକୁ ଗ୍ରହଣ କରିବାକୁ ହେବ, କାରଣ ଧ୍ୱଂସ ତାଙ୍କ ପ୍ରେମାଭିବ୍ୟକ୍ତିର ହିଁ ଏକ ପ୍ରୟୋଜନୀୟ ଦିଗ ।

ଜଗତ୍ ହେଉଛି ସଂଗ୍ରାମ ଓ କଷ୍ଟକର ପ୍ରୟାସର କ୍ଷେତ୍ର । ଏଠାରେ ପ୍ରତି ପଦକ୍ଷେପରେ ସଂକଟ ଓ ବିନାଶ ଅପେକ୍ଷା କରି ରହିଛି । କେଉଁ ମୁହୂର୍ତ୍ତରେ କେଉଁ ଜିନିଷ ବା ଜୀବ ଦଳିତ ଓ ଚୂର୍ଣ୍ଣବିଚୂର୍ଣ୍ଣ ହେବ ତାହା କହି ହେବ ନାହିଁ । ଏଠାରେ ଜୀବନର ପ୍ରତ୍ୟେକ ନିଃଶ୍ୱାସ ମରଣର ନିଃଶ୍ୱାସ ମଧ୍ୟ ହୋଇପାରେ । ଏହି ଭୟଙ୍କର ଓ ବିପଜ୍ଜନକ ବିଶ୍ୱସ୍ଥିତି ପାଇଁ ଆମେ ସଇତାନକୁ ଦାୟୀ କରିପାରିବା ନାହିଁ କିଂବା ପ୍ରକୃତିକୁ ମଧ୍ୟ ଦାୟୀ କରି ପାରିବା ନାହିଁ । ଏଥିପାଇଁ ମନୁଷ୍ୟ ଓ ତା'ର ପାପ ସମୂହ ଉପରେ ସବୁତକ ଦୋଷ ଲଦି ଦେଲେ ବି ଚଳିବ ନାହିଁ । ଏ ପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କ ଅତି ଚମତ୍କାର ପ୍ରାଜ୍ଞ ପରାମର୍ଶ ହେଉଛି –

"We have to look courageously in the face of the reality and see that it is God and none else who has made this world in his being and that so he has made it. We have to see that Nature devouring her children, Time eating up the lives of creatures, Death universal and ineluctable and the violence of the Rudra forces in man and Nature are also the supreme Godhead in one of his cosmic figures. We have to see that God the bountiful and prodigal creator, God the helpful, strong and benignant preserver is also God the devourer and destroyer. The torment of the couch of pain and evil on which we are racked is his touch as much as happiness and sweetness and pleasure. It is only when we see with the eye of the complete union and feel this truth in the

depths of our being that we can entirely discover behind that mask too the calm and beautiful face of the all-blissful Godhead and in this touch that tests our imperfection the touch of the friend and builder of the spirit in man.”

(Essays on the Gita, P. 382)

ଅର୍ଥାତ୍, ‘‘ଆମକୁ ସାହସର ସହିତ ସିଧାସଳଖ ସତ୍ୟକୁ ଚାହିଁ ଦେଖିବାକୁ ହେବ ଏବଂ ଦେଖିବାକୁ ହେବ ଯେ ଆଉ କେହି ନୁହେଁ, ସ୍ୱୟଂ ଭଗବାନ୍ ହିଁ ନିଜ ସତ୍ତା ମଧ୍ୟରେ ଏହି ଜଗତକୁ ନିର୍ମାଣ କରିଛନ୍ତି ଏବଂ ସେ ଏହାକୁ ଏହି ଭାବରେ ହିଁ ନିର୍ମାଣ କରିଛନ୍ତି । ଆମକୁ ଦେଖିବାକୁ ହେବ ଯେ ସ୍ୱୟଂ ପ୍ରକୃତି ହିଁ ନିଜର ସନ୍ତାନମାନଙ୍କୁ ଗ୍ରାସ କରୁଛି, କାଳ ଜୀବସମୂହକୁ ଭକ୍ଷଣ କରୁଛି; ଏବଂ ସର୍ବବ୍ୟାପୀ ଅଲଂଘ୍ୟ ମୃତ୍ୟୁ ଓ ମନୁଷ୍ୟ ତଥା ପ୍ରକୃତି ଭିତରେ ଥିବା ରୁଦ୍ର ଶକ୍ତିର ଉଗ୍ର ପ୍ରଚଣ୍ଡତା – ଏସବୁ ହିଁ ସ୍ୱୟଂ ପରମ ଭଗବାନଙ୍କର ଅନ୍ୟତମ ବିଶ୍ୱରୂପ । ଆମକୁ ଦେଖିବାକୁ ହେବ ଯେଉଁ ଭଗବାନ୍ ଉଦାର ଓ ମୁକ୍ତହସ୍ତ ଅମିତ ସ୍ରଷ୍ଟା, ସର୍ବସହାୟକ, ଶକ୍ତିମାନ୍ ଓ କରୁଣାମୟ ରକ୍ଷାକର୍ତ୍ତା, ସେହି ଭଗବାନ୍ ହିଁ ପୁଣି ଭକ୍ଷଣକାରୀ ସଂହାରକ ଓ ଧ୍ୱଂସକର୍ତ୍ତା । ସୁଖ, ମାଧୁର୍ଯ୍ୟ ଓ ଆନନ୍ଦ ଯେପରି ତାଙ୍କର ସ୍ପର୍ଶ; ସେହିପରି ଯେଉଁ ଦୁଃଖ, ଅଶୁଭ ଓ ସନ୍ତାପର ପୀଡ଼ନରେ ଆମେ ଦୁର୍ବିସହ ଯନ୍ତ୍ରଣା ଭୋଗ କରୁ, ତାହା ମଧ୍ୟ ତାଙ୍କରି ସ୍ପର୍ଶ । ଯେତେବେଳେ ଆମେ ପୂର୍ଣ୍ଣ ମିଳନର ଦୃଷ୍ଟି ନେଇ ଦେଖୁ ଏବଂ ଆମ ସତ୍ତାର ଗଭୀରରେ ଏହି ସତ୍ୟକୁ ଉପଲବ୍ଧି କରୁ କେବଳ ସେତେବେଳେ ହିଁ ଆମେ ଏହିସବୁ ଛଦ୍ମବେଶର ପଶ୍ଚାତରେ ସର୍ବଆନନ୍ଦମୟ ଭଗବାନଙ୍କର ଶାନ୍ତ ଓ ସୁନ୍ଦର ମୁଖକୁ ପୂର୍ଣ୍ଣ ଭାବରେ ଆବିଷ୍କାର କରିପାରୁ ଏବଂ ଆମର ଅପୂର୍ଣ୍ଣତାକୁ ପରୀକ୍ଷା କରୁଥିବା ଏହିସବୁ ସ୍ପର୍ଶ ଭିତରେ ଆମେ ସଖାର ସ୍ପର୍ଶ ଓ ମନୁଷ୍ୟର ଆତ୍ମାର ନିର୍ମାତାର ସ୍ପର୍ଶ ଅନୁଭବ କରିପାରୁ ।’’ (ଗୀତା-ନିବନ୍ଧମାଳା, ପୃ. ୪୭୨-୪୭୩)

ଜଗତରେ ନାନା ଦୁଃଖ, ଦ୍ୱନ୍ଦ୍ୱ ଓ ବିରୋଧାଭାସ ରହିଛି । ତାକୁ ଦେଖିଲେ ମନ ବିଭ୍ରାନ୍ତ ଓ ଭୟଭୀତ ହୋଇଉଠେ । ହୃଦୟରେ ନୈରାଶ୍ୟ, ଅବସାଦ, ବିଦ୍ରୋହ ଭାବ, ସଂଶୟ ଓ ଅସନ୍ତୋଷ ଜାତ ହୁଏ । ଭଗବାନଙ୍କ ଉପରେ ଅଭିଯୋଗ, ଅଭିମାନ ଏବଂ ଯାବତୀୟ ଦୋଷ ଅଜାଡ଼ି ଦେବା ପାଇଁ ମନୁଷ୍ୟ ପ୍ରବୃତ୍ତ ହୁଏ । ଏଥିରୁ ଆମକୁ ରକ୍ଷା କରିବା ପାଇଁ ଶ୍ରୀଅରବିନ୍ଦ ପ୍ରଭାବଶାଳୀ ଭାଷାରେ ସତ୍ୟ ମାର୍ଗକୁ ଆମ ସମ୍ମୁଖରେ ଆଣି ରଖିଛନ୍ତି –

“The discords of the worlds are God’s discords and it is only by accepting and proceeding through them that we can arrive at the greater concords of his supreme harmony, the summits and thrilled vastnesses of his transcendent and his cosmic Ananda.”

(Essays on the Gita, P. 382)

ଅର୍ଥାତ୍, ‘‘ଜଗତରେ ଯାହାସବୁ ଦ୍ୱନ୍ଦ୍ୱ-ବିରୋଧ ତାହା ଭଗବାନଙ୍କର ହିଁ ଦ୍ୱନ୍ଦ୍ୱ-ବିରୋଧ ଏବଂ ସେସବୁକୁ ସ୍ୱୀକାର କରି ନେବା ଦ୍ୱାରା ଏବଂ ସେସବୁର ଭିତର ଦେଇ ଅଗ୍ରସର ହେବା ଦ୍ୱାରା ହିଁ ଆମେ ତାଙ୍କର ପରମ ସାମଞ୍ଜସ୍ୟ ଓ ସୁସାମ୍ୟର ମହତ୍ତର ସୁରସଙ୍ଗତି ଭିତରେ ତାଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ଆନନ୍ଦର ଶିଖର ଓ ପୁଲକସ୍ପନ୍ଦିତ ଅନନ୍ତ ପ୍ରସାର ମଧ୍ୟରେ ଉପନୀତ ହୋଇପାରୁ ।’’

(ଗୀତା-ନିବନ୍ଧମାଳା, ପୃ. ୪୭୩)

ଅର୍ଜୁନ ଯେତେବେଳେ ଭଗବାନଙ୍କ ବିରାଟ ରୂପକୁ ଦେଖି ‘‘ଆପଣ କିଏ ଓ ଆପଣଙ୍କ ସଂକଳ୍ପ କ’ଣ’’ ବୋଲି ଜିଜ୍ଞାସା କରିଛନ୍ତି, ତା’ର ଉତ୍ତରରେ ଭଗବାନ୍ କହୁଛନ୍ତି –

‘‘କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।
ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ
ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।।’’
(୧୧/୩୨)

ଅର୍ଥାତ୍, ‘‘ମୁଁ ଲୋକକ୍ଷୟକାରୀ କାଳ ଉତ୍ଥିତ ଓ ପ୍ରବୃଦ୍ଧ ହୋଇ ଉଠିଛି, ଏଠାରେ ଲୋକମାନଙ୍କୁ ସଂହାର କରିବା ହେଉଛି ମୋର ସଂକଳ୍ପ ଓ ପ୍ରବୃତ୍ତି । ତୁମ ବିନା ମଧ୍ୟ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିବା ଏହି ଯୋଦ୍ଧାସବୁ ଜୀବିତ ରହିବେ ନାହିଁ ।’’

ସୁତରାଂ ଏହି ପରିସ୍ଥିତିରେ ଅର୍ଜୁନଙ୍କ କର୍ତ୍ତବ୍ୟ କ’ଣ ? ଭଗବାନ୍ ତାଙ୍କୁ ସ୍ପଷ୍ଟ ଭାବେ ନିର୍ଦ୍ଦେଶ କରୁଛନ୍ତି –

‘‘ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ
ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।

ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ॥''
(୧୧/୩୩)

ଅର୍ଥାତ୍, ''ତେଣୁ ଉଠ, ଯଶ ଲାଭ କର, ତୁମର ଶତ୍ରୁଗଣଙ୍କୁ ଜୟ କରି ସମୃଦ୍ଧ ରାଜ୍ୟ ଭୋଗ କର । ସେମାନେ ଏଥିପୂର୍ବରୁ ଅନ୍ୟ କାହା ଦ୍ୱାରା ନୁହେଁ, ମୋ ଦ୍ୱାରା ହିଁ ନିହତ ହୋଇ ସାରିଛନ୍ତି । ହେ ସବ୍ୟସାଚି ! ତୁମେ ନିମିତ୍ତ ମାତ୍ର ହୁଅ ।''

ଆମର ବିବର୍ତ୍ତନ ପଥରେ ଯାହାସବୁ ଅନ୍ତରାୟ ହୋଇ ରହିଛି, ଆମ ଭିତରେ ଯେଉଁ ପ୍ରକୃତିଗତ ଦୋଷ ଦୁର୍ବଳତାସବୁ ଆମର ଅଗ୍ରଗତିକୁ ବ୍ୟାହତ କରୁଛି, ଏବଂ ଆମ ବାହାରେ ଯେଉଁସବୁ ଶକ୍ତି ପ୍ରଚଣ୍ଡ ବିରୋଧୀ ହୋଇ ଛିଡ଼ା ହୋଇଛନ୍ତି ଆମକୁ ସେମାନଙ୍କ ବିରୋଧରେ ଯୁଦ୍ଧ କରିବାକୁ ହେବ ଏବଂ ବିଜୟ ଲାଭ କରିବାକୁ ହେବ । ଯୁଦ୍ଧର ଫଳସ୍ୱରୂପ ଆମକୁ ଚେତନାର ସମୃଦ୍ଧ ରାଜ୍ୟ ପ୍ରାପ୍ତ ହେବ । କୌଣସି ବିପଜ୍ଜନକ ଓ ଭୟଙ୍କର ପରିସ୍ଥିତିକୁ ଦେଖି ଆମେ ଶଙ୍କିତ ହେବା ନାହିଁ । ଧ୍ୱଂସ ଓ ବିନାଶ ଆମର ଚିତ୍ତବୃତ୍ତିକୁ ବିକ୍ଷୁବ୍ଧ ଓ ସନ୍ତପ୍ତ କରିବା ଉଚିତ ନୁହେଁ । ପ୍ରକୃତି ହିଁ ପ୍ରକୃତ କର୍ତ୍ତ୍ରୀ, ଭଗବାନ୍ ହିଁ ପ୍ରକୃତି ଓ କର୍ମସକଳର ଅଧୀଶ୍ୱର । ସୁତରାଂ ଅହଂ ଓ ସ୍ୱାର୍ଥକୁ ପରିତ୍ୟାଗ କରି ସମସ୍ତ କର୍ମ ଯଜ୍ଞ ରୂପେ ଭଗବାନଙ୍କୁ ଅର୍ପଣ କରିବାକୁ ହେବ । ଭଗବାନ୍ ହିଁ ସବୁକିଛି ସମ୍ପନ୍ନ କରୁଛନ୍ତି, ଆମକୁ କେବଳ ନିମିତ୍ତଟିଏ ହୋଇ ରହିବାକୁ ହେବ ।

ଭଗବାନ୍ ନିଜକୁ ଲୋକକ୍ଷୟକାରୀ କାଳ ବୋଲି ଘୋଷଣା କରିଛନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ କେବଳ ମହାକାଳ ଏବଂ ସର୍ବଦା ଧ୍ୱଂସ ହିଁ ତାଙ୍କର ଏକମାତ୍ର କାର୍ଯ୍ୟ । ପ୍ରକୃତରେ ବର୍ତ୍ତମାନର ପରିସ୍ଥିତିର ପ୍ରୟୋଜନୀୟତା ଅନୁସାରେ ତାଙ୍କୁ ଧ୍ୱଂସର ସଂକଳ୍ପ ଗ୍ରହଣ କରିବାକୁ ହୋଇଛି । ଧ୍ୱଂସ ମାଧ୍ୟମରେ ଜଗତର ପାଳନ ଓ ରକ୍ଷା ତାଙ୍କର ଉଦ୍ଦେଶ୍ୟ । ଧ୍ୱଂସ ହେଉଛି ପ୍ରଗତିର ପ୍ରଥମ ସର୍ତ୍ତ । ଜଣେ ବ୍ୟକ୍ତି ନିଜ ଭିତରେ ଥିବା ନିମ୍ନପ୍ରକୃତିଗତ ଦୋଷଗୁଡ଼ିକୁ ଧ୍ୱଂସ ନ କରିବା ପର୍ଯ୍ୟନ୍ତ ସେ କେବେହେଲେ ଏକ ମହତ୍ତର ଚେତନା ମଧ୍ୟକୁ ଉଠିଯାଇ ପାରିବ ନାହିଁ । ସେହିପରି ଏକ ରାଷ୍ଟ୍ର ବା ସମାଜ ଯଦି ତାହାର ଅତୀତର ରୂପସବୁକୁ (ଯାହା ପୁରୁଣା, ଅପ୍ରଚଳିତ ଓ ଅନାବଶ୍ୟକ ହୋଇ ପଡ଼ିଛି) ଧ୍ୱଂସ କରିବାକୁ ଅନିଚ୍ଛୁକ ହୁଏ, ତାହାହେଲେ ତା'ର ଅଗ୍ରଗତି ଅବରୁଦ୍ଧ ହୁଏ ଏବଂ ସେ ନିଜେ ହିଁ ଧ୍ୱଂସପ୍ରାପ୍ତ ହୁଏ । ତାହାର ଧ୍ୱଂସାବଶେଷ ଉପରେ ନୂତନ ରାଷ୍ଟ୍ର ବା ସମାଜ ଗଢ଼ି ଉଠେ । ବିଶ୍ୱପୁରୁଷ ନୂତନ ସୃଷ୍ଟି ସକାଶେ ଯୁଦ୍ଧ ଓ ଧ୍ୱଂସର ଲୀଳା ରଚନା କରିଥିବା ବେଳେ ଆମେ ଯଦି ଆମ ପ୍ରକୃତିର ଦୁର୍ବଳତାବଶତଃ ତାହାର ବିରୋଧ କରୁ ବା ସେଥିରୁ ନିଜକୁ ଅପସାରିତ କରି ନେଉ ତାହାହେଲେ ଆମର ସେପରି ଅବସ୍ଥାକୁ ଗୀତାର ଭାଷାରେ କ୍ଲୀବତା ଓ ହୃଦୟଦୌର୍ବଲ୍ୟ (କ୍ଲୈବ୍ୟଂ କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟମ୍) ବୋଲି କୁହାଯିବ । ତାହା ଅକୀର୍ତ୍ତିକର ଓ ଅନାର୍ଯ୍ୟଜନର କାର୍ଯ୍ୟ । ଆମେ ନିଜକୁ ଯଥାର୍ଥରେ ଆର୍ଯ୍ୟ ବୋଲି ପରିଚୟ ଦେବାକୁ ହେଲେ ପ୍ରକୃତି, କର୍ମ ଓ ଜୀବନର କଠୋରତର ସତ୍ୟର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ସେଥିପାଇଁ ଆଧ୍ୟାତ୍ମିକ ସାହସ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦ କହନ୍ତି ଯେ ମନୁଷ୍ୟ ନିଜର ଅମୃତତ୍ୱର ମହତ୍ତର ନୀତି ଆବିଷ୍କାର ନ କରିବା ପର୍ଯ୍ୟନ୍ତ ସଂଘର୍ଷର ନୀତିକୁ ଅତିକ୍ରମ କରି ପାରିବ ନାହିଁ ।

ଭଗବାନ୍ ଯେଉଁ ଧ୍ୱଂସର ସଂକଳ୍ପ ଗ୍ରହଣ କରିଛନ୍ତି ତାହା ଅବଶ୍ୟ ପୂର୍ଣ୍ଣ ହେବ । ଅର୍ଜୁନ କିଂବା ଅନ୍ୟ ଯୋଦ୍ଧାମାନେ ଯୁଦ୍ଧରେ ଅଂଶ ଗ୍ରହଣ ନ କଲେ ମଧ୍ୟ ଭଗବାନଙ୍କ ସଂହାରକ ସଂକଳ୍ପ ପୂର୍ଣ୍ଣ ହେବାରେ କୌଣସି ଶକ୍ତି ବାଧା ଦେଇ ପାରିବ ନାହିଁ । କୁରୁକ୍ଷେତ୍ର ଯୁଦ୍ଧ ଯଦି ଲଢ଼ା ନ ଯାଏ ତେବେ ମଧ୍ୟ ଅବଶ୍ୟମ୍ଭାବୀ ରୂପେ ଯେଉଁ ବିପର୍ଯ୍ୟୟ, ବିଶୃଙ୍ଖଳା ଓ ଧ୍ୱଂସ ଆସୁଛି ତାହା ଆହୁରି ଅଧିକ ଭୟଙ୍କର ରୂପ ନେଇ ଆସିବ । କାରଣ ଏହା ଏକ ଆକସ୍ମିକ ଘଟଣା ନୁହେଁ, ଏଥିପାଇଁ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ ହୋଇ ଯାଇଛି, ବୀଜ ବପନ କରାଯାଇ ସାରିଛି, ତା'ର ଫସଲ ନିଶ୍ଚିତ ଭାବେ ଅମଳ କରାଯିବ ।

ଅର୍ଜୁନ ମୋହଗ୍ରସ୍ତ ହୋଇ ଯୁଦ୍ଧ କରିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ । ମାତ୍ର ଶ୍ରୀକୃଷ୍ଣ ତାଙ୍କୁ ଜଣାଇ ଦେଲେ ଯେ ତାଙ୍କ ଅନିଚ୍ଛା ସତ୍ତ୍ୱେ ପ୍ରକୃତି ତାଙ୍କୁ ଯୁଦ୍ଧ ରୂପକ କର୍ମରେ ନିଯୁକ୍ତ କରିବ । ସୁତରାଂ 'ଯୁଦ୍ଧ କରିବି ନାହିଁ' ବୋଲି ସେ ଯେଉଁ ସଂକଳ୍ପ କରିଛନ୍ତି ତାହା ବୃଥା । ବୁଝିବାକୁ ହେବ ଯେ ଭଗବାନଙ୍କ ଇଚ୍ଛାନୁସାରେ ହିଁ ଧ୍ୱଂସର ଲୀଳା ସଂଘଟିତ ହେଉଛି ଏବଂ ପୃଥିବୀର ଅଗ୍ରଗତି ନିମିତ୍ତ ଏହା ଆବଶ୍ୟକ । ଶ୍ରୀଅରବିନ୍ଦ କହନ୍ତି –

"... the law of Vishnu cannot prevail till the debt to Rudra is paid."

(Essays on the Gita, P. 386)

ଅର୍ଥାତ୍, ''ରୁଦ୍ରଙ୍କର ଋଣ ପରିଶୋଧ ନ ହେବା ପର୍ଯ୍ୟନ୍ତ

ବିଷ୍ଣୁଙ୍କର ବିଧାନ ପ୍ରତିଷ୍ଠିତ ହୋଇ ପାରିବ ନାହିଁ।'' ରୁଦ୍ର ହେଉଛନ୍ତି ସଂହାରକ ଓ ଧ୍ୱଂସକର୍ତ୍ତା ଏବଂ ବିଷ୍ଣୁ ହେଉଛନ୍ତି ସଂରକ୍ଷକ ଓ ପରିପାଳକ । ଉଭୟ ହେଉଛନ୍ତି ଏକ ହିଁ ଭଗବାନଙ୍କର ଦୁଇ ବିଭାବ ବା ସ୍ୱରୂପ । ଏହା ଜୀବନର ଦୁଇଟି ଦିଗ ବା ସତ୍ୟକୁ ମଧ୍ୟ ସୂଚିତ କରୁଛି, ଯାହାକୁ ସ୍ୱୀକାର ନ କଲେ ଆମେ ଶାନ୍ତି ଓ ସମତା ଲାଭ କରିପାରିବା ନାହିଁ ।

ଭଗବାନ୍ କେବଳ ଧ୍ୱଂସ ପାଇଁ ଧ୍ୱଂସ କରନ୍ତି ନାହିଁ, ବରଂ ବିନାଶର ଚକ୍ର ମଧ୍ୟ ଦେଇ ସେ ଏକ ଧର୍ମରାଜ୍ୟ ସ୍ଥାପନ କରିବାକୁ ଚାହାନ୍ତି । ଯୁଦ୍ଧ ଓ ବିନାଶର ଏକ ଗଭୀରତର ଅର୍ଥ ରହିଛି ଯାହାକୁ ସ୍ଥୂଳ ମନ ନେଇ ବୁଝି ହେବ ନାହିଁ । ଆମକୁ ଭଗବାନଙ୍କ ସଂହାର ମୂର୍ତ୍ତି ଭିତରେ ଶାଶ୍ୱତ ଆତ୍ମାକୁ ଦେଖିବାକୁ ହେବ, ସମସ୍ତ ନଶ୍ୱର ଶରୀର ମଧ୍ୟରେ ଅବିନଶ୍ୱର ସତ୍ତାକୁ ଦେଖିବାକୁ ହେବ । ମନୁଷ୍ୟ କେବଳ ଏକ ସ୍ଥୂଳ ଶରୀର ମାତ୍ର ନୁହେଁ, ସେ ଅବିନାଶୀ ଆତ୍ମା ହୋଇଥିବାରୁ ତାହାର ପ୍ରକୃତରେ ଧ୍ୱଂସ ବୋଲି କିଛି ନାହିଁ । କୁରୁକ୍ଷେତ୍ରର ଭୟଙ୍କର ବାତାବରଣ ମଧ୍ୟରେ ଭଗବାନ୍ ହିଁ ଦିବ୍ୟ ସାରଥି, ପଥ ପ୍ରଦର୍ଶକ ଓ ସର୍ବଭୂତର ସୁହୃଦ୍ ରୂପେ ଉପସ୍ଥିତ ରହିଛନ୍ତି । ତେଣୁ ଭୟର କୌଣସି କାରଣ ନାହିଁ । ତାଙ୍କଠାରେ ସର୍ତ୍ତହୀନ ନିଃଶେଷ ସମର୍ପଣ ହିଁ ଏକାନ୍ତ କାମ୍ୟ, ଅହଂଶୂନ୍ୟ ଭାବରେ ତାଙ୍କର ନିର୍ଦ୍ଦେଶ ପାଳନ ହିଁ ଏକମାତ୍ର କର୍ତ୍ତବ୍ୟ ।

(କ୍ରମଶଃ)

❑❑❑

# ଆସ ମା'ଗୋ ଆସ

## ହୃଷୀକେଶ ପଣ୍ଡା

ଆସ ମା'ଗୋ ଆସ !
ଶାରଦୀୟ ଆକାଶର ନିର୍ମଳ ଆଭାରେ
ଝଲସି ଯାଉ ତୁମର ବିଶ୍ୱରୂପ
ନୂତନ ଏକ ଋତୁର ମୁଗ୍ଧ ଅନୁଭବରେ
ବଦଳି ଯାଉ ସାରା ପୃଥିବୀର ରଙ୍ଗ
ଶୁଭ ସକାଳର ପ୍ରତିଶ୍ରୁତି ନେଇ
ତୁମେ ଛୁଇଁ ଯାଅ ପ୍ରତି ମଣିଷର ହୃଦୟ ଦୁଆର
ନୂଆ ସୃଷ୍ଟି, ନୂଆ ଶକ୍ତି, ନୂଆ ଚେତନାରେ
ଚୂର୍ଣ୍ଣ ହେଉ କରୋନାର ଯେତେକ ଲହର ।୧।

ପୁଣ୍ୟର ପୃଥିବୀକୁ ତୁମ,
କାହିଁ କେତେ ଦିନୁ ଗ୍ରାସ କରିଛି
ଦୁଃଖ ଆଉ ଶୋକର କରାଳ ଛାଇ,
ଚିତ୍ରିତ ଭୂଗୋଳ ତା'ର ବିକୃତ ବିବର୍ଣ୍ଣ,
ଲାସ୍ୟମୟୀ ପ୍ରକୃତିର ପ୍ରଶାନ୍ତ ଗର୍ଭରେ
ଜଳୁ ଅଛି ଅଶାନ୍ତିର ଶିଖା ଲେଲିହାନ
ଚାରିଆଡ଼େ ଭୟ ଆଉ ଆତଙ୍କର ଛାପ
ଦିଶୁ ନାହିଁ ତୁମ ସୌନ୍ଦର୍ଯ୍ୟର କମନୀୟ ରୂପ ।



ମମତାମୟୀ ଦୁଃଖିନୀ ପୃଥିବୀ
ମାଗୁ ଅଛି ଭିକ୍ଷା ଥାଳ ଧରି,
ବଦଳାଇ ଦିଅ ତା'ର ନିଷ୍ଠୁର ନିୟତି
ଭରି ଦେଇ କରୁଣାର ଅମୋଘ ବିଭୂତି ।

ତୁମ ଅଙ୍ଗୀକାରରେ ଉଚ୍ଛୁଳି ପଡୁ
ଛନ୍ଦାୟିତ ପ୍ରାଣର ଉଲ୍ଲାସ
ଦୃଶ୍ୟ ଏବଂ ଅଦୃଶ୍ୟରେ ବାରି ହୋଇପଡୁ
ଜୀବନ ଓ ଜୀବିକାର ମଧୁମୟ ସ୍ୱର୍ଶ
ଏତିକି ପ୍ରାର୍ଥନା ତା'ର, ଏତିକି ମିନତି ।୩।

ଆସ ମା'ଗୋ ଆସ
ଆଶିଷର କୃପାଜଳ ସିଞ୍ଚି ଦିଅ ଥରେ
ବେଦନା ବିଧୁର ଏହି ଆର୍ତ୍ତ ପୃଥିବୀରେ,
ଭରି ଉଠୁ ବିଶ୍ୱ ପ୍ରାଣେ ଆଶାର ଆଲୋକ
ମାନବର ତନୁ, ମନେ ଖୁସିର ଝଲକ
ତୁମ ପଦ୍ମପାଦ ପରଶରେ ।୪।

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୯)

### 'ଗୋଲକୁଣ୍ଡ'ର ନିର୍ମାଣ-ପଦ୍ଧତି :

ନାକାଶିମାଙ୍କର 'ଆତ୍ମ-ଚରିତ'ରୁ ଉଦ୍ଧୃତି : ''ଧୀରେ ଧୀରେ 'ଗୋଲକୁଣ୍ଡ'ର ନିର୍ମାଣ ପଦ୍ଧତି ହୋଇ ଉଠିଲା – କହିବାକୁ ଗଲେ 'ତୁମେ-ସ୍ୱୟଂ ନିର୍ମାଣ କରିବାର ପ୍ରକଳ୍ପ' ('do-it-yourself project') । ପରେ ମୁଁ ଲକ୍ଷ୍ୟ କଲି ଯେ ଏହି କର୍ମରେ ମୁଁ କେବଳ ଡିଜାଇନର ନୁହେଁ; କିନ୍ତୁ ଏକ ସାଧାରଣ କଣ୍ଟ୍ରାକ୍ଟର ସଦୃଶ ହୋଇ ଉଠିଛି । ଏହି କର୍ମରେ ସ୍ଥାପତ୍ୟ-ପ୍ରଣାଳୀ ସମ୍ବନ୍ଧୀୟ ଯାବତୀୟ ଡ୍ରଇଂ ସହିତ ଟିକିନିଖି ବ୍ୟାପାରରେ ତଥ୍ୟସବୁ ଯୋଗାଇ ଦେବା ସାଙ୍ଗକୁ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ହେଉଥିବା ସରଞ୍ଜାମ ଓ ଯନ୍ତ୍ରପାତିସବୁକୁ ଜାପାନରୁ ଆଣିବାର ବନ୍ଦୋବସ୍ତ କରିବା ଥିଲା ମୋର କାର୍ଯ୍ୟ । ଏଥିସହ ଅନାୟାସରେ ଖୋଲିବା ଓ ବନ୍ଦ କରି ପାରୁଥିବା ଝରକା, କବାଟ (shuttering)ର କିପରି ଗଠନ କରାଯିବ, କିପରି ଆକାର ନେବ ତା'ର ନକ୍ସା ଓ ଡ୍ରଇଂ ମଧ୍ୟ ଅଙ୍କନ କରୁଥିଲି ଏବଂ ଫ୍ରାନ୍ସରୁ କିପରି ଷ୍ଟିଲ୍ ଆସିବ ତା'ର ବନ୍ଦୋବସ୍ତ ମଧ୍ୟ ମୋତେ କରିବାକୁ ପଡୁଥିଲା ।

''ଯେହେତୁ ପଣ୍ଡିଚେରୀ ପୋତାଶ୍ରୟରେ ମାଲ ରଖିବାର ବନ୍ଦୋବସ୍ତ ନ ଥିଲା, ତେଣୁ ମାଲବାହୀ ଜାହାଜସବୁ ସମୁଦ୍ରରେ ହିଁ ନଙ୍ଗର ପକାଉ ଥିଲା । ଜାହାଜରୁ ଷ୍ଟିଲ୍ ରଡ୍‌ସବୁକୁ ଓହ୍ଲାଇ ସ୍ଥାନୀୟ ଲୋକମାନଙ୍କର ନୌକାରେ ବୋଝାଇ କରି କୂଳକୁ ନେଇ ଆସିବାକୁ ହେଉଥିଲା । ସେତେବେଳକୁ ରଡ଼ଗୁଡ଼ିକ ଅଙ୍କାବଙ୍କା ହୋଇ ସ୍ପାଘେଟି (ମାକାରୋନି) ସଦୃଶ ହୋଇ ଉଠିଥାଏ । ପରେ ମାଲବାହୀ ଗାଡ଼ିରେ ଘୋଷାରି ଘୋଷାରି ରଡ୍‌ସବୁକୁ ଟଣା ହୋଇ ଅଟ୍ଟାଳିକା ନିର୍ମାଣ ସ୍ଥଳକୁ ଆଣିବାକୁ ହେଉଥିଲା । ଏକ ଲମ୍ବା ଧାଡ଼ିରେ ବସିଥିବା ଶ୍ରମିକମାନେ ବଡ଼ ବଡ଼ ହାତୁଡ଼ିରେ ପିଟି ପିଟି ସେସବୁକୁ ସିଧା କରୁଥିଲେ ।

''ପ୍ରତ୍ୟେକଟି କକ୍ଷର ବ୍ୟବହାର୍ଯ୍ୟବସ୍ତୁ (ଚୌକି, ଟେବୁଲ, ଖଟ, ଆଲମାରି ଇତ୍ୟାଦି)ର ଯେଉଁ ନକ୍ସା ଅଙ୍କନ କରିଥିଲି, ସେସବୁ ଆମର କାରିଗରି କୌଶଳର ନିପୁଣତାରେ ବେଶ୍ ନିଖୁଣ ହୋଇ ଉଠିଲା । କାଷ୍ଠ ନିର୍ମିତ ସମସ୍ତ ଆସବାବପତ୍ର ବର୍ମାର ଶାଗୁଆନ କାଷ୍ଠରେ ନିର୍ମାଣ କରା ଯାଇଥିଲା । କେବଳ ଆଲମାରିଗୁଡ଼ିକର ଡ୍ରୟାରର ଭିତର ଅଂଶଗୁଡ଼ିକ ଲାଲ ସୁଗନ୍ଧଯୁକ୍ତ ଦେବଦାରୁ କାଠରେ ନିର୍ମିତ ହୋଇଥିଲା ଯାହାକି ଶାଗୁଆନ କାଠ ଅପେକ୍ଷା ଅଧିକ କୀଟ ପ୍ରତିରୋଧକ । ଅତ୍ୟୁତ୍କୃଷ୍ଟ ମାନର ବର୍ଗାକୃତି (୨ ଫୁଟରେ ୨ ଫୁଟ) ଶାଗୁଆନ କାଠଗଡ଼ସବୁକୁ ଆବଶ୍ୟକ ମାପରେ କଟା ହେବା ସକାଶେ ଅଗଣାର ଗୋଟିଏ କୋଣରେ ଢାଲୁ ଜାଗାରେ ହସ୍ତଚାଳିତ ବଡ଼ କରତ ବ୍ୟବହାର କରୁଥିଲୁ । ଏଥିରେ ଦୁଇଜଣ ବ୍ୟକ୍ତିଙ୍କର ଆବଶ୍ୟକ ହେଉଥିଲା – ଜଣେ କାଠଗଡ଼ ଉପରେ ଏବଂ ଅନ୍ୟ ଜଣକ ଢାଲୁ ଜାଗାରେ ରହି ହସ୍ତଚାଳିତ କରତରେ କାଟୁଥିଲେ । ଗୋଟିଏ ଗଡ଼କୁ କାଟିବାକୁ ପ୍ରାୟତଃ ଅଧା ଦିନ, ବେଳେ ବେଳେ ଗୋଟିଏ ଦିନ ଲାଗି ଯାଉଥିଲା ।

''ଆମର ଯନ୍ତ୍ରପାତି ବା ହାତ-ହତିଆରସବୁକୁ ଶାଣିତ କରିବାର ଧାରା ସମ୍ବନ୍ଧେ ଜଣେ କଳ୍ପନାରେ ବି ଆଣିପାରିବ ନାହିଁ – ଏହା ଥିଲା ସରଳତମ, ପ୍ରାକ୍‌କାଳୀନ ଧାରା – ଶକ୍ତ, ରଗଡ଼ା ବାଲିକୁ ଗୋଟିଏ କାଠ ପଟା ଉପରେ ବିଛାଇ ଦେଇ ତା'ରି ଉପରେ ସଶବ୍ଦରେ ଆମେ ଆମର ହତିଆରସବୁକୁ ଧାରୁଆ କରିବାର କାର୍ଯ୍ୟ ଆରମ୍ଭ କରୁଥିଲୁ – ଧୀରେ ଧୀରେ ରଗଡ଼ା ବାଲିଗୁଡ଼ିକ ଧୂଳିକଣାରେ ପରିଣତ ହୋଇ ଯାଉଥିଲା ଏବଂ ଆମର ହତିଆରଟି ମଧ୍ୟ ଅଧିକରୁ ଅଧିକ ଧାରୁଆ ହୋଇ ଉଠୁଥିଲା । ତଦାନୀନ୍ତନ ପଣ୍ଡିଚେରୀରେ ଏହା ଥିଲା କାଷ୍ଠନିର୍ମିତ ଉନ୍ନତମାନର କାରିଗରି ବିଦ୍ୟା ଶିକ୍ଷାରେ ସର୍ବପ୍ରଥମ ଉଦ୍ଭାବିତ କୌଶଳ ।...''

ନିର୍ମାଣ କାର୍ଯ୍ୟର ଚାହିଦାନୁସାରେ ଆବଶ୍ୟକ ହେଉଥିବା ତମ୍ବା, ବ୍ରୋଞ୍ଜ ଏବଂ ପିତ୍ତଳରେ ନିର୍ମିତ କକ୍ଷର ସାଜସରଞ୍ଜାମ-ସବୁ ପ୍ରସ୍ତୁତ କରିବା ନିମିତ୍ତ ଏକ କର୍ମଶାଳା ଗଢ଼ି ଉଠିଲା । ଅଟ୍ଟାଳିକାର ଚଟାଣ ପ୍ରସ୍ତୁତି ନିମିତ୍ତ ବଡ଼ ବଡ଼ ସାଇଜର କଡ଼ପା ପଥରକୁ କାଟିବା ସକାଶେ ପୂର୍ବପରିକଳ୍ପିତ ଏକ ମେସିନ ମଧ୍ୟ ନିର୍ମାଣ କରାଗଲା । ନାକାଶିମାଙ୍କର ସୁପାରିଶ ମୁତାବକ ଇଟା

ନିର୍ମାଣ କରିବାରେ ସ୍ଥାନୀୟ ଇଟା ନିର୍ମାଣକାରୀ ଅପାରଗ ହୋଇ ଉଠିବାରୁ (କାରଣ ପଣ୍ଡିଚେରୀ ଜଳବାୟୁରେ ସେସବୁ ଇଟା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଶୁଖି ପାରିବ ନାହିଁ) ନାକାଶିମା ନିଜେ ନିର୍ମାଣକାରୀର ପରାମର୍ଶରେ ସେସବୁକୁ ପ୍ରସ୍ତୁତ କଲେ ।

ପବନ ଚଳାଚଳ ତଥା ଆଲୋକ ଓ ବର୍ଷାରୁ ରକ୍ଷା ପାଇବା ସକାଶେ ଆଜ୍‌ବେଷ୍ଟସ୍ ପାତଗୁଡ଼ିକୁ ନାକାଶିମା ଓ ଉଦାରଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନ୍‌ରେ ଏଭରେଷ୍ଟ୍ କମ୍ପାନୀ ପ୍ରସ୍ତୁତ କରି ଦେଉଥିଲା । ନାକାଶିମା ନିର୍ମାଣ କାର୍ଯ୍ୟରେ ଅନେକ ଅଭିନବ ଗଠନ ଶୈଳୀର ଉଦ୍ଭାବନ କରିଥିଲେ । ଉଦାହରଣ ସ୍ୱରୂପ, ଆନୁମାନିକ ପାଞ୍ଚ ଫୁଟ ଲମ୍ବା ଥାଇ ସାଢ଼େ ତିନି ଫୁଟ ଚଉଡ଼ା ଏବଂ ଇଞ୍ଚେ ମୋଟାର ବୃହଦାକାର ପତଳା କଂକ୍ରିଟ୍‌ର ବକ୍ରାକୃତି ଟାଇଲ ନିର୍ମାଣ, ଯାହାକି ଗୋଲଗୁଣ୍ଡର ଛାତରେ ବ୍ୟବହୃତ ହୋଇଛି, ଏହା ଗୋଲକୁଣ୍ଡ ଅଗଣାରେ ହିଁ ନିର୍ମିତ ହୋଇଥିଲା ।

ପୁନଶ୍ଚ ନାକାଶିମାଙ୍କ ବର୍ଣ୍ଣନାରୁ : ''ଏହା ଥିଲା ଆଶ୍ରମର ଏକ ବଡ଼ ଧରଣର ନିର୍ମାଣ କାର୍ଯ୍ୟ । ଭାରତବର୍ଷରେ ପ୍ରଥମ କରି ରେନ୍‌ଫୋର୍ସ କଂକ୍ରିଟ୍‌ରେ ପ୍ରସ୍ତୁତ ଏକ ଶକ୍ତିଶାଳୀ ଅଟ୍ଟାଳିକା । ଯେହେତୁ ଏହି ନିର୍ମାଣ କାର୍ଯ୍ୟର ପରିକଳ୍ପନାଟି ସ୍ୱାଧୀନ ଭାବରେ ଆମେ ପ୍ରସ୍ତୁତ କରିଥିଲୁ, ତେଣୁ ଆମର କର୍ତ୍ତବ୍ୟ-କର୍ମଟି ଥିଲା ଏପରି ଏକ ଅପୂର୍ବ, ସରଳ ଓ ସହଜସାଧ୍ୟ ଅଟ୍ଟାଳିକାଟିଏ ଛିଡ଼ା କରାଇବା ଯାହାକି ଗ୍ରୀଷ୍ମମଣ୍ଡଳୀୟ ଦେଶରେ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରିପାରିବ । ଯେହେତୁ ଅଟ୍ଟାଳିକାଟିର ଅଭ୍ୟନ୍ତରରେ ବାୟୁଚଳାଚଳ କ୍ରିୟାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତେଣୁ ବଡ଼ ଆକାରର ଭୂ-ସମାନ୍ତର ବା ଆନୁଭୂମିକ ଗୋଟିକ ପରେ ଗୋଟିଏ ସିମେଣ୍ଟ ତଥା ଆଜ୍‌ବେଷ୍ଟସ୍ ପାତସବୁ ଖଞ୍ଜା ଯିବାର ବନ୍ଦୋବସ୍ତ କରାଯାଇଥିଲା । କହିବା ବାହୁଲ୍ୟ ଆମର ଯାବତୀୟ ସ୍ଥାପତ୍ୟ-ପ୍ରଣାଳୀରେ ଉପୁଜୁଥିବା ସମସ୍ୟାସବୁର ସମାଧାନ ଶ୍ରୀଅରବିନ୍ଦଙ୍କର ଯୋଗଶକ୍ତିରେ ହିଁ ହୋଇ ଉଠୁଥିଲା । ଆମେ ଥିଲୁ ନିମିତ୍ତ ମାତ୍ର ।

''ଧୀରେ ଧୀରେ ଆମର ଅନ୍ତଃକରଣରେ ରୂପ ନେଇଥିବା ସୌଧଟି ଭୌତିକ ସ୍ତରରେ ତା'ର ଆକାର ନେଇ ଶିରୋତ୍ତୋଳନ କରିବାକୁ ଲାଗିଲା । ଦିବ୍ୟ ଶକ୍ତିର ବାହନ ସ୍ୱରୂପ ଶ୍ରଦ୍ଧା, ଭକ୍ତି ଓ ତୀବ୍ର ଏକାଗ୍ରତାର ସହାୟତାରେ ଆମେମାନେ ଏକ ଅସାଧାରଣ, ଉତ୍କର୍ଷ କାରିଗରି ବିଦ୍ୟା ଆୟତ୍ତ କରିବାରେ ସକ୍ଷମ ହୋଇ ଉଠିଲୁ । ଅନ୍ୟ କୌଣସି ବୈଷୟିକ ସଙ୍ଗଠନରେ ଏଭଳି ଏକ ସ୍ତରକୁ ଉନ୍ନୀତ ହେବା ଅତ୍ୟନ୍ତ କଷ୍ଟକର । ଅବଶ୍ୟ ଆମେ ଆମର ହସ୍ତ ପ୍ରସ୍ତୁତ ସରଞ୍ଜାମରେ ଭୂ-ଲମ୍ବସ୍ଥ ସ୍ତମ୍ଭମାନଙ୍କରେ ତିନି ମିଲି ମିଟର ପରିମାଣ ଦୂରତାକୁ କୌଣସି କୌଣସି ସମୟରେ 'ଓଲମ୍' ଝୁଲି ରହି ଯାଉଥିବାର ଭୁଲ୍‌କୁ ଲକ୍ଷ୍ୟ କରି ମଧ୍ୟ ତାକୁ ସହ୍ୟ କରି ନେଉଥିଲୁ (ଯାହାକୁ 'margin of error' ବୋଲି କୁହାଯାଏ ।) । ଏବଂ ସ୍ଥଳବିଶେଷରେ ସ୍ତମ୍ଭମାନଙ୍କରେ କାଠ ଫ୍ରେମ୍‌ରେ ଯୋଡ଼ା ସ୍ଥାନରେ ଅପରିକଳ୍ପିତ ଭାବେ ସାମାନ୍ୟତମ ତରଳ ସିମେଣ୍ଟର କ୍ଷରଣକୁ ପ୍ରଶ୍ରୟ ଦେଉଥିଲୁ । ତଥାପି ପ୍ରାଣପଣେ ଚେଷ୍ଟା କରୁଥିଲୁ ନିଖୁଣ ଭାବରେ କର୍ମ କରିବାକୁ ।

''ଏହି ଧରଣର ନିର୍ମାଣ କାର୍ଯ୍ୟରେ ମୁଁ ଅନୁଭବ କରୁଥିଲି, ସାମାଜିକ କ୍ଷେତ୍ରରେ ପ୍ରଚଳିତ ଜାତି ପ୍ରଥା ପରିହାର କରିବାର ଉଦ୍‌ଯୋଗରେ ଏହା କିଛିଟା ସାହାଯ୍ୟ କରିଥିଲା । କାରଣ ସେତେବେଳେ ଆମେ ପ୍ରତ୍ୟେକେ ଥିଲୁ କୁଶଳ ଶ୍ରମିକ, ଶିଳ୍ପୀ ତଥା କାରିଗର; ଏକ ଉନ୍ନତମାନର ସୁମହାନ୍ ଦିବ୍ୟ କର୍ମ ସମ୍ପାଦନରେ ଏକତ୍ରିତ ଏବଂ ଏକ ମନ-ପ୍ରାଣ-ହୃଦୟରେ ସମର୍ପିତ ସେବକବୃନ୍ଦ ।

''ଯେତେବେଳେ ସର୍ବାନ୍ତଃକରଣରେ ଆନ୍ତରିକ ମନୋଭାବ, ଶ୍ରଦ୍ଧା ଓ ଭକ୍ତି ସହିତ ସମବେତ ବ୍ୟକ୍ତିଗଣ ଏକାଗ୍ର ଚିତ୍ତରେ ଏକ ଦିବ୍ୟ ଜୀବନଯାପନ କରିବାର ଅସାଧାରଣ ଲକ୍ଷ୍ୟ ରଖିଥା'ନ୍ତି, ସେତେବେଳେ ସେହି ଗୋଷ୍ଠୀଟିର ଅନ୍ତଃକରଣରେ ଏକ ସୃଜନାତ୍ମକ ଦିବ୍ୟ-ମନୋଭାବର ଅନୁପ୍ରବେଶ ଘଟିଥାଏ । ଏହି ପରିବେଶରେ ବା ଏହାର ପରିମଣ୍ଡଳରେ କୌଣସି କର୍କଶ ଶବ୍ଦ ଉଚ୍ଚାରିତ ହେଉ ନ ଥିଲା; କୌଣସି ସ୍ୱାର୍ଥପର, ଅହଂମୂଳକ ଅଭିସନ୍ଧିରେ ଯୁକ୍ତିତର୍କ ହେଉ ନ ଥିଲା । ଏହି ଗୋଷ୍ଠୀଟିର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପ୍ରଶଂସା ବା ଗୁଣ-କୀର୍ତ୍ତନ କରିବାର ବେଶ୍ ଉର୍ଦ୍ଧ୍ୱରେ ଥିଲେ । କେହି ଜଣେ ବି ଦ୍ୱୈତଭାବାପନ୍ନ ନଥିଲେ – ସଫଳତା ବା ବିଫଳତା, ଠିକ୍ ବା ଭୁଲ୍, ନ୍ୟାୟ ବା ଅନ୍ୟାୟ, ଏପରିକି ଭଲ ବା ମନ୍ଦ – ଏ ଧରଣର ମନୋଭାବ କାହାରିକୁ ସ୍ପର୍ଶ କରି ପାରୁ ନଥିଲା । ଏହି ଚେତନାରେ ଅନବରତ ଅବଗାହନ କରୁଥିବା ଗୋଷ୍ଠୀର ପରିବେଶରେ ସମସ୍ତ ହସ୍ତକର୍ମ ହୋଇ ଉଠେ ଅଧିକରୁ ଅଧିକ ଉନ୍ନତ ଚେତନା ଲାଭ କରିବା ସକାଶେ ଏକ ଗଭୀରତର ଅନୁସନ୍ଧିତ୍ସା । ସବୁପ୍ରକାରର ମନ୍ଦଭାବ ଅନବରତ ଝରି ଆସୁଥିବା ପ୍ରଚଣ୍ଡ ଜ୍ୟୋତିଃର ସ୍ପର୍ଶରେ ମ୍ଳାନ ବା ନିଶ୍ଚିହ୍ନ ହୋଇ ଯାଉଥିଲା । କର୍ମକ୍ଷେତ୍ରରେ

ସକ୍ରିୟ ଗତିବିଧିସବୁ ଥିଲା ଧୀର, ଛନ୍ଦୋମୟ; ପରସ୍ପର ଭିତରେ ମନ୍ଦମଧୁର ହସର ଆଦାନ-ପ୍ରଦାନ ଥିଲା ତୀବ୍ର ଆନନ୍ଦଦାୟକ । କେହି ଜଣେ ହେଲେ ବି ଏହି ଅପୂର୍ବ ପରିବେଶରେ ବାହ୍ୟ-ଜଗତରେ ପରିଦୃଷ୍ଟ ହେଉଥିବା କ୍ଷଣକୋପୀ ବା ପ୍ରଚଣ୍ଡ କ୍ରୋଧୀ ସ୍ୱଭାବର ଲୋକ ନ ଥିଲେ । ଏକ ସରଳ, ପବିତ୍ର ଓ ଅତୁଳନୀୟ ଭଗବତ୍ ମିଳନ ସକାଶେ ତୀବ୍ର ଏଷଣାର ବିଷୟବସ୍ତୁ ଉପରେ ଆଧାରିତ ଥିଲା ପରସ୍ପରଙ୍କ ମଧ୍ୟରେ କଥାବାର୍ତ୍ତାର ମୂଳବସ୍ତୁ । କାରଣ ଆମେ ସମସ୍ତେ ଥିଲୁ ମୂଳତଃ ଭଗବତ୍ ବିଶ୍ୱାସୀ ।

''ଜଣେ ନିଷ୍କ୍ରିୟ, ନାସ୍ତିକ ବା ନୈରାଶ୍ୟବାଦୀ ଏକ ଉଚ୍ଚମାନର ସୁରୁଚିସମ୍ପନ୍ନ ଅଟ୍ଟାଳିକାଟିଏ ନିର୍ମାଣ କରି ପାରିବ ନାହିଁ ।... ବିଶେଷତଃ ଆମର ଏହି ସଙ୍ଗଠନରେ ବିଭିନ୍ନ ସକ୍ରିୟ ବିଭାବ ଉପରେ ବେଶ୍ ଗୁରୁତ୍ୱ ଦିଆଯାଇ ଥାଏ; ଅର୍ଥାତ୍ କର୍ମ ମାଧ୍ୟମରେ ସାଧନାର, 'କର୍ମ ଯୋଗ'ର ସାହାଯ୍ୟ ନିଆଯାଇ ଥାଏ ।...''

ପୁନଶ୍ଚ ରେମଣ୍ଡଙ୍କର 'ଆତ୍ମ-ଜୀବନୀ'ରୁ ଉଦ୍ଧୃତି : ''ଆଶ୍ରମରେ ମୋର ଆଠ ମାସର ରହଣି ଥିଲା ଅତ୍ୟନ୍ତ ଫଳପ୍ରସୂ ତଥା ଜ୍ଞାନପ୍ରଦ । ଭାରତରେ ଏହି ଆଶ୍ରମ ଜୀବନ-ଶୈଳୀଟି କେବଳ ଜୀବନର ଏକ ଭିନ୍ନ ଶୈଳୀର ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରୁ ନ ଥିଲା; କିନ୍ତୁ ଯେଉଁ ଅବସ୍ଥା ବା ପରିସ୍ଥିତିରେ ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ କରାଯାଉଥିଲା, ଏହା ଏତେ ଅସାଧାରଣ ଓ ଚମତ୍କାର ଥିଲା ଯେ ଆମର ପରିଚିତ ପ୍ରଭୂତ ଭାବରେ ବିଭ୍ରାନ୍ତ ବା ବିଚଳିତ ବାହାର ଜଗତ୍ ସଙ୍ଗେ ତୁଳନା କଲେ ମନେ ହେବ ଯେ ଆମେ ଏକ ସ୍ୱପ୍ନ ରାଜ୍ୟରେ ବାସ କରୁଥିଲୁ ।

''ଆମର ଚୁକ୍ତିପତ୍ରରେ ଗୋଲକୁଣ୍ଡ ନିର୍ମାଣ କାର୍ଯ୍ୟରେ ବର୍ଷ-ମାସର, ଅର୍ଥ-ବ୍ୟୟର କୌଣସି ଚୁକ୍ତି ନ ଥିଲା । କହିବାକୁ ଗଲେ ଲିଖିତ ବା ମୌଖିକ କୌଣସି ଚୁକ୍ତି ନଥିଲା । ଏଠାରେ, ଏହି ଆଶ୍ରମରେ, ପ୍ରକୃତରେ ଜୀବନଯାପନ ପ୍ରଣାଳୀର ଏକ ଆଦର୍ଶ ସ୍ତରର ସ୍ଥିତି ଥିଲା – ଯେଉଁଥିରେ ପ୍ରତ୍ୟେକଟି କର୍ମର ଉଦ୍ଦେଶ୍ୟ ଥିଲା ସୁସ୍ପଷ୍ଟ ଭାବରେ ଏକ ଆଧ୍ୟାତ୍ମିକ କର୍ମ । ସମୟ ଓ ମୁଦ୍ରାର ଥିଲା ଗୌଣ ଭୂମିକା । ଏ କ୍ଷେତ୍ରରେ ପରିସ୍ଥିତି ବା ଅବସ୍ଥା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ସାମାନ୍ୟ ପରିମାଣରେ ଦେବା-ନେବା ବିଷୟକୁ ନେଇ କଣ୍ଟ୍ରାକ୍ଟର ଓ ଗ୍ରାହକ ମଧ୍ୟରେ ସଚରାଚର ଲାଗି ରହୁଥିବା କୃପଣତାର ନାମଗନ୍ଧ ଏଠାରେ ନ ଥିଲା । ସ୍ଥପତିଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବା ସକାଶେ ସମସ୍ତ ପ୍ରକାରର ସୁଯୋଗ-ସୁବିଧା ଦିଆ ଯାଉଥିଲା, ଯଦ୍ଦ୍ୱାରା ସେ ତାଙ୍କର କଳା-ନୈପୁଣ୍ୟ ଓ ଜ୍ଞାନ-ବିଜ୍ଞାନକୁ ଉପଯୁକ୍ତ ଭାବେ ଉପଯୋଗ କରିବାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରି ପାରିବେ । ତଥାପି କର୍ମକ୍ଷେତ୍ରରେ ଯତ୍ନପୂର୍ବକ ସମ୍ପୂର୍ଣ୍ଣ ଶୃଙ୍ଖଳା ରକ୍ଷା କରାଯାଉଥିଲା ଏବଂ ପ୍ରତ୍ୟେକଟି ବ୍ୟାପାରରେ ନିଖୁଣ ହିସାବପତ୍ର ରଖାଯାଉଥିଲା ।''

ଏବେ ସୁନ୍ଦରାନନ୍ଦ (ନାକାଶିମା)ଙ୍କର 'ନୋଟ୍ ବୁକ୍' ('Divine Mother')ରୁ କିଛି ଉଦ୍ଧୃତି :

**୩୦ ଅଗଷ୍ଟ ୧୯୩୮ :**

ସ୍ୟାମାର, ଯତୀନ୍ ଏବଂ ମୁଁ 'ଭାଇବ୍ରେଟର୍' ଚଲାଉଛୁ ।

'ବିବ୍ରତ କରି ପକାଉଥିବା ମେଘମାଳା' ସମ୍ବନ୍ଧରେ ପବିତ୍ର ମୋତେ ବ୍ୟାଖ୍ୟା କରି ଜଣାଇଲେ ଯେ ଏହା ବାଧାବିପତ୍ତି ସମ୍ବନ୍ଧରେ କୁହାଯାଇଛି ।

– ଶ୍ରମିକ ଜଣେ ହେଲେ ବି ନାହାନ୍ତି ।

ବିଶ୍ୱସ୍ତ

ସୁନ୍ଦରାନନ୍ଦ

(ଶ୍ରୀମା ଚିଠିଟି ପଢ଼ି ଆଶୀର୍ବାଦ ସହ ସ୍ୱାକ୍ଷର କରିଥିଲେ ।)

*

**୨ ସେପ୍ଟେମ୍ବର ୧୯୩୮ :**

... ମୁଁ ଯତୀନ୍‌ଙ୍କୁ ପଚାରିଲି, ଯଦି ସେ ମୋତେ କିଛି ବଙ୍ଗଳା ଭାଷା ଶିଖାଇ ଦେଇ ପାରନ୍ତି ? ସେ କହିଲେ ଯେ ମୁଁ ଏହା କରି ପାରିଲେ ଅତ୍ୟନ୍ତ ଖୁସୀ ହେବି । ସପ୍ତାହରେ ତିନି ଦିନ ସକାଳେ କିଛି ସମୟ ପାଇଁ ମୁଁ ତାଙ୍କ ପାଖକୁ ଯାଇପାରେ କି ?

(ଠିକ୍ ଏହି ବାକ୍ୟର ଶେଷାଂଶରେ) ମା'ଙ୍କର ମନ୍ତବ୍ୟ : 'ମୋର ଏଥିରେ କୌଣସି ଆପତ୍ତି ନାହିଁ ଏହି ସର୍ତ୍ତରେ ଯେ ଏହା ଯେମିତି ତୁମ ଉଭୟଙ୍କ ସକାଶେ ଅତ୍ୟନ୍ତ ବେଶୀ କର୍ମ ହୋଇ ନ ଯାଏ ।' ... ... ...

ମୋ ବାପା ଓରୋଗଁର ପୋର୍ଟଲାଣ୍ଡ (ୟୁ.ଏସ୍.ଏ.)ରୁ ଲେଖିଛନ୍ତି ଯେ ସେଠାରେ ପ୍ରାୟ ଅଶି ଜଣ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଅତ୍ୟନ୍ତ ଆଗ୍ରହୀ ହୋଇ ମାସକୁ ଥରେ ଏକତ୍ରିତ ହୁଅନ୍ତି ଏବଂ ତାଙ୍କ ଯୋଗ ସମ୍ବନ୍ଧେ ଆଲୋଚନା କରନ୍ତି ।

ସେଠାରୁ ମୋ ମାଆ ମଧ୍ୟ ଲେଖିଛନ୍ତି ଯେ ମୋର

ନୂତନ ନାମଟି ତାଙ୍କୁ ଅତି ଭଲ ଲାଗିଛି, ବିଶେଷ କରି ସ୍ୱୟଂ ଶ୍ରୀଅରବିନ୍ଦ ଏହି ନାମଟି ମୋତେ ଦେଇଛନ୍ତି ବୋଲି ।

ବିଶ୍ୱସ୍ତ
ସୁନ୍ଦରାନନ୍ଦ

**ଶ୍ରୀମା** – ପ୍ରେମ ଓ ଆଶୀର୍ବାଦ ।

(ସ୍ୱାକ୍ଷର)

*

**୧୪ ସେପ୍‌ଟେମ୍ବର ୧୯୩୮ :**

'ନୋଟ୍ ବୁକ୍'ରେ ନାକାଶିମା 'ଗୋଲକୁଣ୍ଡ'ର ଲଣ୍ଡ୍ରି, ଶୌଚାଗାର, ସ୍ନାନାଗାର ଏବଂ ତହିଁରେ ବ୍ୟବହୃତ ସାୱାରର ପୁଙ୍ଖାନୁପୁଙ୍ଖ ଡ୍ରଇଂ କରି, ଏସବୁର ଗଠନ ପ୍ରଣାଳୀ ସମ୍ବନ୍ଧେ ବର୍ଣ୍ଣନା ସହ ମା'ଙ୍କର ଅନୁମତି ପ୍ରାର୍ଥନା କରିଛନ୍ତି ଏବଂ ଶେଷରେ ନିମ୍ନୋକ୍ତ କଥାଟି ଉଲ୍ଲେଖ କରିଛନ୍ତି :

ଏପରିକି ମୋର ଜ୍ୱର ଥିବା ଅବସ୍ଥାରେ ମୁଁ ସୂକ୍ଷ୍ମ ଭାବରେ ମୋ ଶରୀର ମଧ୍ୟକୁ ଏକ ଶକ୍ତିର ଅନୁପ୍ରବେଶ କରୁଥିବାର ଅନୁଭବ କରୁଥିଲି; କିନ୍ତୁ ଗତ କିଛି ଦିନ ହେଲା ଏକ ବିମର୍ଷତା ବା ମାନସିକ ଅବସାଦର ଭାବ ଦେଖା ଦେଇଛି ଏବଂ ଏହା ମୋତେ ଅସହାୟ ଭାବରେ କାବୁ କରି ନେଉଛି । ଏହା ସାଧାରଣତଃ ମୋତେ ଅନ୍ତର୍ମୁଖୀ ହେବାରେ ବେଶ୍ ବାଧା ସୃଷ୍ଟି କରାଉଛି । ମୁଁ ଯୁବକ ଥିବାରୁ ଭାବୁଛି ଯେ ଅନ୍ତତଃ ପକ୍ଷେ କିଛି ଦିନ ସକାଶେ ନିକଟବର୍ତ୍ତୀ କୌଣସି ଅରଣ୍ୟ ବା ପର୍ବତାଞ୍ଚଳକୁ ଯାଇ ନିର୍ଜନରେ ବିତାଇ ଆସିବି କିଂବା 'ଲେକ୍'ରେ ଏକୁଟିଆ ରହି ଏହି ଅବସ୍ଥାର ସମାଧାନ କରି ପାରିବି ।

ବିନୀତ
ସୁନ୍ଦରାନନ୍ଦ

**ଶ୍ରୀମା** : ଏହି ଉପରଠାଉରିଆ ବିମର୍ଷତାର ପଶ୍ଚାତରେ ଦିବ୍ୟ ଶାନ୍ତି, ଶକ୍ତି, ସାମର୍ଥ୍ୟ ଓ ଆଲୋକ ବିଦ୍ୟମାନ ରହିଥିବାର ଅନ୍ୱେଷଣ କର ଏବଂ ଏତତ୍ ଦ୍ୱାରା ତୁମେ ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଅଗ୍ରଗତି କରିପାରିବ ।

ଆଶୀର୍ବାଦ
(ସ୍ୱାକ୍ଷର)

*

**୨୪ ସେପ୍‌ଟେମ୍ବର ୧୯୩୮ :**

(ନାକାଶିମା ଏହି ଦିନ ମା'ଙ୍କୁ କର୍ମକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ବାଧା ସମ୍ବନ୍ଧେ ଉଲ୍ଲେଖ କରି ଶେଷରେ ଲେଖିଛନ୍ତି :)

ନଭେମ୍ବର ଦର୍ଶନ ପରେ ମୁଁ ସ୍ୱଳ୍ପ ଦିନ ସକାଶେ ବାହାରକୁ (ଭାରତର କୌଣସି ସ୍ଥାନକୁ) ବୁଲିଯିବାକୁ ଚାହୁଁଛି ।*

ଏପରି କରିବା କ'ଣ ଠିକ୍ ହେବ ? ମୋର ଡ୍ରଇଂ କାମସବୁ ପ୍ରାୟ ସରିଯିବା ଉପରେ ବା ସେହି ସମୟକୁ ବୋଧହୁଏ ଏହା ଶେଷ ହୋଇ ଆସିଥିବ । ମୁଁ ତୁମକୁ ପ୍ରାର୍ଥନା ଜଣାଉଛି – ଏ ସମ୍ବନ୍ଧେ ମୋର କ'ଣ ସିଦ୍ଧାନ୍ତ ନେବା ଉଚିତ ।

ତୁମର ସନ୍ତାନ
ସୁନ୍ଦରାନନ୍ଦ

**ଶ୍ରୀମା** : କହିବା ନିଷ୍ପ୍ରୟୋଜନ ଯେ ତୁମେ ଯଦି ଚାହୁଁଛ ସ୍ୱଳ୍ପଦିନ ସକାଶେ ବାହାରକୁ ବୁଲିଯିବାକୁ ତେବେ ତୁମେ ନିଶ୍ଚୟ ଯିବ; ଏସବୁ ବ୍ୟାପାରରେ ସିଦ୍ଧାନ୍ତ ନେବାକୁ ତୁମର ପୂର୍ଣ୍ଣ ସ୍ୱାଧୀନତା ରହିଛି ।

(ଏଥିରେ ତୁମର କୌଣସି ସଂଶୟ ବା ଦ୍ୱିଧା ପ୍ରକାଶ କରିବା ଉଚିତ ନୁହେଁ ।)

ଆଶୀର୍ବାଦ (ସ୍ୱାକ୍ଷର)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

* ପ୍ରକାଶ ଥାଉକି ରେମଣ୍ଡ ଏଠାରେ ଥିବାବସ୍ଥାରେ ସପରିବାର ଅତ୍ୟନ୍ତ ଉଷ୍ଣତାକୁ ସହ୍ୟ କରି ନ ପାରି କିଛି ଦିନ ସକାଶେ 'ଉଟି' ଏବଂ ପରେ ହାଇଦ୍ରାବାଦର ନିଜାମଙ୍କର ବାସଭବନକୁ ବୁଲି ଯାଇଥିଲେ; ସେଠାରେ ଅରଣ୍ୟରେ ହାତୀ ଉପରେ ଚଢ଼ି ଯାତାୟତ କରିଥିଲେ ।

**ତଥ୍ୟ ନିର୍ଦ୍ଦେଶିକା :**

(1) George Nakashima : The Soul of a Tree : A Woodworker's Reflections, 1981;

(2) Golconde (Booklet), 2019;

(3) Sundarananda : Divine Mother.

# ଜୀବନ ସଂଗ୍ରାମ

## ସନ୍ତୋଷ ରଥ

ଏଇ ଜୀବନଟା ଏକ କୁରୁକ୍ଷେତ୍ର
କେହି ନୁହେଁ କା'ର ଶତ୍ରୁ ଅବା ମିତ୍ର,
ବୃଥା ଅଭିମାନ ଗଢ଼େ ଅଟ୍ଟାଳିକା
ଚଲା ବାଟ ହୁଡ଼ି ଚାଲେ ଅଙ୍କାବଙ୍କା ।(୧)

ଜୀବନର ପଲା ନୁହେଁ ସମତୁଲ
ଶୁଝିବାକୁ ହୁଏ ଧାର୍ଯ୍ୟ ମହାସୁଲ,
କେହି ନ ଜାଣଇ ଶେଷ ପରିଣତି
ସପନେ ବିଭୋର ପାହେ ଯେତେ ରାତି ।(୨)

ପରାଜୟ ସହ ଯେବେ ହୁଏ ଭେଟ
ଭାଙ୍ଗି ତୁଟି ଯାଏ ଫମ୍ପା ଆଶା ଘଟ,
ଇନ୍ଦ୍ରଧନୁ ରଙ୍ଗ ଲାଗେ ଫିକା ଫିକା
ପ୍ରୀତି ପରାଗ ବିରାଗେ ଦିଏ ଧୋକା ।(୩)

ତୁଚ୍ଛା ବୀରତ୍ୱ ବେଭାର ଯାଏ ଧସି
ହାତୁ ଶରଦ ଜହ୍ନଟା ପଡ଼େ ଖସି,
ସଜ କଅଁଳ ସକାଳ ଥାଏ ଚାହିଁ
ମୃଦୁ ମଳୟ ନ ଛୁଇଁ ଯାଏ ବହି ।(୪)

ଯଦି ପଳାୟନ ବାଞ୍ଛେ ଭୀରୁ ମତି
ଲିଭି ଯିବ ଭାଲପଟୁ ବୀର ଖ୍ୟାତି,
ସଞ୍ଜ ନଇଁ ଗଲେ ଦିନ ଯାଏ ସରି
ମାତ୍ର ସକାଳଟା ନୁହେଁ ବେଶୀ ଡେରି ।(୫)

ନ ଡରି ଆହବେ ହୁଅ ଆଗୁସାର
ସଂଗ୍ରାମ ଆଙ୍କିବ ଆଗାମୀ ସ୍ୱାକ୍ଷର,
ଥିଲେ ପରାଜୟ ଆଦ୍ୟ ଭାଗ୍ୟଲେଖା
ଅନ୍ତିମେ ବିଜୟ କରିଛି ପ୍ରତୀକ୍ଷା ।(୬)

ଉଠି ସଜ ହୁଅ ଆହେ ସବ୍ୟସାଚୀ
ଗାଣ୍ଡିବ ଟଙ୍କାରେ ଝଟକିବ ପ୍ରାଚୀ,
ବାହୁଡ଼ିବେ 'ଛନ୍ତି ଯେ ଯେତେ ଅରାତି
ତୁଟି ଯିବ ମନୁ ରଣାଙ୍ଗନ ଭୀତି ।(୭)

ନିୟତି ନୁହଁଇ କା'ର ଅଧସ୍ତନ
ହାରଜିତ ସବୁ ତା'ର ନିର୍ବାଚନ,
କର୍ତ୍ତବ୍ୟ ସଂପାଦେ ହୁଅ ଯେ ସତ୍ୱର
ପ୍ରତି ପଦକ୍ଷେପ ନିମିତ୍ତ ମାତର ।(୮) ❑

If thou think defeat is the end of thee, then go not forth to fight, even though thou be the stronger. For Fate is not purchased by any man nor is Power bound over to her possessors. But defeat is not the end, it is only a gate or a beginning.

(Thoughts and Aphorisms) – Sri Aurobindo
(CWM-10, p. 286)

ଯଦି ତୁମେ ପରାଜୟକୁ ହିଁ ତୁମର ଶେଷ ପରିଣତି ବୋଲି ଭାବୁଥାଅ, ତେବେ ତୁମର ଅଧିକ ବଳ ଥିଲେ ମଧ୍ୟ ତୁମେ ସଂଗ୍ରାମ କରିବାକୁ ଯାଅ ନାହିଁ । କାରଣ କୌଣସି ମନୁଷ୍ୟ ନିୟତିକୁ କଦାପି କିଣିନେଇ ପାରିବ ନାହିଁ ଅଥବା ଯଥାର୍ଥ କ୍ଷମତା ମଧ୍ୟ କ୍ଷମତାକୁ ଅଧିକାର କରି ରହିଥିବା ବ୍ୟକ୍ତିମାନଙ୍କ ପାଖରେ କଦାପି ବନ୍ଧା ହୋଇ ରହି ନ ଥିବ । ମାତ୍ର, ପରାଜୟ କଦାପି ସର୍ବଶେଷ ପରିଣତି ନୁହେଁ; ଏହା ହେଉଛି କେବଳ ଏକ ତୋରଣ ଅଥବା ଏକ ଆରମ୍ଭ ମାତ୍ର ।

(ମାତୃରଚନାବଳି : ଦଶମ ଖଣ୍ଡ, ପୃଷ୍ଠା. ୪୧୧-୪୧୨) – ଶ୍ରୀଅରବିନ୍ଦ

# ସତ୍‌ସଙ୍ଗର ସ୍ୱରୂପ

## ରାମକୃଷ୍ଣ ଦାସ

ସତ୍‌ସଙ୍ଗ ତିନି ପ୍ରକାର । ପ୍ରଥମ ସତ୍‌ସଙ୍ଗ : ସତ୍ୟ ସ୍ୱରୂପ ଭଗବତ୍ ପ୍ରାପ୍ତି । ଏହା ହିଁ ଦ୍ୱିତୀୟ ଏବଂ ତୃତୀୟ ପ୍ରକାର ସତ୍‌ସଙ୍ଗର ଫଳ । ଦ୍ୱିତୀୟ ଏବଂ ତୃତୀୟ ସତ୍‌ସଙ୍ଗ ପ୍ରଥମ ସତ୍‌ସଙ୍ଗ ଭଗବତ୍ ପ୍ରାପ୍ତିର ଉପାୟ ଅଥବା ସାଧନ । ଦ୍ୱିତୀୟ ସତ୍‌ସଙ୍ଗର ଅର୍ଥ : ଯେଉଁମାନେ ଭଗବତ୍ ପ୍ରାପ୍ତି କରି ଥାଆନ୍ତି, ଭଗବତ୍ ଚେତନା ସଙ୍ଗେ ଏକ ହୋଇ ଥାଆନ୍ତି – ସେମାନଙ୍କ ସଙ୍ଗ । ତଦ୍ୱାରା ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ ହୁଏ । ସେ ଭଗବତ୍ ପ୍ରାପ୍ତିର ଉପାୟ ସାଧନା କରିବାରେ ତତ୍ପର ହୁଏ । ତୃତୀୟ ସତ୍‌ସଙ୍ଗ : ଗୋଟିଏ ଗୋଷ୍ଠୀରେ କେତେଜଣ ଏକତ୍ର ହୋଇ ଭଗବତ୍ ଚରିତ୍ର, ନାମ, ଯଶଃ ବର୍ଣ୍ଣନ କରନ୍ତି ଅଥବା ସାମୂହିକ ରୂପେ ସାଧନା କରନ୍ତି କିଂବା କୌଣସି ବ୍ୟକ୍ତି ଦ୍ୱାରା ଭଗବତ୍ ଗୁଣ, ଚରିତ୍ର, ଭଗବତ୍ ପ୍ରାପ୍ତିର ସାଧନା ବିଷୟ ଶୁଣନ୍ତି ।

ପ୍ରଥମ ସତ୍‌ସଙ୍ଗ ହେଲା, ଦ୍ୱିତୀୟ, ତୃତୀୟ ସତ୍‌ସଙ୍ଗର ଫଳ ଅଥବା ସିଦ୍ଧି । ଦ୍ୱିତୀୟ ସତ୍‌ସଙ୍ଗ ସୁଲଭ ନୁହେଁ । ଭଗବତ୍ କୃପାରୁ କେବେ କେବେ ଅକସ୍ମାତ୍ ପ୍ରାପ୍ତ ହୁଏ ଅଥବା ପ୍ରୟାସ କରି ଅନ୍ୟ ସ୍ଥାନକୁ ଗଲେ ମିଳେ । କିନ୍ତୁ ସବୁଠାରୁ ସହଜ ହେଉଛି ତୃତୀୟ ସତ୍‌ସଙ୍ଗ । ମନୁଷ୍ୟ ଯେଉଁଠାରେ ବାସ କରିଥାଏ ସେହିଠାରେ ସେ ଗୋଟିଏ ସତ୍‌ସଙ୍ଗ ଗୋଷ୍ଠୀ, ମଣ୍ଡଳୀ ଅଥବା କେନ୍ଦ୍ର ସ୍ଥାପନା କରିପାରେ । ଏହା ଦ୍ୱାରା ପାରିପାର୍ଶ୍ୱିକ ବାତାବରଣ ଶୁଦ୍ଧ, ପବିତ୍ର ହୁଏ; ନିକଟବର୍ତ୍ତୀ ସମ୍ପର୍କୀୟ ବ୍ୟକ୍ତିଙ୍କ ଉପରେ ବହୁତ ପ୍ରଭାବ ପଡ଼େ । ଏହା ଦ୍ୱାରା ବହୁତ ସଂଖ୍ୟାରେ ବ୍ୟକ୍ତିଙ୍କର କଲ୍ୟାଣ ସାଧିତ ହୁଏ । ଏହି ତିନି ପ୍ରକାରର ସତ୍‌ସଙ୍ଗ ସବୁ ସମୟରେ କରାଯାଇପାରେ କିନ୍ତୁ ସବୁ ସମୟରେ ସଫଳ ହୁଏ ନାହିଁ; ନିର୍ଜୀବ, ଶକ୍ତିହୀନ, ନିଷ୍କ୍ରିୟ ହୋଇ ପଡ଼ିଥାଏ । କୌଣସି ସତ୍ୟ ଏହି ପୃଥିବୀରେ ସ୍ଥାପନା କରିବା ସକାଶେ ସ୍ୱୟଂ ଭଗବାନ୍ ଅଥବା ଭଗବାନଙ୍କ ନିର୍ଦ୍ଦେଶରେ କୌଣସି ମହାପୁରୁଷ ମନୁଷ୍ୟ ଶରୀର ଧାରଣ କରି ଏହି ପୃଥିବୀକୁ ଆସିଲେ ସତ୍‌ସଙ୍ଗ ଗୋଟିଏ ନୂତନ ରୂପ ନିଏ ଏବଂ ନିର୍ଜୀବ ହୋଇ ପଡ଼ିଥିବା ସତ୍‌ସଙ୍ଗରେ ଶକ୍ତି ସଞ୍ଚାର ହୁଏ । ଏହି ପୃଥିବୀରେ ଯେତେବେଳେ ଏକ ମହାନ୍ ପରିବର୍ତ୍ତନ ଆସେ ଅର୍ଥାତ୍ ସଂସାର ଚେତନା ପୂର୍ଣ୍ଣରୂପେ ରୂପାନ୍ତର ହୁଏ, ସେତେବେଳେ ସତ୍‌ସଙ୍ଗ ମଧ୍ୟ ଦେଇ ଗୋଟିଏ ମହାନ୍ ଶକ୍ତି କ୍ରିୟା କରେ । ସେହି ପୂର୍ଣ୍ଣ ରୂପାନ୍ତର ସମୟ ହିଁ ଦେବ-ମୁହୂର୍ତ୍ତ । ସେହି ଦେବ-ମୁହୂର୍ତ୍ତରେ ମନୁଷ୍ୟ ଜାଗ୍ରତ ନ ହେଲେ ମହାନ୍ ସୁଯୋଗ ହରାଏ ।

ବର୍ତ୍ତମାନ ସଂସାରରେ ଚେତନାର ପୂର୍ଣ୍ଣ ରୂପାନ୍ତରର ସମୟ । ସଂସାରରୁ ପୂର୍ଣ୍ଣତଃ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷ, ଅନୀତି, ଅତ୍ୟାଚାର ଦୂର ହେବାକୁ ଆରମ୍ଭ କରିବ । ସଂସାର ହେବ ସ୍ୱର୍ଗ, ମନୁଷ୍ୟ ହେବ ଦେବ-ମାନବ । କେତେକ ବ୍ୟକ୍ତି ଦେବ-ମାନବତ୍ୱ ଆଡ଼କୁ ଗତି କରିବା ଅନୁପାତରେ ସଂସାରରୁ ଦ୍ୱନ୍ଦ୍ୱ କ୍ରମଶଃ ନିବୃତ୍ତ ହେବାକୁ ଆରମ୍ଭ ହେବ । ଏହାହିଁ ହେବ ଦେବ-ମୁହୂର୍ତ୍ତର ଉଷାକାଳ । ଜାଗ୍ରତ ହେବାର ଅର୍ଥ : ଏହି ଯେଉଁ ଦେବ-ମୁହୂର୍ତ୍ତର ସତ୍ୟ ଆଗମନ ହୋଇଛି ତାହାକୁ ଗ୍ରହଣ କରିବାକୁ ପ୍ରଯତ୍ନ କରିବା । ଦେବ-ମୁହୂର୍ତ୍ତର ସତ୍ୟ ହେଉଛି ଅତିମାନସ, ଯାହାକୁ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆଣି ଅଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରା ହିଁ ରୂପାନ୍ତର ସାଧିତ ହେବ ।

ଯେଉଁ ସମୟରେ ଯେଉଁ ଅବତାର ବା ମହାପୁରୁଷମାନେ ଏହି ସଂସାରକୁ ଆସି କୌଣସି ସତ୍ୟ ସ୍ଥାପନା କରନ୍ତି ସେହି ଅନୁସାରେ ସତ୍‌ସଙ୍ଗର ସ୍ୱରୂପ ହୁଏ । ପୁରାତନ ସତ୍‌ସଙ୍ଗ ଦ୍ୱାରା ସେ ସମୟରେ ସାମୂହିକ ରୂପେ ବ୍ୟକ୍ତିଙ୍କୁ ଲାଭ ହୁଏ ନାହିଁ । କାରଣ ସତ୍‌ସଙ୍ଗ ହୁଏ ସମୟାନୁରୂପ । ଶହେ ବର୍ଷ ପୂର୍ବେ, ପାଞ୍ଚଶହ ବର୍ଷ ପୂର୍ବେ ବା ହଜାର ବର୍ଷ ପୂର୍ବେ ମନୁଷ୍ୟର ଯେଉଁ ମନୋଭାବ, ପରିସ୍ଥିତି, ପାରିପାର୍ଶ୍ୱିକ ଅବସ୍ଥା, ଦେଶ ଦେଶ ପ୍ରତି ସମ୍ବନ୍ଧ ଥିଲା ତାହା ଆଜି ନାହିଁ । ବହୁତ ପରିବର୍ତ୍ତନ ହୋଇ ସାରିଛି । ସେତେବେଳେ ଯେଉଁ ବ୍ୟବସ୍ଥା ଥିଲା ତାହା ସେହି ସମୟର ଅନୁକୂଳ । ସେହି ସମୟ ପରିବର୍ତ୍ତନ ହୋଇ ସାରିଥିବାରୁ ସେ ସମୟର ପ୍ରଣାଳୀ ବର୍ତ୍ତମାନ ସମୟରେ ଅନୁପଯୋଗୀ ହେବା ସ୍ୱାଭାବିକ । ସେହି ସକାଶେ ମହାପୁରୁଷମାନେ ସମୟୋପଯୋଗୀ ସତ୍ୟ ପ୍ରତିଷ୍ଠାର ବ୍ୟବସ୍ଥା କରନ୍ତି ।

### ସମୟୋପଯୋଗୀ ସତ୍‌ସଙ୍ଗ

ପ୍ରତ୍ୟେକ ଯୁଗରେ ଧର୍ମାଚରଣର ପଦ୍ଧତି ପରିବର୍ତ୍ତନ

ହୁଏ । ଏପରିକି ପ୍ରତ୍ୟେକ ଯୁଗ-ଅନ୍ତର୍ଗତ ଧର୍ମର ପ୍ରଣାଳୀ କେତେ ଶହ ବର୍ଷ ପରେ ପରିବର୍ତ୍ତନ ହେଉଥାଏ । କାରଣ ସମୟ ଅତୀତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ-ମନର ବିକାଶ ହେଉଥାଏ ତଥା ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ ପରିବର୍ତ୍ତନ ହେଉଥାଏ । ସେହି ସକାଶେ ଯେଉଁ ସମୟରେ ଯେପରି ଧର୍ମାଚରଣ ଆବଶ୍ୟକ ହୁଏ, ମହାପୁରୁଷମାନେ ତଥା ଅବତାର ଜନ୍ମ ନେଇ ସେହି ଅନୁସାରେ ଆଦର୍ଶ ସ୍ଥାପନା କରନ୍ତି । କିନ୍ତୁ ବ୍ୟକ୍ତି ଭ୍ରମବଶତଃ ଏହି ରହସ୍ୟକୁ ହୃଦୟଙ୍ଗମ ନ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ପ୍ରତିବାଦ ବା ବିରୋଧ ସୃଷ୍ଟି କରନ୍ତି । ଯଥାର୍ଥରେ ବିରୋଧ ନ ଥାଏ । ଏହା କେବଳ ମନୁଷ୍ୟର ସୀମିତତା ଏବଂ ଅଦୂରଦର୍ଶିତା ମାତ୍ର । ସୁଦୂର ଅତୀତକୁ ଛାଡ଼ି ନିକଟ ଅତୀତ ବିଷୟରେ ଆଲୋଚନା କରିବା ।

ଯେତେବେଳେ ବୁଦ୍ଧଦେବ ଆସିଥିଲେ ସେତେବେଳେ ଧର୍ମ-ସଙ୍ଘର ଆବଶ୍ୟକତା ଥିଲା । ସେ ଭିନ୍ନ ଭିନ୍ନ ସ୍ଥାନରେ ତାଙ୍କ ଆଦର୍ଶ ପ୍ରଚାର ସକାଶେ ସଂଘ ସ୍ଥାପନ କଲେ । ସେ ସମୟରେ ବୌଦ୍ଧଧର୍ମ ପ୍ରଭାବରେ ସଂସାରରେ ଗୋଟାଏ ପରିବର୍ତ୍ତନ ଆସିଲା । ତାଙ୍କ ପରେ ତାଙ୍କ ପ୍ରଚାରିତ ସତ୍ୟ, କାଳ ପ୍ରଭାବରୁ ସଙ୍କୁଚିତ ହେଲା । ସତ୍ୟ ହ୍ରାସ ହେବାରୁ ତାଙ୍କ ସଙ୍ଘର କେବଳ ଢାଞ୍ଚା ଥିଲା, ପ୍ରଭାବ ଲୋପ ହୋଇ ଯାଇଥିଲା ।

ସେହି ଧର୍ମକୁ ନୂତନ ଭାବେ ଭିନ୍ନ ଭିନ୍ନ ପ୍ରଣାଳୀରେ ସଂସାରରେ ପ୍ରତିଷ୍ଠା କରିବାକୁ ଆସିଲେ ଆଚାର୍ଯ୍ୟ ଶଙ୍କର । ବୁଦ୍ଧଦେବଙ୍କ ସମୟ ଅତୀତ ହୋଇଯାଇ ଥିଲା, ମନୁଷ୍ୟ ତାକୁ ପଶ୍ଚାତରେ ଛାଡ଼ି ବହୁ ଦୂର ଆଗେଇ ଆସିଥିଲା । ସେଥିପାଇଁ ଶଙ୍କର ବୁଦ୍ଧଦେବଙ୍କ ଆଦର୍ଶକୁ ପିଷ୍ଟ-ପେଷଣ ନ କରି ନୂତନ ପ୍ରଣାଳୀ ସ୍ଥାପନ କଲେ । ସେହି ଆଦର୍ଶ ସ୍ଥାପନ ସକାଶେ ଭିନ୍ନ ଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କଲେ । ସନ୍ନ୍ୟାସୀଙ୍କର ଥିଲା ଗେରୁଆ ବସ୍ତ୍ର । ସେମାନେ ଦଣ୍ଡ, କମଣ୍ଡଳୁରେ ସୁଶୋଭିତ ହୋଇଥିଲେ । ଶଙ୍କରଙ୍କ ଆଦର୍ଶର ପ୍ରଭାବ ଏତେ ପଡ଼ିଲା ଯେ ଭାରତବର୍ଷରୁ ବୌଦ୍ଧଧର୍ମ ପ୍ରାୟ ଲୋପ ହୋଇଗଲା । କାଳ ଗତିଶୀଳ । ସେ ଅହରହ ଚାଲିଥାଏ । ଯାହା ପଛରେ ଛାଡ଼େ, ଫେରିଯାଇ ଧରି ରଖେ ନାହିଁ । ବିକାଶଶୀଳ ଅବସ୍ଥା ବରାବର ଚାହେଁ ନୂତନ ବସ୍ତୁ । ମନୁଷ୍ୟର ଚେତନା-ବିକାଶ ସଙ୍ଗେ ସଙ୍ଗେ ସେ ପୁରାତନ ଆଦର୍ଶରେ ସନ୍ତୁଷ୍ଟ ରହିପାରେ ନାହିଁ । ବିକାଶଶୀଳ ପ୍ରକୃତିର ଧର୍ମ ଅନୁସାରେ ସେ ସମୟର ଧର୍ମଶକ୍ତି କ୍ଷୀଣ ହେବାକୁ ଲାଗେ । ମଠ ତଥା ସିଦ୍ଧାନ୍ତର ରୂପରେଖ ପୂର୍ବବତ୍ ଥାଏ କିନ୍ତୁ ଧର୍ମଶକ୍ତି (ବହୁତ କମ୍ ସଂଖ୍ୟାର ଗୃହତ୍ୟାଗୀ ସନ୍ନ୍ୟାସୀଙ୍କୁ ଛାଡ଼ି) ସଂସାରରୁ ପ୍ରାୟ ଲୋପ ହୋଇଯାଏ । ଅସତ୍ୟ, ଅତ୍ୟାଚାର, ଅନ୍ୟାୟ ବଢ଼େ । ଏହି ଅବସ୍ଥାରେ ମହାପୁରୁଷମାନଙ୍କର ପୃଥିବୀରେ ଆବିର୍ଭାବ ହୁଏ ।

ଆଚାର୍ଯ୍ୟ ଶଙ୍କରଙ୍କ ଶିକ୍ଷା ଥିବା ସତ୍ତ୍ୱେ ମନୁଷ୍ୟର ବିକାଶୋପଯୋଗୀ ନୂତନ ଶିକ୍ଷାର ଆବଶ୍ୟକ ହେଲା ।

ଭଗବାନଙ୍କ ବିଧାନ ଅନୁସାରେ ପୃଥିବୀକୁ ବୈଷ୍ଣବ ଆଚାର୍ଯ୍ୟ ରାମାନୁଜ, ରାମାନନ୍ଦ ଓଗେର ମହାପୁରୁଷ ଆସିଲେ । ଏମାନେ ମଧ୍ୟ ଶଙ୍କରଙ୍କ ପରି ମଠ ସ୍ଥାପନ କଲେ । କିନ୍ତୁ 'ସୋଽହଂ' 'ସୋଽହଂ' ଜପିବା ଛାଡ଼ି ମଠରେ ସ୍ଥାପନ କଲେ ଭଗବାନଙ୍କ ପ୍ରତିମା; ପିନ୍ଧିଲେ ବ୍ରହ୍ମଗ୍ରନ୍ଥି ସହ ଶ୍ୱେତ ବସ୍ତ୍ର, ଧାରଣ କଲେ ତୁଳସୀ ମାଳା, ଉର୍ଦ୍ଧ୍ୱପୁଣ୍ଡ୍ରତିଳକ । ଏମାନଙ୍କ ଇଷ୍ଟଦେବ ଶଙ୍କରଙ୍କ ସଦୃଶ ନିରାକାର, ନିରଞ୍ଜନ, ନିର୍ବିଶେଷ ସତ୍ତା ହେଲେ ନାହିଁ; ଏମାନଙ୍କ ଇଷ୍ଟଦେବ ହେଲେ ସୌନ୍ଦର୍ଯ୍ୟ, ଲାବଣ୍ୟାଦି ଷଡ଼ ଐଶ୍ୱର୍ଯ୍ୟ ଦିବ୍ୟଗୁଣସମ୍ପନ୍ନ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ବିଗ୍ରହ – ସଗୁଣ ରୂପଧାରୀ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ । ଏହି ଆଚାର୍ଯ୍ୟମାନଙ୍କ ଆଦର୍ଶ ପ୍ରଚାରର ଯୁଗକୁ ବୈଷ୍ଣବ ଯୁଗ ବୋଲି କୁହାଯାଏ । ସେହି ସମୟରେ ବୈଷ୍ଣବ ଧର୍ମ ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସ୍ଥାନେ ସ୍ଥାନେ ମଠ, ମନ୍ଦିର ତଥା ଗ୍ରାମମାନଙ୍କରେ ଭଗବତ୍ କଥା, କୀର୍ତ୍ତନ, ଭାଗବତ ଗାଦି ସ୍ଥାପନ ହୋଇଥିଲା । ପୁରାତନ ଯୁଗର ଅନ୍ୟାନ୍ୟ ଆଦର୍ଶ ସଦୃଶ ଏହାର ପ୍ରଭାବ ମଧ୍ୟ ସ୍ଥାୟୀ ହୋଇ ରହି ପାରିଲା ନାହିଁ । ରହିଲା ମଠ ମନ୍ଦିରର ଆକାର, କିନ୍ତୁ ତା' ମଧ୍ୟରୁ ସତ୍ୟ କ୍ରମଶଃ ହ୍ରାସ ହେଲା । ଏଥିରେ କାହାର ଦୋଷ ନାହିଁ । ନଦୀସ୍ରୋତ ପୁରାତନ ସ୍ଥାନକୁ ଛାଡ଼ି ତା'ର ଗନ୍ତବ୍ୟ ସ୍ଥାନ ସମୁଦ୍ର ଆଡ଼କୁ ଯେପରି ଅବିଶ୍ରାନ୍ତ ଅହରହ ଗତି କରୁଥାଏ – ସେହି ପ୍ରକାର କ୍ରମବିବର୍ତ୍ତନର ଗତିଧାରା । ସେ ପୁରାତନ ଆଦର୍ଶକୁ ଅତିକ୍ରମ କରି ବରାବର ଲକ୍ଷ୍ୟ ଦିଗରେ ଧାବିତ ହେଉଥାଏ ।

## ଭାରତକୁ ଶ୍ରୀଅରବିନ୍ଦଙ୍କ ଦାନ

କ୍ରମବିବର୍ତ୍ତନ ପଦ୍ଧତି ଅନୁସାରେ ପୁରାତନ ଧର୍ମ ସମସ୍ତ ଭାଙ୍ଗି ଚୂର୍‌ମାର୍ ହୋଇଗଲା । ହେଲା ଅସତ୍ୟ, ଦୁର୍ନୀତି ଓ ଅନ୍ୟାୟର ରାଜ୍ୟ । ଚାରି ଦିଗରେ ବିଦେଶୀ ଶାସନ ଜଞ୍ଜିରରେ

ଦେଶ ମହାଦେଶ ବନ୍ଦୀ ହେଲା । ଅନ୍ୟାୟର ଆଧିକ୍ୟରେ ପରିବର୍ତ୍ତନ ସୁନିଶ୍ଚିତ । ସେହି ସମୟରେ ଭାରତ ତଥା ଅନ୍ୟ ଦେଶରେ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କର ହେଲା ଆବିର୍ଭାବ । ଯଥାର୍ଥରେ ୧୮୦୦ ଶତାବ୍ଦୀରୁ ଗୋଟାଏ ମହାନ୍ ପରିବର୍ତ୍ତନର ଯୁଗ ଆରମ୍ଭ ହେଲା । ଏହି ପରିବର୍ତ୍ତନ ଅତୀତ ଇତିହାସର ଗୋଟିଏ ଏକେବାରେ ନୂତନ ଅଧ୍ୟାୟ । ଏଥିରେ ଅଂଶ ଗ୍ରହଣ କରିବାକୁ ଏହି ପୃଥିବୀକୁ ଆସିଲେ ଶ୍ରୀଅରବିନ୍ଦ ଏବଂ ତାଙ୍କର କର୍ମ-ସମ୍ପାଦିକା ଶକ୍ତି ରୂପେ ଶ୍ରୀମା । ଏହି ମହାନ୍ ପରିବର୍ତ୍ତନର ଅଂଶ ଥିଲା ଭାରତର ସ୍ୱତନ୍ତ୍ରତା । କିନ୍ତୁ ସେତେବେଳେ ଭାରତବାସୀ ଜଡ଼ତା, ତାମସିକତାରେ ଥିଲେ ଏକେବାରେ ସୁପ୍ତ, ସ୍ୱତନ୍ତ୍ରତା ସମ୍ବନ୍ଧେ ଉଦାସୀନ । ସେହି ସମୟରେ ଶ୍ରୀଅରବିନ୍ଦ ଭାରତବାସୀଙ୍କୁ ସ୍ୱତନ୍ତ୍ରତା ଆଦର୍ଶର ଶିକ୍ଷା ଦେବା ସକାଶେ କରିଥିଲେ ସ୍ୱୟଂ କର୍ମ । ହୋଇଥିଲେ ନାନା ପ୍ରକାର ଦୁଃଖ-ଦ୍ୱନ୍ଦ୍ୱ ବିପଦର ସମ୍ମୁଖୀନ । ତା' ଫଳରେ ଭାରତରେ ଆସିଥିଲା ସ୍ୱତନ୍ତ୍ରତାର ଜାଗରଣ ।

କିନ୍ତୁ ତାଙ୍କ କାର୍ଯ୍ୟ କେବଳ ଭାରତର ସ୍ୱତନ୍ତ୍ରତା ନ ଥିଲା । ସେ ଯେଉଁ ମହାନ୍ କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଥିଲେ ତାହାର ଗୋଟିଏ ଅଙ୍ଗ ଥିଲା ଭାରତର ସ୍ୱତନ୍ତ୍ରତା । ଭାରତବାସୀ ନିଜ ସ୍ୱତନ୍ତ୍ରତା ସମ୍ବନ୍ଧେ ସଚେତ ହେବାରୁ ଶ୍ରୀଅରବିନ୍ଦ ସ୍ଥୂଳ ରୂପେ ଭାରତ ସ୍ୱତନ୍ତ୍ରତାର କର୍ମକ୍ଷେତ୍ରରୁ ବିଦାୟ ନେଇ ନିଜର ପ୍ରଧାନ କାର୍ଯ୍ୟରେ ତତ୍ପର ହେଲେ । ଭାରତ ସ୍ୱତନ୍ତ୍ରତାର କ୍ରିୟାତ୍ମକ ରୂପେ ସ୍ଥୂଳ କାର୍ଯ୍ୟ କଲେ ଅନ୍ୟ ନେତାମାନେ; ସେହି କାର୍ଯ୍ୟରେ ଶ୍ରୀଅରବିନ୍ଦ ସାହାଯ୍ୟ କଲେ ତାଙ୍କ ଅଧ୍ୟାତ୍ମ ଶକ୍ତି ଦ୍ୱାରା । ସଂସାରରେ ଯେଉଁ ମହାନ୍ କାର୍ଯ୍ୟ ସ୍ଥୂଳ ରୂପେ ହୁଏ ତାହାର ପଶ୍ଚାତରେ ସାହାଯ୍ୟ କରେ ଗୋଟିଏ ସୂକ୍ଷ୍ମ ଶକ୍ତି । ସ୍ଥୂଳ ତଥା ସୂକ୍ଷ୍ମ ଉଭୟ କ୍ରିୟାରେ କାର୍ଯ୍ୟ ସମ୍ପାଦନ ହୁଏ । ଶ୍ରୀଅରବିନ୍ଦ ତାଙ୍କ ମହାନ୍ କର୍ମର ସିଦ୍ଧି ଦିଗରେ ଅଗ୍ରସର ହେବା କାଳରେ ଭାରତ ସ୍ୱତନ୍ତ୍ର ହେଲା ।

ବୈଜ୍ଞାନିକ, ରାଜନୈତିକ, ସାମାଜିକତାର ଯେଉଁ ମହାନ୍ ପରିବର୍ତ୍ତନ ଆମ୍ଭେମାନେ ଦେଖୁଥାଇଁ ତାହା ଭବିଷ୍ୟତ୍ ମହାନ୍ ପରିବର୍ତ୍ତନର ସୂଚନା ମାତ୍ର । ଆଜି ଆମ୍ଭେମାନେ ଯଦି ୬୦ ବର୍ଷ ପୂର୍ବର ଅବସ୍ଥାକୁ ଦୃଷ୍ଟିପାତ କରୁ ତେବେ ବୁଝିପାରିବୁ ପରିବର୍ତ୍ତନ କେତେ ଦ୍ରୁତ ଗତିରେ ଚାଲୁଛି । ଏହି ପରିବର୍ତ୍ତନ କ୍ରମଶଃ ଦ୍ରୁତରୁ ଦ୍ରୁତତର ଗତିରେ ଚାଲିବ ଏବଂ ନିକଟ ଭବିଷ୍ୟତରେ ଏହି ପରିବର୍ତ୍ତନ ଏପରି ଗୋଟାଏ ଅବସ୍ଥାରେ ପହଞ୍ଚିବ ଯାହାକୁ ବ୍ୟକ୍ତି ସ୍ଥୂଳ ଦୃଷ୍ଟିରେ ଦେଖିପାରିବ । ସେ ପରିବର୍ତ୍ତନ ହେବ ଜଡ଼ତତ୍ତ୍ୱରେ । ଜଡ଼ ଶରୀରରେ ପରିବର୍ତ୍ତନ ଦେଖାଦେଲେ ମନୁଷ୍ୟ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହେବ; ସେ ହେବ ଦେବ-ମାନବ । ସଂସାରରୁ କ୍ରମଶଃ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ, ଅତ୍ୟାଚାର ଦୂର ହେବ; ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ମହାନ୍ କାର୍ଯ୍ୟ ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ସଂସାରକୁ ଆସି କର୍ମ କରୁଅଛନ୍ତି । ଏହି କାର୍ଯ୍ୟର ପ୍ରଧାନ କେନ୍ଦ୍ର ହେଉଛି ଶ୍ରୀଅରବିନ୍ଦ ଆଶ୍ରମ ଏବଂ ଏହାର ଶାଖାପ୍ରଶାଖା ରୂପେ ଶ୍ରୀଅରବିନ୍ଦ ପାଠଚକ୍ର ସମଗ୍ର ସଂସାରରେ ତୀବ୍ର ଗତିରେ ପ୍ରସାରିତ ହେଉଅଛି । ଏହି କେନ୍ଦ୍ର ଓ ଶାଖାକେନ୍ଦ୍ରମାନଙ୍କର ସାଧକମାନେ ଯେତେ ପରିମାଣରେ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ ସେହି ଅନୁପାତରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ ନିବୃତ୍ତ ହେଉଥିବ; ଏବଂ ସଂସାର ତା'ର ଲକ୍ଷ୍ୟ ସ୍ୱର୍ଗରାଜ୍ୟ ସ୍ଥାପନା ଦିଗରେ ଅଗ୍ରସର ହେଉଥିବ । ଏହା ଆନୁଷଙ୍ଗିକ ରୂପେ ଏଠାରେ ଆଲୋଚନା କରାହେଲା । ଆମ୍ଭର ପ୍ରଧାନ ଆଲୋଚ୍ୟ ବିଷୟ ହେଉଛି ସତ୍‌ସଙ୍ଗ ଦ୍ୱାରା ଜୀବନର ଉନ୍ନତି ତଥା ପୁରାତନ କାଳରେ ସତ୍‌ସଙ୍ଗ ପ୍ରାପ୍ତିର ବ୍ୟବସ୍ଥା କିପରି ଥିଲା, ବର୍ତ୍ତମାନ ଅବସ୍ଥାରେ ସତ୍‌ସଙ୍ଗର ସ୍ୱରୂପ କ'ଣ, ଏ ବିଷୟରେ ବିଚାର କରିବା ।

## ବର୍ତ୍ତମାନ ଯୁଗରେ ଅଧ୍ୟାତ୍ମ-ସତ୍ୟ ପ୍ରାପ୍ତିର ସହଜ ଉପାୟ

ମନୁଷ୍ୟ ସୃଷ୍ଟି ହେବା ଦିନଠାରୁ ପୁରାତନ ଯୁଗରେ ଯାହାକିଛି ପରିବର୍ତ୍ତନ ଘଟିଛି ତାହା ସେହି ଏକ ହିଁ ମନୁଷ୍ୟର ଅଜ୍ଞାନ ଅବସ୍ଥାରୁ ଉନ୍ନତ ଅବସ୍ଥାରେ, ଏକେବାରେ ପୂର୍ଣ୍ଣରୂପେ ସ୍ତର ପରିବର୍ତ୍ତନ ହୋଇ ନାହିଁ, ଅର୍ଥାତ୍ ମନୁଷ୍ୟ ପରେ ଅନ୍ୟ କୌଣସି କିଛି ହୋଇ ନାହିଁ । ବର୍ତ୍ତମାନର ପରିବର୍ତ୍ତନ ପୁରାତନ ଯୁଗର ଗୋଟିଏ ସ୍ତର ମଧ୍ୟରେ କୌଣସି ନୂତନ ଅବସ୍ଥା ନୁହେଁ, ଏକେବାରେ ମନୁଷ୍ୟ ସ୍ତରର ପୂର୍ଣ୍ଣ ପରିବର୍ତ୍ତନ । ମାନବରୁ ଦିବ୍ୟ ମାନବ, ମୃତ୍ୟୁପୁରୀ ସଂସାରର ଦିବ୍ୟ ସ୍ୱର୍ଗରେ ପରିଣତ । ଏହି ପରିବର୍ତ୍ତନ ଇତିହାସରେ ଏକେବାରେ ନୂତନ ମନୁଷ୍ୟର ସୀମିତ ମନ ପକ୍ଷରେ ଅସମ୍ଭବ ପ୍ରତୀତ ହେଲେ ମଧ୍ୟ ଏହା ହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ସୃଷ୍ଟି ଆରମ୍ଭରୁ ସେ ଅଜ୍ଞାତ ରୂପେ ଧାବିତ ହେଉଅଛି । ଏହି ଲକ୍ଷ୍ୟପ୍ରାପ୍ତିରେ ମନୁଷ୍ୟକୁ

ସାହାଯ୍ୟ କରିବା ସକାଶେ ସମୟ ସମୟରେ ଭଗବାନ୍ ସ୍ୱୟଂ ଅବତାର ନେଇ ଏବଂ ଆଚାର୍ଯ୍ୟମାନେ ଏହି ପୃଥିବୀକୁ ଆସି ମନୁଷ୍ୟକୁ ଅଧ୍ୟାତ୍ମ ଶିକ୍ଷା ଦେଇ ଯେପରି ତାକୁ ଅଗ୍ରସର କରାଇ ଦେଉ ଅଛନ୍ତି, ସେହିପରି ମନୁଷ୍ୟକୁ ଅତିମାନବରେ, ମାନସ ଚେତନାକୁ ଅତିମାନସ ଚେତନାରେ ପ୍ରାପ୍ତ କରାଇ ଦେବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି । ଏହି ଶକ୍ତିର କ୍ରିୟା ଦ୍ୱାରା ବ୍ୟକ୍ତି କଳ୍ପନାତୀତ ଲକ୍ଷ୍ୟରେ ସହଜରେ ପହଞ୍ଚି ପାରିବ । ଏହି ଲକ୍ଷ୍ୟ ଅପ୍ରତ୍ୟାଶିତ ମହାନ୍ ହେବା ସତ୍ତ୍ୱେ ଏହାର ସାଧନା ବହୁତ ସହଜ ।

ଏହାର ସାଧନା ପଦ୍ଧତି ହେଲା ଅଭୀପ୍ସା, ସମର୍ପଣ, ତ୍ୟାଗ, ଏକାଗ୍ରତା ସକାଶେ ଧ୍ୟାନ । ଅଭୀପ୍ସାର ଅର୍ଥ ତୀବ୍ର ଇଚ୍ଛା ଅର୍ଥାତ୍ ଲକ୍ଷ୍ୟ ପ୍ରାପ୍ତ ହେବା; ଲକ୍ଷ୍ୟପ୍ରାପ୍ତି ପୂର୍ବ ଅବସ୍ଥାରେ ମନ-ପ୍ରାଣ-ଶରୀରରେ ସମତା, ଶାନ୍ତି, ଆନନ୍ଦ, ଜ୍ଞାନାଦି ଦିବ୍ୟଗୁଣ ପ୍ରତିଷ୍ଠା କରିବା ସକାଶେ ଅଭୀପ୍ସା । ନିଜେ ନିଜର ଯାହା କିଛି ସମସ୍ତ ଏବଂ ଶରୀରରେ ହେଉଥିବା ସ୍ଥୂଳ, ସୂକ୍ଷ୍ମ କର୍ମ ଭାଗବତୀ ଶକ୍ତିଙ୍କ ଚରଣରେ ଉତ୍ସର୍ଗ । ଲକ୍ଷ୍ୟପ୍ରାପ୍ତିରେ ବିରୋଧୀ କାମ, କ୍ରୋଧ, ଲୋଭ, ମୋହ, ସ୍ୱାର୍ଥ, ହିଂସା, ଆଳସ୍ୟ, ତାମସିକତାର ତ୍ୟାଗ । ଏଥିରେ ସାହାଯ୍ୟ ସକାଶେ ହୃଦୟ ଗଭୀରରେ କିଂବା ମସ୍ତିଷ୍କରେ ଧ୍ୟାନ । ଏହା ସୁଲଭ ଓ ଅତ୍ୟନ୍ତ ସରଳ ହୁଏ ଶ୍ରୀମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିଲେ । ମା ଅତିମାନସ ଶକ୍ତିକୁ ଧାରଣ କରିଅଛନ୍ତି, ଛୋଟ ଶିଶୁ ସଦୃଶ ନିଜକୁ ମା'ଙ୍କ ହାତରେ ଦେଇ ଦେଲେ ମା ସମସ୍ତ ବାଧାବିଘ୍ନରୁ ରକ୍ଷାକରି ଲକ୍ଷ୍ୟ ମାର୍ଗରେ ନେଇ ଚାଲନ୍ତି । ଯଥାର୍ଥରେ ଏହି ଯୋଗର ସାଧିକା ଭାଗବତୀ ଶକ୍ତି । ପୁରାତନ ଯୋଗର ଆସନ, ପ୍ରାଣାୟାମ, ଉତ୍କୃଷ୍ଟ ଧ୍ୟାନ, ଧାରଣା, ଯମ, ନିୟମାଦି ଶକ୍ତିଶାଳୀ ସାଧନା ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ଅସମର୍ଥ । ଏହା କେବଳ ସାଧିତ ହୁଏ ଭାଗବତୀ ଶକ୍ତିର କ୍ରିୟାରେ । ଭାଗବତୀ ଅତିମାନସ ଶକ୍ତିର କ୍ରିୟାରେ ଏହିସବୁ କ୍ରିୟା ସ୍ୱତଃସ୍ଫୂର୍ତ୍ତ ଭାବେ ଆଚରିତ ହୁଏ, ତଥାପି ଏସବୁର ପ୍ରାଧାନ୍ୟ ନ ଥାଏ ।

ବ୍ୟକ୍ତି ଉତ୍ସାହ ସହିତ ସାଧନାରେ ପ୍ରବୃତ୍ତ ହୁଏ ଏବଂ ତା'ର ମା'ଙ୍କ ପ୍ରତି ବିଶ୍ୱାସ ଭରସା ଦୃଢ଼ ହୁଏ ସତ୍‌ସଙ୍ଗ ଦ୍ୱାରା । ପୂର୍ବେ ଆଲୋଚନା ହୋଇଛି ସତ୍‌ସଙ୍ଗର ତିନିପ୍ରକାର ଅବସ୍ଥା । ଗୋଟିଏ ସିଦ୍ଧି, ଅନ୍ୟ ଦୁଇଟି ଉପାୟ । ସିଦ୍ଧି ସତ୍‌ସଙ୍ଗର ଅର୍ଥ : ସତ୍‌ସ୍ୱରୂପ ମନୁଷ୍ୟ ଅନ୍ତରସ୍ଥ ଚୈତ୍ୟ-ପୁରୁଷ (Psychic Being) ସହିତ ମନ, ପ୍ରାଣ ଏକ ହେବା ଅର୍ଥାତ୍ ଚୈତ୍ୟ-ଧର୍ମରେ ମନ-ପ୍ରାଣର ରୂପାନ୍ତର ହେବା । ତାହାରି ଦ୍ୱାରା ପରିଚାଳିତ ହେବା ଅଥବା ଭଗବାନଙ୍କ ସହିତ ଏକ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା । ଏହା ସିଦ୍ଧି-ସତ୍‌ସଙ୍ଗ । କୌଣସି ମହାପୁରୁଷଙ୍କ ଦର୍ଶନରେ ଅଥବା ଉପଦେଶରେ ବ୍ୟକ୍ତିର ଚୈତ୍ୟ-ପୁରୁଷ ଜାଗ୍ରତ ହୁଏ ଏବଂ ବ୍ୟକ୍ତି ଭଗବଦାଭିମୁଖୀ ହୁଏ । ଏହା ଉପାୟ-ସତ୍‌ସଙ୍ଗ । ମନୁଷ୍ୟର ଅନ୍ତରାତ୍ମା ସବୁ ସମୟରେ ଜାଗ୍ରତ ରହେ ନାହିଁ କିଂବା ମନୁଷ୍ୟର ପ୍ରବୃତ୍ତି ସବୁ ସମୟରେ ଭଗବଦାଭିମୁଖୀ ହୁଏ ନାହିଁ । ବାହ୍ୟ ସଂସାର ବିଷୟ ଘାତପ୍ରତିଘାତ ଦ୍ୱାରା ବାରଂବାର ଅନ୍ତରାତ୍ମା ଆବୃତ ହୋଇ ଯାଉଥାଏ । ଏହାକୁ ସଜାଗ, ସକ୍ରିୟ ରଖିବା ସକାଶେ ତୃତୀୟ ସତ୍‌ସଙ୍ଗର ଆବଶ୍ୟକ ହୁଏ । କେତେକ ବ୍ୟକ୍ତି ଗୋଟିଏ ସଙ୍ଘ ବା ଗୋଷ୍ଠୀ ରୂପେ ଏକତ୍ର ହୋଇ ଭଗବତ୍ ବିଷୟ ଆଲୋଚନା ଏବଂ ଧ୍ୟାନ ଆଦି ଭଗବତ୍ ଆରାଧନା କରନ୍ତି । ଶ୍ରୀଅରବିନ୍ଦ ଯୋଗର ସାଧକମାନେ ଏହିପରି ସଂସ୍ଥାକୁ ପାଠଚକ୍ର ନାମରେ କହନ୍ତି । ଏହା ହିଁ ତୃତୀୟ ସତ୍‌ସଙ୍ଗର ସ୍ୱରୂପ । ଏହା ସହଜ ହେବା ସତ୍ତ୍ୱେ ଶକ୍ତିଶାଳୀ ଏବଂ ସାଧନାରେ ସହାୟକ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : ୩୩୭ - ୩୪୧)

❑❑❑

ଶ୍ରୀଅରବିନ୍ଦ ପରମଙ୍କର ଏକ ପ୍ରକାଶ ଯିଏକି ପୃଥିବୀପୃଷ୍ଠକୁ ଆସିଥିଲେ ଏକ ନୂତନ ମାନବଜାତି ଓ ଏକ ନୂତନ ଅତିମାନସ ଜଗତର ଅଭିବ୍ୟକ୍ତି ସଂପର୍କରେ ଘୋଷଣା କରିବାକୁ ।
ଆସ ଆମେମାନେ ସମସ୍ତ ଆନ୍ତରିକତା ଓ ଆଗ୍ରହର ସହ ସେଥିଲାଗି ନିଜକୁ ପ୍ରସ୍ତୁତ କରିବା ।

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୪)

## ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରେମର ପରାକାଷ୍ଠା :**

ପୃଥିବୀରେ ଅନେକ ଧର୍ମ; ପ୍ରତ୍ୟେକ ଧର୍ମ ସେମାନଙ୍କର ବାଣୀ, ଆରାଧନା, ସଂକୀର୍ତ୍ତନ, ପ୍ରବଚନ ମାଧ୍ୟମରେ ଅନ୍ୟମାନଙ୍କୁ ଆକର୍ଷଣ କରି ନିଜ ଗୋଷ୍ଠୀକୁ ଆଣିବା ପାଇଁ ସତତ ଚେଷ୍ଟିତ । ଫଳରେ ଜଣଙ୍କର ଆଚରଣବିଧି ଅନ୍ୟ ଜଣଙ୍କଠାରୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ପୃଥକ୍ ହୋଇଥାଏ । କଥା ହେଉଛି ଭଗବାନ୍ ସକଳ ପ୍ରକାର ବିରୋଧାଭାସକୁ ଧାରଣ କରିଛନ୍ତି ଏବଂ ତାକୁ ଚାବିକାଠି କରି ସଂସାରକୁ ଲାଳନପାଳନ କରୁଛନ୍ତି । ଯେତେ ଯାହା ହେଲେ ବି ମୂଳ ଉତ୍ସର ମହିମା ଓ ଗରିମାକୁ କେହି ବି ଦୋହଲାଇ ଦେଇ ପାରିବେ ନାହିଁ । ଆମ୍ଭମାନଙ୍କର ମରଣଶୀଳ ବୁଦ୍ଧି କେବଳ ପ୍ରକାଶ ଲାଭ କରିଥିବା ଦୃଶ୍ୟ ଜଗତ୍ ଉପରେ ପର୍ଯ୍ୟବସିତ । ଯେଉଁଥିପାଇଁ ସକଳ ଧର୍ମ ପରସ୍ପରକୁ ଦୋଷାରୋପ କରିବାରେ ବ୍ୟସ୍ତ । ସେଥିପାଇଁ ଏତେ ସଂଘର୍ଷ, ଦଳାଚକଟା, ଟଣାଟଣି ଏବଂ ରକ୍ତପାତ । ଏସବୁକୁ ଲକ୍ଷ୍ୟ କରି ଦିବ୍ୟଜନନୀ ଶ୍ରୀମା ଡିସେମ୍ବର ୧୬, ୧୯୧୩ ତାରିଖ ପ୍ରାର୍ଥନାରେ କହୁଛନ୍ତି –

"PURE and disinterested love, Thy love in what we are able to perceive and manifest of it, is the sole key that can open all hearts that seek for Thee. Those who follow the path of the intellect may have a very high and true conception; they may have all the information about the true life, the life One with Thee, but they do not *know* it; they have no inner experience of that life and are ignorant of all contact with Thee. These men whose knowledge is intellectual and whose action is confined to a construction which they believe to be the best, are the most difficult of all to convert; it is harder to awaken the consciousness of the Divine in them than in any other person of goodwill. Love alone can work this miracle, for love opens all doors, penetrates every wall, clears every obstacle. And a little true love does more than the most beautiful speeches."

(Prayers and Meditations, P. 40)

''ବିଶୁଦ୍ଧ ଏବଂ ନୈର୍ବ୍ୟକ୍ତିକ ପ୍ରେମ, ଆପଣଙ୍କ ପ୍ରେମ ଯାହାକୁ ଆମେ ଯେତିକି ଉପଲବ୍ଧି କରିବାରେ ସକ୍ଷମ ହୋଇପାରୁ ଏବଂ ଯେତିକି ପରିମାଣରେ ପ୍ରକାଶିତ କରିପାରୁ, ତାହାହିଁ ହେଉଛି ଏକମାତ୍ର ଚାବିକାଠି; ଯେଉଁ ହୃଦୟମାନେ ଆପଣଙ୍କୁ ଖୋଜୁଛନ୍ତି ସେମାନଙ୍କୁ ଏହା ଖୋଲି ଦେଇପାରେ । ଯେଉଁମାନେ ଧୀ-ଶକ୍ତିର ପଥ ଅନୁସରଣ କରନ୍ତି ସେମାନଙ୍କର ଖୁବ୍ ଉଚ୍ଚକୋଟୀର ଏବଂ ସତ୍ୟସିଦ୍ଧ ଧାରଣା ଥାଇପାରେ; ସେମାନଙ୍କ ପାଖରେ ପ୍ରକୃତ ଜୀବନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଥାଇପାରେ, ଆପଣଙ୍କ ସହିତ ସଂଯୁକ୍ତ ହୋଇ ସେମାନେ ଜୀବନ ଅତିବାହିତ କରୁଥାଇ ପାରନ୍ତି, କିନ୍ତୁ ସେମାନେ ଏହାକୁ ଜାଣି ନ ଥା'ନ୍ତି । ସେପରି ଜୀବନର ଆନ୍ତର ଅନୁଭବ ସେମାନଙ୍କର ନ ଥାଏ, ଏବଂ ଆପଣଙ୍କ ସହିତ ସକଳ ପ୍ରକାର ସମ୍ପର୍କ ସମ୍ବନ୍ଧରେ ସେମାନେ ଅଜ୍ଞ ହୋଇ ରହିଥା'ନ୍ତି । ଏହି ପ୍ରକାରର ଲୋକମାନେ ଯେଉଁମାନଙ୍କର ଜ୍ଞାନ ବୁଦ୍ଧି-ସମ୍ଭୂତ (intellectual) ଏବଂ ଯେଉଁମାନଙ୍କ କାର୍ଯ୍ୟ କେବଳ ଏକ ନିର୍ଦ୍ଦିଷ୍ଟ ନିର୍ମାଣ କାର୍ଯ୍ୟରେ ସୀମିତ, ଯାହାକୁ ସେମାନେ ସର୍ବୋତ୍କୃଷ୍ଟ, ସବୁଠାରୁ ଭଲ ବୋଲି ବିଶ୍ୱାସ କରୁଥା'ନ୍ତି, ସେମାନଙ୍କୁ ବଦଳାଇବା ସବୁଠାରୁ କାଠିକର ପାଠ ବା କଷ୍ଟସାଧ୍ୟ; ଶୁଭେଚ୍ଛା ସମ୍ପନ୍ନ ଅନ୍ୟ ଯେକୌଣସି ବ୍ୟକ୍ତିଠାରୁ ସେମାନେ ଏତେ କଠିନ ହୋଇ ରହିଥା'ନ୍ତି ଯେ ତାଙ୍କ ଭିତରେ ଦିବ୍ୟ ଚେତନା ବା ପ୍ରଭୁଙ୍କର ଚେତନା ଜାଗ୍ରତ କରାଇବା ବହୁ କଷ୍ଟକର ବ୍ୟାପାର । ପ୍ରେମ ହିଁ କେବଳ ଏହି ଅଦ୍ଭୁତ (miracle) କାର୍ଯ୍ୟଟି କରି ପାରିବ; କାରଣ ପ୍ରେମ

ସକଳ ରୁଦ୍ଧ ଦ୍ୱାରକୁ ଖୋଲି ଦେଇଥାଏ, ପ୍ରତ୍ୟେକ ପ୍ରାଚୀର ମଧ୍ୟରେ ପ୍ରବେଶ କରିପାରେ, ସମସ୍ତ ପ୍ରତିବନ୍ଧକକୁ ପରିଷ୍କାର କରି ଦେଇପାରେ । ଏବଂ ଏତେ ଟିକିଏ ଯଥାର୍ଥ ପ୍ରେମ (true love) ସକଳ ପ୍ରକାର ସୁନ୍ଦର ବକ୍ତୃତାମାଳାଠାରୁ ଅଧିକ କାର୍ଯ୍ୟ ସାଧନ କରିପାରେ ।''

ପୁନଶ୍ଚ ଶ୍ରୀମା କହୁଛନ୍ତି, ''ହେ ପ୍ରଭୁ, ଏହି ପବିତ୍ର ପ୍ରେମପୁଷ୍ପ ମୋ ଭିତରେ ପ୍ରସ୍ଫୁଟିତ ହେଉ; ଫଳତଃ ଏହି ପୁଷ୍ପ ତା'ର ସୁବାସକୁ ମୋ ନିକଟକୁ ଆସୁଥିବା ସକଳଙ୍କ ମଧ୍ୟରେ ବାଣ୍ଟି ଦେଇପାରେ ଏବଂ ଏହା ମଧ୍ୟ ସେମାନଙ୍କୁ ପବିତ୍ର କରି ଦେଇପାରେ ।''

ଏହି ପ୍ରେମ ବା ଭଲ ପାଇବା ଭିତରେ ପ୍ରଶାନ୍ତି ଏବଂ ଆନନ୍ଦ ପ୍ରଚ୍ଛନ୍ନ ଭାବରେ ରହିଛି; ପୁନଶ୍ଚ ଏହା ହିଁ ହେଉଛି ସକଳ ଶକ୍ତି, ସାମର୍ଥ୍ୟ ଏବଂ ଅନୁଭବର ମୂଳଉତ୍ସ । ଏହି ପ୍ରେମ ହେଉଛି ଏକ ନିର୍ଭୁଲ ଉପଶମକାରୀ, ସର୍ବୋତ୍ତମ ଆଶ୍ୱାସନା ପ୍ରଦାନକାରୀ, ସକଳ କ୍ଷେତ୍ରରେ ବିଜେତା, ସାର୍ବଭୌମ ଶିକ୍ଷକ ବା ଗୁରୁ ।

ପ୍ରାର୍ଥନାଟିର ଚତୁର୍ଥ ଏବଂ ପଞ୍ଚମ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି, '' ହେ ପ୍ରଭୁ ! ମୋର ମଧୁମୟ ପ୍ରଭୁ, ଗୁରୁ, ମୁଁ ଆପଣଙ୍କୁ ଆରାଧନା କରୁଛି ନୀରବରେ ଏବଂ ଆପଣଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ନିବେଦିତ କରି ଦେଇଛି, ଆପଣ ମୋ ଜୀବନକୁ ପରିଚାଳନା କରୁଛନ୍ତି, ମୋ ହୃଦୟକୁ ଆପଣଙ୍କର ପବିତ୍ର ପ୍ରେମର ଶିଖା ଦ୍ୱାରା ଉଦ୍ଦୀପିତ କରି ଦିଅନ୍ତୁ, ଫଳତଃ ଏହା ପ୍ରଜ୍ୱଳିତ ହୋଇ ଉଠିବ ଏକ ଉଜ୍ଜ୍ୱଳ ଅଗ୍ନିଶିଖା ସଦୃଶ; ସମସ୍ତ ପ୍ରକାର ଅସମ୍ପୂର୍ଣ୍ଣତାକୁ ପୋଡ଼ି ଭସ୍ମ କରି ଦେବ ଏବଂ ରୂପାନ୍ତରିତ କରି ଦେବ ଏକ ଆରାମ ପ୍ରଦାନକାରୀ ଉଷ୍ମତାରେ ଏବଂ ଅହଂକାରର ଶୁଷ୍କ କାଷ୍ଠଖଣ୍ଡ ଏବଂ ଅଜ୍ଞାନତାର କଳା କୋଇଲା ଖଣ୍ଡମାନଙ୍କ ଉପରେ ଆଲୋକ ବିଚ୍ଛୁରିତ କରି ସେମାନଙ୍କୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଦେଇ ପାରିବ ।

''ହେ ପ୍ରଭୁ, ମୁଁ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ, ଭକ୍ତି ଓ ଆନନ୍ଦର ସହ ଏବଂ ଭାବବିହ୍ୱଳ ହୋଇ ମୁଁ ଆପଣଙ୍କୁ କୃତାଞ୍ଜଳିପୁଟରେ ନିବେଦନ କରୁଅଛି (I implore Thee) : ଏବଂ ଶ୍ରୀମା'ଙ୍କର ଏହି ନିବେଦନଟି ହେଉଛି,

ହେ ପ୍ରଭୁ ! –

''ଆପଣଙ୍କ ପ୍ରେମ ପ୍ରକାଶିତ ହେଉ,

''ଆପଣଙ୍କ ରାଜତ୍ୱ ପ୍ରତିଷ୍ଠିତ ହେଉ,

''ଆପଣଙ୍କର ପ୍ରଶାନ୍ତି ସମଗ୍ର ବିଶ୍ୱକୁ ଶାସନ କରୁ ।''

ଉକ୍ତ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା 'ପ୍ରେମ'ର ମହତ୍ତ୍ୱ, ପରାକାଷ୍ଠା ଏବଂ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରି ଶେଷରେ ଏହାକୁ କିପରି ଆଚରଣ କରିବାକୁ ହେବ, କାର୍ଯ୍ୟରେ ଉପଯୋଗ କରିବାକୁ ହେବ ଏବଂ ଏହା ଦ୍ୱାରା ସବୁକିଛି ସମ୍ଭବ ହୋଇପାରିବ ତାହା ପ୍ରକାଶ କରିଛନ୍ତି ଏବଂ ବିଶୁଦ୍ଧ ପ୍ରେମର ସ୍ୱରୂପ ମଧ୍ୟ ବର୍ଣ୍ଣନା କରିଛନ୍ତି । ଆମେ ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପଥ ଅନୁସରଣ କରିବାକୁ ଚାହୁଁଛେ, କିନ୍ତୁ ଏହି ପଥରେ ଆଗକୁ ବଢ଼ିବା ଅତ୍ୟନ୍ତ କଷ୍ଟକର । ଏ କ୍ଷେତ୍ରରେ ଆଗକୁ ଚାଲି ପାରିବାର ଏକମାତ୍ର ଚାବିକାଠି (Sole key) ହେଉଛି ''ପ୍ରେମ'' ବା ଶ୍ରୀମା'ଙ୍କୁ ଭଲ ପାଇବା । ଜଣେ ବ୍ୟକ୍ତି ଅତ୍ୟନ୍ତ ବୁଦ୍ଧିମାନ୍ ହୋଇ ପାରିଥା'ନ୍ତି । ତାଙ୍କ ପାଖରେ ବହୁତ ଉଚ୍ଚ ଏବଂ ପ୍ରକୃତ ଧାରଣାମାନ ଥାଇପାରେ; ବେଦ, ଉପନିଷଦ୍, ପୁରାଣରେ ପାଣ୍ଡିତ୍ୟ ହାସଲ କରିପାରି ଥାଆନ୍ତି, ଅନର୍ଗଳ ବକ୍ତୃତା ତଥା ପ୍ରବଚନ ଦେଇ ପାରନ୍ତି, ଭଗବାନ୍ ଯେ ଅଦ୍ୱିତୀୟ ସେ ସମ୍ପର୍କରେ ଅନେକ ସୂଚନା ସଂଗ୍ରହ କରିଥାଇ ପାରନ୍ତି, କିନ୍ତୁ ତାଙ୍କର ଯଦି ଏହି ସମସ୍ତ ବିଷୟରେ ଆନ୍ତର ଅନୁଭୂତି ନ ଥାଏ ଏବଂ ଆପଣଙ୍କ ସହିତ ସକଳ ପ୍ରକାର ଯୋଗସୂତ୍ରକୁ ପରିତ୍ୟାଗ କରି ବାଟ ଚାଲୁଥା'ନ୍ତି, ତାହାହେଲେ ସିଏ ଯେ ପ୍ରକୃତ ଜ୍ଞାନୀ ତାହା କହି ହେବ ନାହିଁ । ଏହି ପ୍ରକାର ବ୍ୟକ୍ତିତ୍ୱମାନଙ୍କୁ ବଦଳାଇ ସଠିକ ବାଟକୁ ଆଣିବା ଅତ୍ୟନ୍ତ କଷ୍ଟକର । ସେମାନଙ୍କ ଭିତରେ ଦିବ୍ୟ-ଚେତନା ଜାଗ୍ରତ କରାଇବା କଷ୍ଟକର ବ୍ୟାପାର । କିନ୍ତୁ ''ପ୍ରେମ'' ଏହି କାମଟି କରିପାରେ, ଆଶ୍ଚର୍ଯ୍ୟଜନକ ଭାବରେ । ପ୍ରେମ ସକଳ ବନ୍ଦ ଦରଜାକୁ ଖୋଲି ଦେଇପାରେ, କଠିନ କାନ୍ଥ ଭିତର ଦେଇ ଅନ୍ୟ ପଟକୁ ଚାଲି ଯାଇପାରେ । କୌଣସି ଦ୍ୱାର ପ୍ରେମ ପାଇଁ ନିଷିଦ୍ଧ ନୁହେଁ । ଏହି ପରିପ୍ରେକ୍ଷୀରେ ଶ୍ରୀମା'ଙ୍କର ପ୍ରେମ ଓ ଯତ୍ନ କିପରି କାମ କରେ ନିମ୍ନୋକ୍ତ ଘଟଣାଟିରୁ ସ୍ପଷ୍ଟ ବୋଧଗମ୍ୟ ହୋଇ ପାରିବ –

ପଣ୍ଡିଚେରୀ ସହରଠାରୁ ଅଳ୍ପ କିଛି ଦୂରରେ ଏକ ଗ୍ରାମରେ ବାସ କରୁଥା'ନ୍ତି ଜନୈକ ଭକ୍ତ । ସେ ପ୍ରତି ଦର୍ଶନ ଦିବସରେ ଆଶ୍ରମକୁ ଆସନ୍ତି ଏବଂ ଶ୍ରୀମା'ଙ୍କୁ ପ୍ରଣାମ ନିବେଦନ କରି ଆଶୀର୍ବାଦ ଗ୍ରହଣ କରନ୍ତି । ଥରେ ଏପ୍ରିଲ ଦର୍ଶନକୁ ସେ ଆସି ପାରିବେ କି ନାହିଁ ଭାବି ଚିନ୍ତାଗ୍ରସ୍ତ ହୋଇ ପଡ଼ିଥା'ନ୍ତି; କାରଣ ତାଙ୍କ ସହିତ ତାଙ୍କର ଏକମାତ୍ର କନ୍ୟା ଶ୍ୱଶୁର ଘରୁ

ଆସି ରହୁଥା'ନ୍ତି । ଝିଅଟି ଆସନ୍ନ ପ୍ରସବା ଏବଂ ସେଥିରେ ପୁଣି କାମଳ ରୋଗରେ ଆକ୍ରାନ୍ତ । ଭକ୍ତ ଜଣକ ବହୁତ ଚିନ୍ତା କରି ଦୋଦୋପାଞ୍ଚ ହୋଇ ଝିଅ ପାଖକୁ ଯାଇ କହିଲେ, ''ଝିଅ ! ମୁଁ ଗୋଟିଏ ଜରୁରୀ କାମରେ ଆଜି (ଏପ୍ରିଲ ୨୩) ପଣ୍ଡିଚେରୀ ଯାଇ ପଅରଦିନ ଭୋର ୪ଟା ବେଳେ ଫେରି ଆସି ତୋ' ପାଖରେ ପହଞ୍ଚିବି – ଏହି ସମୟତକ ତୁ କଷ୍ଟେମଷ୍ଟେ ଚଳିଯାଇ ପାରିବୁ ନାହିଁ !'' ଝିଅଟି କହିଲା, ''ହଁ ବାପା, ତୁମେ ଯାଅ ମୁଁ ଠିକ୍ ଅଛି ।''

ଝିଅଟିର ଦେହ ବହୁତ ଖରାପ ଥିଲା, କାହାରି ଆଶ୍ରୟ ନ ପାଇଲେ ସିଏ ବିଛଣାରୁ ବି ଉଠିପାରୁ ନ ଥିଲା । ଯାହାହେଉ ଝିଅଟି ପ୍ରଭୁଙ୍କୁ ଡାକି ସାହସ ବାନ୍ଧି ଘରେ ଏକାକୀ ରହିଥାଏ । କହିବାନୁସାରେ ଠିକ୍ ୨୫ ତାରିଖ ଭୋର ୪ଟା ବେଳେ ତାଙ୍କ ବାପା ଫେରି ଆସିଲେ; କିନ୍ତୁ ଇଏ କ'ଣ ଦେଖୁଛନ୍ତି – ''ଝିଅଟି ସମ୍ପୂର୍ଣ୍ଣ ସଳଖ ହୋଇ ଠିଆ ହୋଇଛି, ରନ୍ଧାବଢ଼ା କାମରେ ଲାଗି ପଡ଼ିଛି; ତା' ଦେହରେ ଅସୁସ୍ଥତାର ଚିହ୍ନବର୍ଣ୍ଣ ନାହିଁ । ସେ ଝିଅକୁ ପ୍ରଶ୍ନ କଲେ, ''ମା, ଏହା କିପରି ସମ୍ଭବ ହେଲା, ମୋର ଅନୁପସ୍ଥିତିରେ ତୁ କିପରି ଭଲ ହୋଇଗଲୁ ?''

ଝିଅଟି କହିଲା, ''ଆପଣ ଚାଲିଗଲା ପରେ ମୋତେ ବହୁତ ଖରାପ ଲାଗିଲା, ଆଖିରୁ ଅନବରତ ଲୁହ ଝରିବାକୁ ଲାଗିଲା । ବିଛଣା ଉପରେ ପଡ଼ିଥାଏ, କେତେବେଳେ ନିଦ ଆସି ଯାଇଛି ଜାଣି ନାହିଁ । ହଠାତ୍ କାହାର କୋମଳ ହସ୍ତର ସ୍ପର୍ଶ ମୋ ମଥା ଉପରେ ଅନୁଭବ କଲି । ଆଖି ଖୋଲି ଦେଖିଲି ମୋ ଖଟ ପାଖରେ ଜନୈକା ଇଉରୋପୀୟ ଭଦ୍ରମହିଳା ଦେବୀ ମୂର୍ତ୍ତିଟିଏ ପରି ଦଣ୍ଡାୟମାନା; ଶୁଭ୍ର ବସ୍ତ୍ର ପରିହିତା ଏବଂ ମସ୍ତକରେ ଏକ ହୀରାଖଚିତ ଚକ୍‌ଚକ୍ କରୁଥିବା ପଟି । ଉଠିବାକୁ ଚେଷ୍ଟା କଲି, ସେ କିନ୍ତୁ ମୋ ପାଖରେ ଖଟ ଉପରେ ବସି ପଡ଼ିଲେ, ମୋତେ ଆଉଁସି ଦେଲେ, ପିଠି ଥାପୁଡ଼େଇ ଦେଲେ । ତାଙ୍କ ଆଖିରୁ, ଓଠରୁ ପ୍ରେମର ଧାରା ମୋ ଉପରେ ଢାଳି ଦେଇ କହିଲେ, ''କିଛି ବ୍ୟସ୍ତ ହୁଅ ନାହିଁ, ତୁମ ଦେହ ଖୁବ୍ ଶୀଘ୍ର ଭଲ ହୋଇଯିବ, ସନ୍ତାନ ପ୍ରସବଜନିତ କଷ୍ଟ ତୁମକୁ ଜଣା ପଡ଼ିବ ନାହିଁ ।'' ତାଙ୍କ କଥା ଶୁଣୁ ଶୁଣୁ ମୋତେ କେତେବେଳେ ନିଦ ହୋଇ ଯାଇଛି । ରାତି ପାହିଲା, ଉଠି ଦେଖେ ତ ମୋ ଦେହ ସମ୍ପୂର୍ଣ୍ଣ ଭଲ ହୋଇ ଯାଇଛି । ଉଠି ତୁମ ପାଇଁ ରନ୍ଧାରନ୍ଧି କରୁଛି ।''

ଝିଅର କଥା ଶୁଣି ଭକ୍ତ ଜଣକ ଦୌଡ଼ି ଯାଇ ତାଙ୍କ ଘରେ ସ୍ଥିତ ଶ୍ରୀମା'ଙ୍କର ଫଟୋଟିକୁ ଆଣି କହିଲେ ''ଦେଖିଲୁ ମାଆ, ତୋ ପାଖକୁ ଏ ଆସିଥିଲେ କି ?'' ଫଟୋଟିକୁ ଦେଖି ଝିଅଟି ଆଶ୍ଚର୍ଯ୍ୟ ହେବା ସହ ତା' ପାଟିରୁ ହଠାତ୍ ବାହାରି ଆସିଲା, ''ହଁ ବାପା, ଏହି ମା ଆସିଥିଲେ ।''

''ମୁଁ ତାଙ୍କରି ପାଖକୁ ଯାଇଥିଲି, ଦର୍ଶନ କରିବା ପାଇଁ'' – କହିଲେ ବାପା ।

କନ୍ୟା ପିତା ଓ କନ୍ୟା ଦୁଇଜଣଙ୍କ ଆଖିରୁ କୃତଜ୍ଞତାର ଅଶ୍ରୁ ବୋହି ଯାଉଥାଏ । ଭକ୍ତ ଜଣକ କହୁଥା'ନ୍ତି, ''ମା ମୋର ଅନୁପସ୍ଥିତିରେ ଆପଣ ଆସି ଆପଣଙ୍କ କରୁଣା, ପ୍ରେମ ଓ ଦିବ୍ୟସ୍ପର୍ଶ ପ୍ରଦାନ କରି ମୋ କନ୍ୟାକୁ ଭଲ କରି ଦେଲ, ତାକୁ ଆଶୀର୍ବାଦ ପ୍ରଦାନ କଲ, ଆପଣଙ୍କ ପାଦପଦ୍ମରେ ଶତକୋଟି ପ୍ରଣାମ ମା ...'' ।

(ଦିବ୍ୟସମାଚାର ପୁସ୍ତକର ପୃ. ୧୦୯ରୁ ସଂଗୃହୀତ)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


(୧) Prayers and Meditations – The Mother

(୨) Musing with the Mother's Prayers and Meditations – Shyam Kumari

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୧)

## ସାହାନା ଦେବୀ

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

OM anandamayi, chaitanyamayi, satyamayi Parame"
"OM Sri Aurobindo Mira
Open my mind, my heart, my life to your Light, your Love, your Power, in all things may I see the Divine.

- Sri Aurobindo

''ଓମ୍ ଆନନ୍ଦମୟି, ଚୈତନ୍ୟମୟି, ସତ୍ୟମୟି ପରମେ''
''ଓମ୍ ଶ୍ରୀଅରବିନ୍ଦ ମୀରା
ମୋର ମନ, ମୋର ହୃଦୟ, ମୋର ଜୀବନକୁ ଖୋଲି ଧରି ରଖ ତୁମରି ଆଲୋକ, ତୁମରି ପ୍ରେମ, ତୁମରି ଶକ୍ତି ଆଡ଼କୁ; ସମସ୍ତ କିଛି ମଧ୍ୟରେ ମୁଁ ଯେପରି ଦେଖିବାକୁ ପାଏ ଭଗବାନଙ୍କୁ ।''

– ଶ୍ରୀଅରବିନ୍ଦ

ଏଇ ପ୍ରାର୍ଥନା ଦେଇ ଆରମ୍ଭ କରୁଛି – ''କ'ଣ ନ ଅବା ଦେଖୁଛି ଏଇ ଚକ୍ଷୁରେ ସେତେବେଳେ !'' ଜାଣେ, ଯାହା ଦେଖିଲି ତାହା ଠିକ୍ ରୂପେ ଲେଖିବାର ଭାଷା ମୋତେ ଜଣା ନାହିଁ । ମୋ ପରି ଏପରି ଜଣଙ୍କର ଭାଷା ସେଠାରେ ପହଞ୍ଚେ ନାହିଁ । ଅସମ୍ଭବକୁ ସମ୍ଭବ କରାଯାଏ ଏକମାତ୍ର ଯାହାଙ୍କର କୃପାରେ, ମୁଁ ସେଇମାନଙ୍କର ଶରଣ ନେଇ ବସିଲି ସେଇ ଅସାଧ ସାଧନ ଚେଷ୍ଟାରେ ଶ୍ରୀଅରବିନ୍ଦଙ୍କର ଅଭୟ ବାଣୀ ସ୍ମରଣ କରି – ''ଏବଂ ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଙ୍କଟରୁ ପାର କରି ଦେବ; ... ଏହି କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ ।''

('ମା' ପୁସ୍ତକ) – ଶ୍ରୀଅରବିନ୍ଦ

ସେଦିନ ୫ ଡିସେମ୍ବର ୧୯୫୦ ମସିହା । ସେପର୍ଯ୍ୟନ୍ତ ଭୋର ସାଢ଼େ ୫ଟା ହୋଇ ନାହିଁ । ରାତ୍ରିର ଅନ୍ଧକାର ନିଃଶେଷ ହେବାର ଚେଷ୍ଟାରେ, ଉଷାର ଆଗମନର ସାମାନ୍ୟ ଟିକିଏ ଆଭାସ ମାତ୍ର ଦେଖା ଯାଉଛି । ପ୍ରଭାତର ତୋରଣ ଦ୍ୱାର ଖୋଲିବା ନିମନ୍ତେ ସମସ୍ତ ଆକାଶ ଏଇ ମାତ୍ର ପ୍ରସ୍ତୁତ ହେଉଛି । ମୁଁ ସ୍ନାନ ସାରି ଆସି ଚା'ର ଆୟୋଜନ କରିବାକୁ ଯାଉଛି, ଠିକ୍ ଏପରି ସମୟରେ ଶୁଣିବାକୁ ପାଇଲି ରାସ୍ତାରୁ କେହି ଡାକୁଛି, ''ସାହାନାଦି, ସାହାନାଦି –'' ଶୁଣି ପାରି ସଙ୍ଗେ ସଙ୍ଗେ ସେଇ ରାସ୍ତା ଦିଗକୁ ଥିବା ଝରକା ପାଖକୁ ଗଲି । ମୁହଁକୁ ବାହାରକୁ ବାହାର କରି ଦେଖିବାକୁ ପାଇଲି – 'ସୁକୁମାର ସୁର' ନାମକ ଆମ ଆଶ୍ରମର ଜଣେ ବ୍ୟକ୍ତି, ମୋ ଘର ରାସ୍ତାର ଅପର ଦିଗରେ ଥିବା ଘରଟିରେ ରହନ୍ତି, ସେ ମୋତେ କହିଲେ : ''ଶୀଘ୍ର ଆଶ୍ରମକୁ ଯାଆନ୍ତୁ, ଶ୍ରୀଅରିବନ୍ଦ ଶରୀର ବିସର୍ଜନ କରିଛନ୍ତି !'' ଶୁଣିବା ମାତ୍ରେ ମୁଁ ଯେମିତି ଏପରି କିଛି ହୋଇଗଲି ! ମୋଟର ଗାଡ଼ିରେ ହଠାତ୍ ବ୍ରେକ୍ ଦେଲେ ଯେପରି ଗୋଟିଏ ଭୀଷଣ ଝଟ୍କାରେ ସବୁ ଯନ୍ତ୍ର ଏକ ସଙ୍ଗେ ବନ୍ଦ ହୋଇ ଗାଡ଼ି ଥମି ଯାଏ, ମୋର ମଧ ହେଲା ଅବିକଳ ସେଇ ଅବସ୍ଥା ! ଖବର ଶୁଣିବା ମାତ୍ରେ ଏକ ପ୍ରଚଣ୍ଡ ଧକ୍କା ମଧ ଦେଇ ଭିତର ଓ ବାହାରର ସବୁ ଯନ୍ତ୍ର ସ୍ତବ୍ଧ ହୋଇଗଲା । ମନ, ପ୍ରାଣ, ହୃଦୟ – କିଛି ବି କାମ କରୁ ନ ଥିଲା, ବୋଧ ଶକ୍ତି ଯେପରି ସମ୍ପୂର୍ଣ୍ଣ ଭାବେ ନାହିଁ । ଶ୍ରୀମା'ଙ୍କୁ ସ୍ମରଣ କରିବି, ସେ ଶକ୍ତି ବି ଲୁପ୍ତ । ଛିଡ଼ା ହୋଇଛି, ପାଦ ତଳେ ଭୂମି ନାହିଁ ଯେପରି, ଅଥଚ ସଂଜ୍ଞାହୀନ ଅବସ୍ଥା ଟିକେ ବି ନାହିଁ । ଏପରି ଏକ ଅଭିଜ୍ଞତା ଯାହାର କୌଣସି ପ୍ରକାରରେ ବି ସଠିକ୍ ରୂପେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଯେଉଁ ଭାବରେ ମୁଁ ବର୍ଣ୍ଣନା କରିବାକୁ ଚାହେଁ ସେଥିପାଇଁ ପ୍ରକାଶର ମାଧମ ଖୋଜି ପାଏ ନାହିଁ ।

ଲେଖିବାକୁ ବସିଲେ ଦେଖିବାକୁ ପାଏ ଯେ ଲେଖା ବି ଫୁଟି ଉଠେନା, ଏହା ତ ନିବିଡ଼ ଘନ ଅନ୍ଧକାରର ମଳିନ ପୃଷ୍ଠା । ଏତିକି ମାତ୍ର କେବଳ କୁହାଯାଇ ପାରେ ଯେ ଏ ଯେଉଁ ଅଭିଜ୍ଞତା, ଏହାକୁ ଠିକ୍ କୌଣସି ସାଧାରଣ ଅଭିଜ୍ଞତାର ପର୍ଯ୍ୟାୟରେ ରଖି ହୁଏନା; ତାକୁ ସେପରି ରଖିଲେ କୌଣସି ଦିଗରୁ ବି ସେ ସେଇ ଓଜନରେ ଦଣ୍ଡାୟମାନ ହେବ ନାହିଁ । ଏଇ ଭାବରେ କେତେ ସମୟ ବିତି ଗଲା ଠିକ୍ ମନେ ନାହିଁ । ତା'ପରେ ଆସ୍ତେ ଆସ୍ତେ ଧୀର ପଦକ୍ଷେପରେ ଆଶ୍ରମ ଅଭିମୁଖରେ ଚାଲିବାକୁ ଆରମ୍ଭ କଲି । 'ଆଶ୍ରମ' କହିଲେ ଅବଶ୍ୟ ଆମେ ସାଧାରଣ ଭାବେ ବୁଝୁ ଯେ ଯେଉଁ ଗୃହଟି ଶ୍ରୀମାଶ୍ରୀଅରବିନ୍ଦଙ୍କୁ ନେଇ ଦଣ୍ଡାୟମାନ ରହିଛି । ବିଶେଷ କରି ସେ ଅଟ୍ଟାଳିକାଟିକୁ ଆଶ୍ରମର 'ମେନ୍ ବିଲ୍ଡ଼ିଂ'' କୁହାଯାଏ । ଅନେକ ଘର ନେଇ ଆଶ୍ରମ ଗଠିତ । ତା' ମଧ୍ୟରେ ଭଡ଼ା ଘର ବି ଅଛି । ଏଇସବୁ ନାନା ପ୍ରକାରର ଗୃହମାନଙ୍କରେ ଆଶ୍ରମର ସାଧକସାଧିକାମାନେ ପାଖାପାଖି ରହନ୍ତି । ଯାହାହେଉ ମୁଁ ଯେତେବେଳେ ''ମେନ୍ ବିଲ୍ଡ଼ିଂ''ର ମୁଖ୍ୟ ଦ୍ୱାରରେ ପହଞ୍ଚିଲି, ଦେଖିଲି ସେତେବେଳେକୁ ଅନେକ ପରିମାଣରେ ମୋର ସମସ୍ତ କିଛି ସ୍ୱାଭାବିକ ଭାବେ ଚାଲିବାକୁ ଆରମ୍ଭ କରିଛି । ଶ୍ରୀମା'ଙ୍କୁ ସ୍ମରଣ କରିବାର ଶକ୍ତି ମଧ୍ୟ ମୋ ଭିତରେ କାର୍ଯ୍ୟ କରୁଛି । ବୁଝି ପାରୁଛି ଯାହା ଆସିବାର ଆବଶ୍ୟକତା ଥିଲା ତାହା ଆସି ଯାଇଛି ଶ୍ରୀମାଙ୍କର କୃପାରେ । ଖୁବ୍ ଶାନ୍ତ ଭାବାପନ୍ନ କରି ରଖିଛନ୍ତି ଶ୍ରୀମା । ତେବେ ଅନ୍ତର ଭିତରେ ଯେମିତି ଏକ ପାଷାଣ ଭାବ ପରି କିଛି ଚାପି ହୋଇ ରହିଛି । ନୟନରୁ ଅଶ୍ରୁ ବୋହି ଚାଲିଛି । ହଠାତ୍ ଚମକାଇ ଦେଇ ପ୍ରଶ୍ନ ଆସିଲା ଯେପରି କୌଣସି ଏକ ଅଜଣା ଲୋକରୁ : ''ଚକ୍ଷୁରେ ଲୋତକ କାହିଁକି ? ଶୋକ ବିହ୍ୱଳତା ?''

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ପ୍ରଗତି ସମ୍ପର୍କରେ

## (୨)

**କୁମାର ଚନ୍ଦ୍ର ମିଶ୍ର**

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟଗୁଣର ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣମାନଙ୍କ ମଧ୍ୟରୁ ''ପ୍ରଗତି'' (Progress) ଅନ୍ୟତମ । ନିମ୍ନୋକ୍ତ ଆଲୋଚନାଟିରେ ପ୍ରଗତି ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।

**ସଦାବିହାରୀ ଫୁଲ** : ଯାହାକୁ ଉଭିଦ ବିଜ୍ଞାନରେ Cantharanthus roseus ବୋଲି କୁହାଯାଏ – ସେହି ଫୁଲଟି ଏହି ଦିବ୍ୟ ଗୁଣ ''ପ୍ରଗତି''ର ଆଧ୍ୟାତ୍ମିକ ପ୍ରତୀକ । ଶ୍ରୀମା କହନ୍ତି : "Progress : the reason why we are on earth." ଅର୍ଥାତ୍, ପ୍ରଗତି : ଯେଉଁଥି ଲାଗି ଆମେ ଧରାପୃଷ୍ଠରେ ରହିଛୁ ।]

### ପ୍ରଗତି ସମ୍ପର୍କରେ – (୨)

ପ୍ରତ୍ୟେକ ଅବସର, ପ୍ରତ୍ୟେକ ମୁହୂର୍ତ୍ତ ଏକ ଶିକ୍ଷଣୀୟ ଅବସର, ଏକ ଶିକ୍ଷଣୀୟ ମୁହୂର୍ତ୍ତ ବୋଲି ଗ୍ରହଣ କରି ନେଲେ ଜୀବନରେ ପ୍ରଗତି ତ୍ୱରାନ୍ୱିତ ହୁଏ ଓ ଜୀବନ ଆଗ୍ରହପ୍ରଦ ହୋଇଉଠେ । ଉଦାହାରଣସ୍ୱରୂପ ଶ୍ରୀମା ଦୁଇଟି ଘଟଣାର ବର୍ଣ୍ଣନା ଦେଇଛନ୍ତି ଯାହା ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକ । ଶ୍ରୀମାଙ୍କ ଭାଷାରେ ପ୍ରଥମଟି ହେଲା, ''ମନେକର ତୁମେ ଏକ ସହରର ଜନବହୁଳ, କର୍ମତତ୍ପର, କୋଳାହଳମୟ ରାସ୍ତା ଦେଇ ଗଲାବେଳେ ଜଣେ ମହିଳା ତୁମ ସମ୍ମୁଖରେ ଚାଲିଯିବା ଲକ୍ଷ୍ୟ କଲ । ସେ ଅନ୍ୟ ଅଧିକାଂଶ ମହିଳାଙ୍କ ପରି ଦେଖା ଯାଉଛନ୍ତି, ତାଙ୍କର ପିନ୍ଧିଥିବା ପୋଷାକରେ ମଧ୍ୟ ଅସାଧାରଣ ବୋଲି ଆଦୌ କିଛି ନାହିଁ । କିନ୍ତୁ ତାଙ୍କ ଚାଲିରେ ବାରିହୋଇ ପଡୁଥିବା ପରି କିଛି ଗୁଣ ରହିଛି; ସେଥିରେ ଏକ ନମନୀୟତା ଅଛି, ଛନ୍ଦୋମୟତା ରହିଛି, କମନୀୟତା ଏବଂ ସୌଷମ୍ୟ ରହିଛି । ତାହା ଅତି ସହଜରେ ତୁମର ଦୃଷ୍ଟି ଆକର୍ଷଣ କରିପାରୁଛି ଏବଂ ତୁମେ ତାହାକୁ ଦେଖି ବିସ୍ମୟରେ ପୂର୍ଣ୍ଣ ହୋଇ ଉଠୁଛ । ପୁଣି ଏଡ଼େ ସୌନ୍ଦର୍ଯ୍ୟମୟ ଭାବରେ ତୁମ ଆଗରେ ଚାଲି ଯାଉଥିବା ଏହି ଲାସ୍ୟମୟ ଶରୀରଟି ପ୍ରାଚୀନ ଗ୍ରୀସ୍‌ର ସକଳ ରୂପ-ଐଶ୍ୱର୍ଯ୍ୟକୁ ଆଣି ତୁମକୁ ମନେପକାଇ ଦେଉଛି । ଗ୍ରୀସ୍‌ର ସଂସ୍କୃତି ସମଗ୍ର ପୃଥିବୀକୁ ସୌନ୍ଦର୍ଯ୍ୟ କ୍ଷେତ୍ରରେ ଯେଉଁ ପଟାନ୍ତରହୀନ ଦୃଷ୍ଟାନ୍ତଟି ଦେଖାଇ ଦେଇଛି, ତୁମର ସେହି କଥାଟି ହିଁ ମନେ ପଡ଼ିଯାଉଛି । ଏହି ସବୁକିଛି ଘଟୁଛି, କାରଣ ଜଣେ ମହିଳା ଚାଲିବାର ଯଥାର୍ଥ ଛନ୍ଦଟିକୁ ଆୟତ୍ତ କରି ପାରିଛନ୍ତି ।

''ଦ୍ୱିତୀୟ ଦୃଷ୍ଟାନ୍ତଟି ପୃଥିବୀର ଅନ୍ୟ ପ୍ରାନ୍ତରୁ – ଜାପାନରୁ ଅଣା ଯାଇଥିବା ଏକ ଦୃଷ୍ଟାନ୍ତ । ବେଶ୍ ଅନେକ ଦିନ ରହିବା ଲାଗି ତୁମେ ଏବେ ଆସି ସେହି ଦେଶରେ ପହଞ୍ଚିଛ, ଏବଂ ଅଚିରେ ତୁମେ ଏହି କଥାଟିକୁ ଅତି ସ୍ପଷ୍ଟ ଭାବରେ ଜାଣିପାରୁଛ ଯେ ସେହି ଦେଶର ଭାଷା ବିଷୟରେ ତୁମର ଏକ ସର୍ବନିମ୍ନ ଜ୍ଞାନ ନହେବା ପର୍ଯ୍ୟନ୍ତ ସେ ଦେଶରେ ଚଳିବା ଲାଗି ପ୍ରକୃତରେ ଭାରି କଷ୍ଟକର ହୋଇ ପଡ଼ିବ । ତେଣୁ ତୁମେ ଜାପାନୀ ଭାଷା ଶିଖିବା ଆରମ୍ଭ କରି ଦେଇଛ ଏବଂ ଭାଷାଟି ସହିତ ଯଥାସମ୍ଭବ ଅଧିକ ପରିଚିତ ହେବା ଲାଗି ତୁମେ ସେହି ଦେଶର ଲୋକମାନଙ୍କର କଥୋପକଥନ ଶୁଣିବାରେ କୌଣସି ଅବସରକୁ ଆଦୌ ହରାଇବାକୁ ଇଚ୍ଛା କରୁ ନାହିଁ । ତୁମେ ଅତ୍ୟନ୍ତ ଯତ୍ନ ସହକାରେ ସେମାନଙ୍କ କଥାବାର୍ତ୍ତାଗୁଡ଼ିକ ଶୁଣୁଛ, ସେମାନେ କହୁଥିବା କଥାଗୁଡ଼ିକର ଅର୍ଥ ବୁଝିବାକୁ ମଧ୍ୟ ଯଥାସାଧ୍ୟ ଚେଷ୍ଟା କରୁଛ । ସେତିକିବେଳେ ଘଟଣାକ୍ରମେ କୌଣସି ଏକ ଟ୍ରାମ୍‌ଗାଡ଼ି ଭିତରକୁ ଯାଇ ଗୋଟିଏ ଆସନ ଗ୍ରହଣ କରି ବସି ପଡ଼ିବା ସଙ୍ଗେ ସଙ୍ଗେ ନିଜ ପାଖରେ ତୁମେ ଚାରି ପାଞ୍ଚ ବର୍ଷ ବୟସର ଗୋଟିଏ ସାନ ପିଲାକୁ ମଧ୍ୟ ଦେଖିବାକୁ ପାଉଛ । ପିଲାଟି ପାଖରେ ତା'ର ମା ମଧ୍ୟ ବସିଛନ୍ତି । ପିଲାଟି ବିଶୁଦ୍ଧ ଓ ଅତ୍ୟନ୍ତ ସ୍ପଷ୍ଟ କଣ୍ଠରେ କଥା କହିବାକୁ ଆରମ୍ଭ କରୁଛି ଏବଂ ତାହାର ସେହି କଥା ଶୁଣୁ ଶୁଣୁ ତୁମର ଏଇ ଅଦ୍ଭୁତ ଅନୁଭବଟି ହୋଇ ଯାଉଛି ଯେ ଯାହା ଶିକ୍ଷା କରିବା ଲାଗି ତୁମକୁ ଏତେ କଷ୍ଟ କରିବାକୁ ପଡୁଛି, ପିଲାଟି ଅତ୍ୟନ୍ତ ସାବଲୀଳ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ସେଇଟିକୁ ଜାଣିଛି, ଏବଂ ଅନ୍ତତଃ ଜାପାନୀ ଭାଷା

ଶିକ୍ଷା କରିବା କ୍ଷେତ୍ରରେ ଯେତେ କମ୍ ବୟସର ହୋଇଥିଲେ ମଧ୍ୟ ସେ ବେଶ୍ ତୁମର ଶିକ୍ଷକ ହୋଇପାରନ୍ତା !

''ଠିକ୍ ଏହିପରି ଭାବରେ ହିଁ ଜୀବନ ନାନା ବିସ୍ମୟରେ ପରିପୂର୍ଣ୍ଣ ହୋଇ ଆସିବାକୁ ଲାଗେ ଏବଂ ପ୍ରତ୍ୟେକ ପଦକ୍ଷେପରେ ହିଁ ତୁମକୁ ଏକ ନୂତନ ଶିକ୍ଷା ଦେଇଯାଉଥାଏ । ଏବଂ ଏହି ଦୃଷ୍ଟିରୁ ଦେଖିଲେ ଆମର ଜୀବନ ଆଦୌ ନିରର୍ଥକ ବୋଲି ମନେ ହୁଏ ନାହିଁ ।''

(ମାତୃରଚନାବଳି - ୧୨, ପୃ : ୧୧୯-୧୨୧)

ସାନ ଓ ବଡ଼ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀମା କହିଥିବା ଉପରୋକ୍ତ ବର୍ଣ୍ଣନା ସୂଚାଇଦିଏ ଯେ ଜୀବନର ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ମୁହୂର୍ତ୍ତ, ପ୍ରତ୍ୟେକ ଅବସର ଆମକୁ କିଛି ନୂତନ ଶିକ୍ଷା ଓ ଅନୁଭୂତି ଦେଇ ଚାଲିଥାଏ ଏବଂ ଆମ ଅଗ୍ରଗତିରେ ସହାୟକ ହୋଇଥାଏ ।

ଶ୍ରୀମାଙ୍କ ଉକ୍ତିରେ, ''ଯେଉଁମାନେ ସତତ ଅଗ୍ରଗତି କରିବା ଲାଗି ଇଚ୍ଛା କରନ୍ତି, ସେମାନଙ୍କ ଲାଗି ଅଗ୍ରଗତି କରିବାର ତିନୋଟି ମାର୍ଗ ରହିଛି :

୧. ନିଜ ଚେତନାର କ୍ଷେତ୍ରଟିକୁ ପ୍ରଶସ୍ତ କରିନେବା ।

୨. ନିଜେ ଜଣେ ଯାହା ଜାଣିଛି ତାହାକୁ ସତତ ଅଧିକରୁ ଅଧିକ ଭଲ ଭାବରେ ଜାଣିବା ଲାଗି ପ୍ରୟାସ କରିବା ।

୩. ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ଏବଂ ଅଧିକରୁ ଅଧିକ ପରିମାଣରେ ତାଙ୍କରି ଇଚ୍ଛା ନିକଟରେ ନିଜକୁ ସମର୍ପିତ କରି ଦେବା ।

ଅନ୍ୟ ଶବ୍ଦରେ କହିଲେ ଏହାର ଅର୍ଥ ହେଉଛି :

୧. ଯନ୍ତ୍ରର (ଆଧାରର) ସମ୍ଭାବନାଗୁଡ଼ିକୁ ଅଧିକରୁ ଅଧିକ ସମୃଦ୍ଧ କରିବାରେ ଲାଗି ରହିବା ।

୨. ଏହି ଯନ୍ତ୍ରର କାର୍ଯ୍ୟ ଓ ସାମର୍ଥ୍ୟକୁ ଅବିରତ ଅଧିକରୁ ଅଧିକ ଦକ୍ଷତାଯୁକ୍ତ କରୁଥିବା ।

୩. ଏହି ଯନ୍ତ୍ରଟିକୁ ଅଧିକରୁ ଅଧିକ ପରିମାଣରେ ଗ୍ରହଣଶୀଳ ଓ ଦିବ୍ୟ ପରମସତ୍ତାଙ୍କର ଅନୁଗତ କରି ରଖୁଥିବା ।

ଅଧିକରୁ ଅଧିକ ବୁଝିବା ଓ ଅଧିକରୁ ଅଧିକ କାର୍ଯ୍ୟ କରି ଶିଖିବା । ଦିବ୍ୟ ପରମସତ୍ତାଙ୍କ ପ୍ରତି ସମର୍ପିତ ହୋଇ ରହିବାରେ ଯାହାକିଛି ବାଧା ଦେଉଛି, ଆପଣାକୁ ସେଗୁଡ଼ିକରୁ ଶୁଦ୍ଧ ଓ ମୁକ୍ତ କରି ନେଇ ଆସିବା । ନିଜର ଚେତନାକୁ ଦିବ୍ୟ ପରମ ପ୍ରଭାବ ନିମନ୍ତେ ଅଧିକରୁ ଅଧିକ ଗ୍ରହଣଶୀଳ କରି ତିଆରି କରିବା ।

ଆମେ ଏପରି ମଧ୍ୟ କହି ପାରିବା : ଆପଣାକୁ ଅଧିକରୁ ଅଧିକ ପ୍ରଶସ୍ତ କରିବା, ଅଧିକରୁ ଅଧିକ ଗଭୀର କରିବା ଏବଂ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ଆପଣାକୁ ସମର୍ପିତ କରି ରଖିବା ।''

(ମାତୃରଚନାବଳି : ୧୬ ଖଣ୍ଡ, ପୃ. ୫୦୮)

ଅଗ୍ରଗତି ସର୍ବଦା ଆନନ୍ଦଦାୟକ ହୋଇଥାଏ । ଜଣେ ପର୍ବତାରୋହୀ ପର୍ବତ ଆରୋହଣ କଲାବେଳେ ହୁଏତ କ୍ଳେଶ ଓ କ୍ଳାନ୍ତି ଅନୁଭବ କରୁଥାଏ, ତଥାପି ତା'ର ପଶ୍ଚାତରେ ଅଗ୍ରଗତିଜନିତ ଏକ ପ୍ରକାର ଆନନ୍ଦ ମଧ୍ୟ ରହିଥାଏ । ଅନ୍ୟଥା ସେ ପର୍ବତାରୋହଣ କରିବା ଲାଗି ଆଦୌ ଇଚ୍ଛା ପ୍ରକାଶ କରି ନଥାନ୍ତା । କିଛି ହୋଇ ଉଠିବା, କିଛି ହାସଲ କରିବା ଆନନ୍ଦ ହିଁ ମଣିଷକୁ ତଜ୍ଜନିତ କଷ୍ଟ, ଯନ୍ତ୍ରଣା, ଶ୍ରମକୁ ସ୍ୱୀକାର କରିବା ଲାଗି ଅନୁପ୍ରେରିତ କରିଥାଏ ।

ନିଜର ଦୁର୍ବଳତା, ଅକ୍ଷମତାଗୁଡ଼ିକୁ ଦୂର କରିବା, ଦୋଷତ୍ରୁଟିଗୁଡ଼ିକୁ ସଂଶୋଧନ କରିବା, କୌଣସି ଉତ୍ତମ ଗୁଣକୁ ଆପଣେଇ ନେବା ଲାଗି ପ୍ରୟାସ କରିବା, ପ୍ରତି ମୁହୂର୍ତ୍ତରେ କିଛି ନୂତନତ୍ୱର ଅନୁଭବ ଓ ଆବିଷ୍କାର ହିଁ ମଣିଷକୁ ପ୍ରଗତି ପଥରେ ଆଗେଇ ନିଏ । ନିରନ୍ତର ଅବିଚ୍ଛିନ୍ନ ଭାବେ ଦିବ୍ୟ ପୂର୍ଣ୍ଣତାପ୍ରାପ୍ତ କରିବା ଲାଗି ନିଜ ମଧ୍ୟରେ ଏକ ଅତୃପ୍ତ ତୃଷ୍ଣାକୁ ଜାଗ୍ରତ କରି ରଖିବା ଦ୍ୱାରା ପ୍ରଗତି ସମ୍ଭବ ହୁଏ । କିନ୍ତୁ ଶୀଘ୍ର ଅଗ୍ରଗତି କରିବା ଲାଗି ଅଧୀରତା, ବ୍ୟାକୁଳତା ବା ବ୍ୟଗ୍ରତା ତଜ୍ଜନିତ ଆନନ୍ଦର ଅନୁଭବରୁ ଆମକୁ ବଞ୍ଚିତ କରିଦିଏ । ତେଣୁ ଜଣେ ଅଗ୍ରଗତି କରିବା ଲାଗି ତୀବ୍ରଭାବେ ଅଭୀପ୍‌ସା ଅବଶ୍ୟ କରିପାରେ; କିନ୍ତୁ ସେଥିଲାଗି ଅଧୀର, ଅଧୈର୍ଯ୍ୟ, ବ୍ୟଗ୍ର ବା ବ୍ୟାକୁଳ ହେବା ଅନୁଚିତ । ଯେତେବେଳେ ଅଗ୍ରଗତି ପାଇଁ ନିର୍ଦ୍ଧାରିତ ସମୟ ଆସିବ ସେତେବେଳେ ତୁମେ ଅଗ୍ରଗତି କରିବ । କିନ୍ତୁ ତୁମେ ଇଚ୍ଛା କରୁଛ ବୋଲି ଯେ ତୁମର ଅଗ୍ରଗତି ହୋଇଯିବ ସେକଥା ଆଦୌ ଠିକ୍ ନୁହେଁ । ଅଗ୍ରଗତିରେ ଯଦି କିଛି ବିଳମ୍ବ ହୁଏ ତେବେ ସେଥିରେ କିଛି ଯାଏ ଆସେ ନାହିଁ । କାରଣ ନିଜକୁ ସଂଶୋଧନ କରି, ଶୁଦ୍ଧ କରି, ସଂକଳ୍ପକୁ ଦୃଢ଼ କରି ଆଗେଇଯିବା ଲାଗି ଏକ ଦୀର୍ଘ ସମୟ ଓ ସୁଯୋଗ ମିଳିଯାଏ । ଅଗ୍ରଗତିଜନିତ ଆନନ୍ଦ, ପ୍ରୟାସଜନିତ ଆନନ୍ଦ ଯଦି ଜଣେ ଅନୁଭବ କରୁଥାଏ ତେବେ ଏପରି ବିଳମ୍ବନର କୌଣସି କ୍ଷତିକାରକ ପ୍ରଭାବ ଅନୁଭୂତ ହୁଏ ନାହିଁ । ଅନ୍ୟପକ୍ଷେ ବିଳମ୍ବ ଯୋଗୁଁ ବ୍ୟସ୍ତ ହେବା, ଅଧୀର ହେବା, ଏସବୁ ସୂଚାଇ ଦିଏ ଯେ ଅହଂକାରଟି ଆସି

ମୂଲଚାଲ ଆରମ୍ଭ କରି ଦେଲାଣି । ଶିଶୁସୁଲଭ ସମର୍ପଣ ଭାବଟି ଆଉ ନାହିଁ । ପରିଣାମରେ ପ୍ରଗତିଜନିତ ଆନନ୍ଦଟି ମଧ୍ୟ ଲୋପ ହୋଇ ଯାଇଛି ।

ପାର୍ଥିବ ଜୀବନ ହିଁ ପ୍ରଗତି ନିମିତ୍ତ ଉପଯୁକ୍ତ କ୍ଷେତ୍ର ହୋଇ ରହିଥାଏ । ଏଠାରେ ଜୀବିତ ଅବସ୍ଥାରେ ସାଧନା ବଳରେ ପ୍ରଗତିକୁ ତ୍ୱରାନ୍ୱିତ କରାଯାଇପାରେ । ଯାହା ହାସଲ କରିବା ଲାଗି ଅନେକ ବର୍ଷ ଆବଶ୍ୟକ ହୁଅନ୍ତା ତାହା ତୀବ୍ର ସାଧନା ବଳରେ କେତୋଟି ମାସ ବା କେତୋଟି ଦିନ ମଧ୍ୟରେ ହାସଲ କରାଯାଇପାରେ । ତେଣୁ ଶରୀର ଧାରଣ କରିଥିବା ଅବଧିଟିକୁ ସଦୁପଯୋଗ କରିବାକୁ ହେବ । ଯେକୌଣସି କ୍ଷେତ୍ରରେ ପ୍ରଗତିକୁ ପରବର୍ତ୍ତୀ କାଳ ଲାଗି ଘୁଞ୍ଚାଇ ଦେବା ବା ସ୍ଥଗିତ ରଖିବା ଉଚିତ ନୁହେଁ । ପରେ କରିବା ଲାଗି ପ୍ରସ୍ତାବ ରଖିବା ଏକ ଭୁଲ୍ ପଦକ୍ଷେପ ଅଟେ । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମା ପନ୍ଦର ବର୍ଷ ବୟସର ଛାତ୍ରୀଟିଏ ଥିଲାବେଳେ 'ପରେ କରିବା ପଥ' (The path of later on) ଶିରୋନାମାରେ ଗୋଟିଏ ଶିକ୍ଷାପ୍ରଦ ଗଳ୍ପ ଲେଖିଥିଲେ । ଗଳ୍ପଟି ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଓ ତାହାର ନୀତିଶିକ୍ଷା ହେଲା –

''The path of later on and the road of tomorrow lead only to the castle of nothing at-all.'' (CWM : Vol. 2, p. 1)

''ପରେ କରିବାର ପଥ ଓ କାଲି କରିବାର ମାର୍ଗ ଆମକୁ କେବଳ ନିଷ୍ଫଳତାର ଦୁର୍ଗଟି ମଧ୍ୟକୁ ବାଟ ଦେଖାଇ ନେଇଯାଏ ।'' (ମାତୃରଚନାବଳି -୨, ପୃ :୧)

ଶିକ୍ଷା ବହିରେ ଶ୍ରୀମାଙ୍କ ପ୍ରଦତ୍ତ ନିମ୍ନୋକ୍ତ ସନ୍ଦେଶଟି ବାରଂବାର ପଢ଼ିବାକୁ ଇଚ୍ଛା ହୁଏ ।

''ତୁମର ଯାହାକିଛି କରିବାର ଥିଲା, ତୁମେ ସେସବୁକୁ ପୂରା କରି ସାରିଲଣି, ଏହିପରି ଅନୁଭବ କରିବାକୁ ଆରମ୍ଭ କରିବା ମାତ୍ରକେ ଏବଂ ଏଣିକି ବସି ନିଜ ଉଦ୍ୟମର ଫଳମାନ ଭୋଗ କରିବା ଲାଗି ଇଚ୍ଛା କରିବା ମାତ୍ରେ ହିଁ, ଅର୍ଥାତ୍ ଜୀବନରେ ତୁମେ ଯଥେଷ୍ଟ କାର୍ଯ୍ୟ କରିସାରିଲଣି ବୋଲି ଅନୁଭବ କରିବା ମାତ୍ରକେ ତୁମେ ବୁଢ଼ା ହୋଇଯାଅ ଓ ତୁମର କ୍ଷୟ ହେବାକୁ ଆରମ୍ଭ ହୁଏ ।

''କିନ୍ତୁ ଅନ୍ୟପକ୍ଷରେ, ଯେତେବେଳେ ତୁମ ଭିତରେ ଏପରି ଏକ ଦୃଢ଼ବିଶ୍ୱାସ ଜାଗ୍ରତ ହୋଇ ରହିଥାଏ ଯେ, ଯାହାସବୁ ଜାଣିବାକୁ ବାକି ରହିଛି ତାହା ତୁଳନାରେ ତୁମ ଜାଣିବାର ପରିମାଣ ଆଦୌ କିଛି ନୁହେଁ, ଯେତେବେଳେ ତୁମେ ଅନୁଭବ କରୁଥାଅ ଯେ ତୁମେ ଯାହାସବୁ କାର୍ଯ୍ୟ କରି ସାରିଛ, ଆହୁରି ବାକି ରହିଥିବା କାର୍ଯ୍ୟଗୁଡ଼ିକ ତୁଳନାରେ ତାହାକୁ କେବଳ ଏକ ଆରମ୍ଭ ମାତ୍ର ହିଁ କୁହାଯିବ, ଯେତେବେଳେ ତୁମେ ନିଜର ଭବିଷ୍ୟତକୁ ତଥାପି ଉପଲବ୍ଧି କରିବା ଲାଗି ବାକି ରହିଥିବା ଅଗଣିତ ନାନା ସମ୍ଭାବନାର ଦୀପ୍ତିରେ ଦେଦୀପ୍ୟମାନ ହୋଇ ରହିଥିବା ଏକ ଆକର୍ଷଣକୁ ସୂର୍ଯ୍ୟ ସଦୃଶ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କର, ସେତେବେଳେ ତୁମେ ପ୍ରକୃତରେ ତରୁଣ ହୋଇ ରହ । ଏହି ପୃଥିବୀରେ ତୁମେ ଯେତେ ଅଧିକ ବର୍ଷ ଅତିବାହିତ କରି ଥାଅନା କାହିଁକି, ସେତେବେଳେ ତୁମେ ଆଗାମୀ କାଲିର ଯାବତୀୟ ଉପଲବ୍ଧିଗୁଡ଼ିକର ସମ୍ପଦରେ ସମ୍ପଦବାନ୍ ହୋଇ ରହିଥାଅ,– ପ୍ରକୃତରେ ତରୁଣ ହୋଇ ରହିଥାଅ ।''

(ମାତୃରଚନାବଳି - ୧୨, ପୃ : ୧୮୭)

ମଣିଷର ପ୍ରଗତି ଅତି ଜଟିଳ । କାରଣ ମଣିଷ ନିଜେ ଜଟିଳ । ତା'ର ରହିଛି ବହୁବିଧ ବ୍ୟକ୍ତିତ୍ୱ । ଆଧାରର ଚାରୋଟି ମୁଖ୍ୟ ସତ୍ତାକୁ ନେଇ ତା'ଠାରେ ମୁଖ୍ୟତଃ ଚାରିପ୍ରକାର ବ୍ୟକ୍ତିତ୍ୱର ବିକାଶ ଲକ୍ଷ୍ୟ କରାଯାଏ, ଯଥା – ମାନସିକ ବ୍ୟକ୍ତିତ୍ୱ, ପ୍ରାଣିକ ବ୍ୟକ୍ତିତ୍ୱ, ଶାରିରୀକ ବ୍ୟକ୍ତିତ୍ୱ, ଚୈତ୍ୟିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ । ଆଧାରର ଗୋଟିଏ ସତ୍ତା ଦ୍ରୁତ ଗତିରେ ଅଗ୍ରଗତି କଲାବେଳେ ଅନ୍ୟ ସତ୍ତାଗୁଡ଼ିକ ଯଦି ଅବିକଶିତ ହୋଇ ରହିଥା'ନ୍ତି ତେବେ ଆଧାରରେ ଅସଙ୍ଗତି ବା ଅସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଜଣେ ଉଚ୍ଚକୋଟିର ଦାର୍ଶନିକ, ବୈଜ୍ଞାନିକ କିଂବା ସାହିତ୍ୟିକଙ୍କ ଶାରୀରିକ ବ୍ୟକ୍ତିତ୍ୱ ଅତି ଦୁର୍ବଳ ହୋଇ ରହିଥାଇପାରେ, ଅର୍ଥାତ୍ ଦେହଟି ଅତି ରୁଗ୍ଣ, ଜୀର୍ଣ୍ଣଶୀର୍ଣ୍ଣ ହୋଇ ରହିଥାଇପାରେ । ଜଣେ ବିଖ୍ୟାତ ସଙ୍ଗୀତଜ୍ଞ ବା କଳାକାରଙ୍କର ଆପଣା ପ୍ରାଣସତ୍ତା ଉପରେ ନିୟନ୍ତ୍ରଣ ନ ଥାଇପାରେ – ଯଦ୍ୱାରା ଚରିତ୍ରଗତ ବିକୃତି ଦେଖାଦେଇ ପାରେ । ମହର୍ଷି ଦୁର୍ବାସା ବା ବିଶ୍ୱାମିତ୍ରଙ୍କ ସଦୃଶ ସିଦ୍ଧପୁରୁଷଗଣଙ୍କର ଆତ୍ମାର ବ୍ୟାପକ ବିକାଶ ହୋଇଥିଲେ ବି ପ୍ରାଣସତ୍ତା ତଦନୁରୂପ ଉନ୍ନତି କରି ନ ଥିବା ଯୋଗୁଁ ଜଣେ କ୍ଷଣ-କୋପୀ ତ' ଅନ୍ୟ ଜଣକ କାମାସକ୍ତ ହୋଇ ଅପ୍ସରା ମେନକାଙ୍କୁ ବିବାହ କରି ଯୋଗଭ୍ରଷ୍ଟ ହୋଇଥିଲେ । ତେଣୁ ମନ, ପ୍ରାଣ, ଶରୀର ଓ ଆତ୍ମାର ପ୍ରଗତି ସମବେଗରେ, ସମପଦକ୍ଷେପରେ ସଂଘଟିତ ହେଲେ ଆଧାରରେ ସଂଗତି ଓ ସାମଞ୍ଜସ୍ୟ ରକ୍ଷା କରାଯାଇପାରିବ – ପ୍ରଗତି ପୂର୍ଣ୍ଣାଙ୍ଗ ହେବ ।

ଶାନ୍ତି, ସ୍ଥିରତା ଓ ନିରବତାର ଏକ ବାତାବରଣରେ

ଯଥାର୍ଥ ପ୍ରଗତି ହାସଲ କରାଯାଇପାରେ । ଜଣେ ଧୈର୍ଯ୍ୟବାନ୍ ଓ ସାହସୀ ନ ହେଲେ ଅଗ୍ରଗତି କରିପାରେ ନାହିଁ । ଶ୍ରୀମା ତାଙ୍କର ପଣ୍ଡିଚେରୀ ଆଗମନୀ ଦିବସର ବାର୍ଷିକ ଉତ୍ସବ ୨୪ ଏପ୍ରିଲ, ୧୯୫୮ରେ ପ୍ରଦତ୍ତ ବାଣୀଟିରେ କହନ୍ତି :

''There are two complementary aspects of the liberating action of the Divine Grace upon earth among men. These two aspects are equally indispensable, but are not equally appreciated.

"The sovereign immutable peace that liberates from anxiety, tension and suffering.

"The dynamic all-powerful progress that liberates from fetters, bondages and inertia.

"The peace is universally appreciated and recognised as divine, but the progress is welcomed only by those whose aspiration is intense and courageous.''

(CWM : Vol. 15, p. 185)

ଏହାର ଓଡ଼ିଆ ଭାବାନୁବାଦ ହେଲା :

''ଏହି ପୃଥିବୀପୃଷ୍ଠରେ ମନୁଷ୍ୟମାନଙ୍କ କ୍ଷେତ୍ରରେ ଦିବ୍ୟ ପରମ କରୁଣାର ବିମୋଚନକାରୀ କ୍ରିୟାଟିର ଦୁଇଗୋଟି ପରସ୍ପର ଅନୁପୂରକ ଦିଗ ରହିଛି । ଏ ଦୁଇଟିଯାକ ଦିଗ ସମାନ ଭାବରେ ଅପରିହାର୍ଯ୍ୟ, ମାତ୍ର ସେ ଦୁଇଟିକୁ ସମାନ ଗୁରୁତ୍ୱ ଦେଇ ସ୍ୱୀକାର କରାଯାଇ ନଥାଏ ।

''ଗୋଟିଏ ଦିଗ ହେଉଛି ଏକ ପରିବର୍ତ୍ତନରହିତ ପରମ ଶାନ୍ତି, ଯାହାକି ସକଳ ଉଦ୍‌ବେଗ, ଅନ୍ତର୍ଘାତ ଏବଂ କଷ୍ଟ-ଅନୁଭବରୁ ମୁକ୍ତ କରି ନେଇଯାଏ ।

''ଆଉ ଗୋଟିଏ ଦିଗ ହେଉଛି ସତତ ଗତିଶୀଳ ସର୍ବଶକ୍ତିମାନ୍ ଅଗ୍ରଗତି; ଯାହାକି ସକଳ ବନ୍ଧନ, ଦାସତ୍ୱ ଏବଂ ଜଡ଼ତାରୁ ମୁକ୍ତ କରେ ।

''ଶାନ୍ତିର ଦିଗଟିକୁ ଜଗତର ସମସ୍ତେ ଉପଲବ୍ଧି କରନ୍ତି ଏବଂ ତାହାକୁ ଦିବ୍ୟ ବୋଲି ସ୍ୱୀକାର କରନ୍ତି; ମାତ୍ର, ଯେଉଁମାନଙ୍କଠାରେ ତୀବ୍ର ତଥା ସାହସଯୁକ୍ତ ଅଭୀପ୍‌ସା ରହିଛି, କେବଳ ସେହିମାନେ ହିଁ ଅଗ୍ରଗତି ଦିଗଟିକୁ ସ୍ୱାଗତ କରନ୍ତି ।''

(ମାତୃରଚନାବଳି : ୧୫, ପୃଷ୍ଠା. ୨୫୯)

ଶାନ୍ତି ଓ ପ୍ରଗତି ପରସ୍ପରର ଅନୁପୂରକ ହେବା ଆବଶ୍ୟକ । ଉଭୟର ଉପଯୋଗିତା ରହିଛି ।

ଜନୈକ ସାଧକ ପ୍ରଶ୍ନ କରୁଛନ୍ତି : ''ମଧୁମୟି ମା ! ଯୋଗ ପଥରେ ମୁଁ କିପରି ଅଗ୍ରଗତି କରିପାରିବି ?''

ଶ୍ରୀମାଙ୍କ ଉତ୍ତର ଥିଲା, ''ତୁମେ ଏହି ସରଳ ଉପାୟଗୁଡ଼ିକୁ ମନେ ରଖିବ ଓ ତାହାକୁ ଅଭ୍ୟାସରେ ପରିଣତ କରିବ । ସରଳ ହୁଅ, ସର୍ବଦା ଖୁସି ରହ, ନିଷ୍କାପଟ ହୁଅ, ଦିବ୍ୟ ପରମସତ୍ତାଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖ ଓ ତୁମ ଦାୟିତ୍ୱଟି ସମ୍ପୂର୍ଣ୍ଣ ରୂପେ ମୋତେ ଦେଇଦିଅ । ତୁମ ପାଇଁ ଆଉ ସବୁକିଛି କରି ଦିଆହେବ ।''

ଏହି ଗୋଟିଏ ବାକ୍ୟରେ ସମଗ୍ର ପୂର୍ଣ୍ଣଯୋଗର ସାରମର୍ମ ସନ୍ନିବେଶିତ ହୋଇ ରହିଛି । ସରଳ ହେବା ଅର୍ଥ ନବଜାତ ଶିଶୁ ପରି ନିଷ୍କପଟ ହେବା, ଯାହାଠାରେ ଅହଂବୋଧଟି ଜାଗ୍ରତ୍ ହୋଇ ନଥାଏ, ଯାହା ନିକଟରେ ନିଜ ଓ ପର ଭାବ ନ ଥାଏ । ଯିଏ ଆପଣା ସରଳ ସ୍ମିତହାସ୍ୟରେ ସମସ୍ତଙ୍କ ମନକୁ ମୁଗ୍ଧ କରିଦିଏ, – ଠିକ୍ ବିକାଶୋନ୍ମୁଖ ଫୁଲଟିଏ ପରି ଯିଏ କୌଣସି ପ୍ରତ୍ୟାଶା ନ ରଖି ନିଜର ସୌନ୍ଦର୍ଯ୍ୟ ଓ ସୁଗନ୍ଧକୁ ସମସ୍ତଙ୍କ ପାଇଁ ମୁକ୍ତଭାବେ ବିତରଣ କରି ଚାଲିଥାଏ । ସର୍ବଦା ଖୁସିରେ ରହିବା ଅର୍ଥ ପରମ ଦିବ୍ୟସତ୍ତାଙ୍କଠାରେ ସର୍ବଦା କୃତଜ୍ଞ ରହିବା – ସେ ଯାହାକିଛି ଦେଇଛନ୍ତି ସେଥିରେ ସନ୍ତୋଷ ପ୍ରକାଶ କରିବା । ନିଷ୍କାପଟତାର ଅର୍ଥ ଯାବତୀୟ ଛଳନା, ପ୍ରବଞ୍ଚନା, ପ୍ରତାରଣା, କପଟାଚରଣରୁ ମୁକ୍ତ ହୋଇ ଏକ ଶୁଦ୍ଧପୂତ ଜୀବନଯାପନ କରିବା । ଶେଷରେ ଆସ୍ଥା, ବିଶ୍ୱାସ ଓ ନିଃଶେଷ ସମର୍ପଣର ଆବଶ୍ୟକତା ବିଷୟରେ କୁହାଯାଇଛି ।

ଜଣେ ତରୁଣ ଅଧିନାୟକ (Captain) ଶ୍ରୀମାଙ୍କୁ ପ୍ରଶ୍ନ କରିଥିଲେ :

''ସ୍ନେହମୟି ମା,

*ବ୍ୟକ୍ତିଗତ ଏବଂ ସାମୂହିକ ଅଗ୍ରଗତି ହେଉଛି କି ନାହିଁ, ଆମେ ସେ କଥା ଜାଣିବୁ କିପରି ?*

**ଶ୍ରୀମା** : ଜଣେ ଯେଉଁ ଅଗ୍ରଗତି କରୁଛି, ତାହାର ପରିମାଣ କଳନା ନକରିବା ହିଁ ସର୍ବଦା ଅଧିକ ଉଚିତ ହେବ, କାରଣ ତଦ୍ୱାରା ଅଗ୍ରଗତି କରିବାରେ କୌଣସି ସହାୟତା ମିଳେ ନାହିଁ, ବରଂ ବିପରୀତ ହିଁ ହୋଇଥାଏ । ଅଗ୍ରଗତି କରିବା ନିମନ୍ତେ ରହିଥିବା ଅଭୀପ୍‌ସାଟି ଯଦି **ନିଷ୍କାପଟ** ହୋଇଥାଏ ତେବେ ତାହା ଅବଶ୍ୟ ଫଳପ୍ରସୂ ହେବ । ମାତ୍ର, ବ୍ୟକ୍ତିଗତ

ଅଥବା ସାମୂହିକ ଯେଉଁ ଭାବରେ ହେଉ, ଯେତିକି ଅଗ୍ରଗତି ହୋଇ ସାରିଥାଏ, ତା' ତୁଳନାରେ ଆଗକୁ ରହିଥିବା ବାଟଟି ବହୁତ ଦୀର୍ଘ,... ଏଣୁ ବାଟରେ ଅଟକି ଯାଇ ଅତିକ୍ରମ କରିଥିବା ବାଟର କଳନା କରିବା ଲାଗି ଆଦୌ କୌଣସି କାରଣ ହିଁ ନଥାଏ ।

''କିଛି କିଛି ଅଗ୍ରଗତି କରି ଥିବାର ଜ୍ଞାନ ଅବଶ୍ୟ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିବା ଉଚିତ । କିଛିକାଳ ପୂର୍ବେ ମୁଁ ଯାହାଥିଲି, ତା' ତୁଳନାରେ ବର୍ତ୍ତମାନ କେଉଁଠି ଆସି ପହଞ୍ଚିଛି, ତାହାର ଏକ ହଠାତ୍, ଅପ୍ରତ୍ୟାଶିତ ସଜ୍ଞାନତା ଲାଭ ଦ୍ୱାରା ହିଁ ତାହା ସମ୍ଭବ ହୁଏ । ସେତିକି ହିଁ ଯଥେଷ୍ଟ । ମାତ୍ର, ସେତିକି ସକାଶେ ମଧ ଚେତନାର ଏକ ପ୍ରଭୂତ ପରିମାଣର ବିକାଶ ଆବଶ୍ୟକ ହୋଇଥାଏ ।''

(ମାତୃରଚନାବଳି – ୧୬, ପୃ : ୩୫୬)

ଏକଦା ଜଣେ ସାଧକ ଦିବ୍ୟଜନନୀଙ୍କୁ ପ୍ରଶ୍ନ କରିଥିଲେ –

*''ମଧୁମୟି ମା ! ମୁଁ ଆଧ୍ୟାତ୍ମିକ ପଥରେ ଅଗ୍ରଗତି କରୁଛି ବୋଲି କିପରି ଜାଣି ପାରିବି ?*

**ଶ୍ରୀମା :** ଯଦି ତୁମେ ବାହ୍ୟ ପରିସ୍ଥିତି, ପରିବେଶ ଓ ଘଟଣା ଦ୍ୱାରା ପ୍ରଭାବିତ ନ ହୋଇ ରହିପାରୁଛ ତେବେ ଜାଣି ରଖିବ ଯେ ତୁମେ ଅଗ୍ରଗତି କରୁଛ ।''

ଶାନ୍ତି ସର୍ବଦା, ସର୍ବଥା ସମସ୍ତଙ୍କ ଲାଗି କାମ୍ୟ । କିନ୍ତୁ ସେହି ସ୍ଥିତିରେ ଅଟକି ଗଲେ ସମାଜର ସାମୂହିକ ପ୍ରଗତି ସମ୍ଭବ ନୁହେଁ ।

ଐତରେୟ ଉପନିଷଦ୍‌ରେ କୁହାଯାଇଛି :

''ଚରନ୍ ବୈ ମଧୁ ବିନ୍ଦତି ଚରନ୍ ସ୍ୱାଦୁମୁଦ୍ମ୍ବରମ୍,
ସୂର୍ଯ୍ୟସ୍ୟ ପଶ୍ୟ ଶ୍ରେମାଣଂ ଯୋ ନ
ତନ୍ଦ୍ରୟତେ ଚରନ୍ ଚରୈବେତି !''

ଏହାର ଭାବାର୍ଥ ହେଲା – ''ମଧୁମକ୍ଷିକା ବୁଲି ବୁଲି ମଧୁ ସଂଗ୍ରହ କରେ, ପକ୍ଷୀମାନେ ଗଛରୁ ଗଛକୁ ଉଡ଼ିଯାଇ ମଧୁର ଫଳର ସନ୍ଧାନ କରିଥା'ନ୍ତି । ସୂର୍ଯ୍ୟଦେବ ଅବିରତ ଗତି କରି ବିଶ୍ୱରେ ଆଲୋକ ବିକିରଣ କରିଥା'ନ୍ତି, ସେଥିଲାଗି ସେ ପୂଜ୍ୟ । ତେଣୁ ତୁମେ ମଧ ଦୀର୍ଘ ଜୀବନ ପଥରେ ଆଗେଇ ଚାଲ, ଆଗେଇ ଚାଲ ।''

ଉତ୍ଥାନ ପତନ, ସଫଳତା ବିଫଳତା ସବୁକିଛିକୁ ଅତିକ୍ରମ କରି ଆଗେଇବାକୁ ହେବ । କାରଣ, ଆଗେଇବା ହିଁ ହେଲା ଜୀବନର ଗୁଣଧର୍ମ । ❑

# ସାଥୀ

## ଯଦୁନନ୍ଦନ ସାମଲ

ତୁମକୁ ପାଇଲେ ଯାଇ
ମିଳିଯିବ ସବୁ କଥା,
ଜୀବନ ହୋଇବ ଧନ୍ୟ
ତୁଟିଯିବ ସବୁ ବ୍ୟଥା ।

ବଡ଼ ଭାଗ୍ୟ ଏ ଜୀବନେ
ତୁମକୁ ପାରିଛି ଜାଣି,
ତୁମେ ମିଳିଯିବ ବୋଲି
ଶୁଣିଲି ତୁମର ବାଣୀ ।



ଏବେ ତୁମେ ଆସିଯାଅ
ଆଉ କର ନାହିଁ ଡେରି,
ତନୁ, ମନ, ପ୍ରାଣେ ମୋର
ଯାଅ ଖାଲି ପୂରି ପୂରି ।

ସାଥୀ ହୋଇ ବାଟ ଚାଲ
ମିତଟିଏ ହୋଇ,
କେତେ ଆପଣାର ତୁମେ
କହିବାକୁ ଭାଷା ନାହିଁ । ❑

# କବି ନିଶିକାନ୍ତ

## (୧୩)

ଊର୍ଦ୍ଧ୍ୱ ଆସୀନ ଜନକ ଆମାର୍
ଅତଲ୍ ଧାରିଣୀ ଜନିକା,
ଆମି ଗଗନେର୍ ଆଲୋର୍ ବିନ୍ଦୁ
ସିନ୍ଧୁର୍ ଜଲ-କଣିକା;
ଆମି ତାରା, ଓଗୋ ଆମି ତରଙ୍ଗ,
ଆମି ଅଭିନବ ସୃଜନ-ରଙ୍ଗ,
ମହାକାଲ୍ ଆର୍ ମହାକାଲିକାର
ମଣି ଧରେ ମୋର୍ କ୍ଷଣିକା ।
ଊର୍ଦ୍ଧ୍ୱ ଆସୀନ ଜନକ ଆମାର୍
ଅତଲ୍ ଧାରିଣୀ ଜନିକା ।

('ଉତ୍ସର୍ଗ ପତ୍ର' – ଦିଗନ୍ତ କାବ୍ୟଗ୍ରନ୍ଥ) – ନିଶିକାନ୍ତ

ରବୀନ୍ଦ୍ରନାଥ ୧୭ ଜାନୁଆରୀ ୧୯୪୦ରେ ନିଶିକାନ୍ତଙ୍କୁ ଲେଖିଲେ :

''କଲ୍ୟାଣିୟେଷୁ,

ତୁମର 'ଅଲକାନନ୍ଦା' ପଢ଼ିଲି, ପଢ଼ି ବିସ୍ମିତ ହେଲି । ତୁମର ଯେଉଁ ଉପଲବ୍ଧି ସେଇଟି ସର୍ବସାଧାରଣଙ୍କର ଅଭିଜ୍ଞତାରେ ଆସିନି; କିନ୍ତୁ ତୁମର କବିତ୍ୱରେ ସେଇଟିର ଯେଉଁ ପ୍ରକାଶ, ତା'ର ଆନନ୍ଦରସ ସମସ୍ତଙ୍କର ହିଁ ଉପଭୋଗ୍ୟ । ଭାଷା ଓ ଛନ୍ଦ ପ୍ରୟୋଗରେ ତୁମେ ଯେଉଁ ବାଣୀଶିଳ୍ପ ରଚନା କରିଛ, ସକଳ ରସଜ୍ଞଙ୍କ ପାଖରେ ସେଇଟି ଆଦୃତ ହେବ । ଆମର ଆଶୀର୍ବାଦ ଗ୍ରହଣ କର ।

ଇତି
ଶୁଭାର୍ଥୀ
ରବୀନ୍ଦ୍ରନାଥ ଠାକୁର

('କବି ନିଶିକାନ୍ତ', ସଂକଳନ ଓ ସମ୍ପାଦନା : ସୁପ୍ରିୟ ଭଟ୍ଟାଚାର୍ଯ୍ୟ, ପୃ. ୮୯)

ପୁନଶ୍ଚ କବିଗୁରୁ ଆଦରଣୀୟ ଦିଲୀପ କୁମାରଙ୍କୁ ଲେଖିଛନ୍ତି : ''...'ଅଲକାନନ୍ଦା' ପଢ଼ି ମୋର ହୃଦ୍‌ବୋଧ ହେଲା ଯେ ଏଇଟି ପରିଣତ ଲେଖନୀର ରଚନା-ଛନ୍ଦର ତରଙ୍ଗ (ଶୋଭନ ବିନ୍ୟାସ)ର ଭଙ୍ଗିମା ଉପର ଦେଇ ଭାବ ଭରା ଭାଷା ପାଲ (ନୌକାର ଅଞ୍ଚଳ) ଫିଟାଇ ଦେଇଛି ନିରାପଦରେ ।...''

(ତତ୍ରୈବ : ପୃ : ୯୪)

### ୧୯ ଜାନୁଆରୀ ୧୯୪୦

(ପ୍ରକାଶ ଥାଉ କି ଶାନ୍ତିନିକେତନରୁ ରବୀନ୍ଦ୍ରନାଥଙ୍କର ନିଶିକାନ୍ତଙ୍କୁ ଓ ଦିଲୀପଙ୍କୁ ଲିଖିତ ପତ୍ର ତଥାପି ପଣ୍ଡିଚେରୀରେ ପହଞ୍ଚି ନାହିଁ ।)

ଶ୍ରୀଅରବିନ୍ଦଙ୍କ ସହିତ ପୂର୍ବାହ୍ଣ ବୈଠକରେ ଉପସ୍ଥିତ ଜନୈକ ଶିଷ୍ୟ ଶ୍ରୀଅରବିନ୍ଦଙ୍କୁ କଥା ପ୍ରସଙ୍ଗରେ ପଚାରିଛନ୍ତି : ଟାଗୋର ବୋଧହୁଏ ନିଶିକାନ୍ତଙ୍କର କାବ୍ୟଗ୍ରନ୍ଥ (ଅଲକାନନ୍ଦା) ପାଠ କରିବା ପରେ ତାଙ୍କର ମତାମତ ପରିବର୍ତ୍ତନ କରି ନିଶିକାନ୍ତଙ୍କୁ ପତ୍ରଟିଏ ଲେଖିବେ ।

**ଶ୍ରୀଅରବିନ୍ଦ** : ଟାଗୋର ପୁସ୍ତକଟିକୁ ଆଦ୍ୟପ୍ରାନ୍ତ ପାଠ କରି ଠିକ୍ ଠିକ୍ ଯାଞ୍ଚ କରିବା ପୂର୍ବରୁ ସେ କ'ଣ ପାଇଁ ଏପରି କରିଛନ୍ତି !

**ଶିଷ୍ୟ-୨** : ... ଆପଣ କ'ଣ ଭାବନ୍ତି, ନିଶିକାନ୍ତଙ୍କର ବୌଦ୍ଧିକ ଜ୍ଞାନ ରହିଛି ?

**ଶ୍ରୀଅରବିନ୍ଦ** : ମୋର ବିଶ୍ୱାସ, ରହିଛି ।

**ଶିଷ୍ୟ -୨** : ନିଶିକାନ୍ତଙ୍କର ରଚନାରେ ପ୍ରାୟ ଶକ୍ତିର ପ୍ରଭାବ ପରିଲକ୍ଷିତ ହୁଏ ।

**ଶ୍ରୀଅରବିନ୍ଦ** : ଠିକ୍, ଶକ୍ତି ହେଉଛି ତା'ର ମୁଖ୍ୟ ଉପାଦାନ ।

(Nirodbaran, 'Talks with Sri Aurobindo' P. 372 - 73)

### ୧୯ ଜାନୁଆରୀ ୧୯୪୦ (ସାନ୍ଧ୍ୟ ବୈଠକ)

**ଶ୍ରୀଅରବିନ୍ଦ :** ତୁମେମାନେ ମୋ'ଠୁ କବିତାସୁଲଭ ଭାଷା ଥିବା ଭାବପ୍ରବଣ କବିତା (lyrical poems), ଯାହାର କି ଏକ ସୃଜନ ଶକ୍ତି ସମ୍ପନ୍ନ କାଳ୍ପନିକ ଭାବ ଥିବା ଏକ କବିତାର ଉଦାହରଣ ଚାହିଁଛ । ଟାଗୋରଙ୍କର ଦୁଇଟି କବିତା 'ଉର୍ବଶୀ' ଓ 'ପରଶ ପାଥର୍'ରେ ଏହି ଧରଣର ସୃଜନୀ ଶକ୍ତି ରହିଛି, ଯଦିଓ ସେ ସାଧାରଣତଃ ଏମିତି ଲେଖନ୍ତି ନାହିଁ । କିନ୍ତୁ ଏ ଦୁଇଟିରେ ସେ କିଛି ସୃଷ୍ଟି କରିଛନ୍ତି; ଏକ ଚରିତ୍ର ନୁହେଁ, କିନ୍ତୁ

ମଣିଷର ଆନ୍ତର ଜୀବନର ଏକ ବାସ୍ତବତାର ନିଖୁଣ ଚିତ୍ର ସୃଷ୍ଟି କରିଛନ୍ତି । ନିଶିକାନ୍ତ ମଧ୍ୟ ତା'ର 'ଗରୁର୍ ଗାଡ଼ି' ('ଅଲକାନନ୍ଦା' କାବ୍ୟଗ୍ରନ୍ଥରେ ଅନ୍ତର୍ଭୁକ୍ତ) କବିତାରେ ସେମିତି କିଛି ସୃଷ୍ଟି କରିଛି । ତୁମେ ସେଇ କବିତାଟିରେ ଲକ୍ଷ୍ୟ କରିବ ଗାଡ଼ିଟି ବାସ୍ତବ, ତା' ଭିତରେ ବସିଥିବା ମଣିଷଟି ବି ବାସ୍ତବ; ଏବଂ ତଥାପି ସେଇଟି ବିଶ୍ୱ ବା ଜାଗତିକ ଗାଡ଼ି (world cart) ଏବଂ ତା' ଭିତରେ ବସିଛି ବିଶ୍ୱ-ମାନବ (world man) ।

*

**ଶ୍ରୀଅରବିନ୍ଦ** : ଯାହା ବି ହେଉ, ମୁଁ ବୁଝିପାରୁନି 'କ' କାହିଁକି କହେ ଯେ ନିଶିକାନ୍ତର କୌଣସି ଭାବନା ଶକ୍ତି (idea) ନାହିଁ ।

**ଶିଷ୍ୟ - ୨** : 'କ'ଙ୍କର କହିବାର ତାତ୍ପର୍ଯ୍ୟ ହେଉଛି ଯେ ନିଶିକାନ୍ତଙ୍କର ରଚନାରେ ବିକଶିତ ବୌଦ୍ଧିକ ଉପାଦାନ (intellectual substance)ର ଅଭାବ ରହିଛି ।

**ଶ୍ରୀଅରବିନ୍ଦ** : ତା'ର ଅର୍ଥ ତୁମେ କ'ଣ ଏହା ବୁଝ ଯେ ନିଶିକାନ୍ତର ଦାର୍ଶନିକ ତତ୍ତ୍ୱମୂଳକ ଭାବନା ଶକ୍ତି (philosophical thought)ର ଅଭାବ ?

କିନ୍ତୁ ନିଶିକାନ୍ତର କାବ୍ୟିକ ଭାବନା ଶକ୍ତି ଯଥେଷ୍ଟ ରହିଛି ଏବଂ ସେ ତା'ର କବିତା ରଚନାରେ ସେସବୁର ଉନ୍ନତି ସାଧନ କରି ଚାଲିଛି ।

ଯେତେବେଳେ ନିଶିକାନ୍ତ ଏଠାକୁ ଆସି କବିତା ଲେଖିବା ଆରମ୍ଭ କଲା, ସେତେବେଳେ ସେସବୁକୁ ଦେଖି ମୁଁ କହିଥିଲି ତା'ର କବିତାଗୁଡ଼ିକ ପ୍ରାଣ-ପ୍ରଧାନ (vital), କିନ୍ତୁ ସେ ପରେ ପ୍ରଭୂତ ଭାବରେ ଉନ୍ନତି କରିଛି ।

**ଶିଷ୍ୟ -୨** : ତାଙ୍କର ବେଶ୍ କେତୋଟି କବିତାରେ ଚୈତ୍ୟିକ (psychic) ଭାବଧାରା ରହିଛି ।

**ଶ୍ରୀଅରବିନ୍ଦ** : ତା'ର 'ଗରୁର୍ ଗାଡ଼ି' କବିତାଟି ନିଶ୍ଚିତ ରୂପେ ଚୈତ୍ୟିକ ।

(A. B. Purani : 'Evening Talks', p. 253)

## ୨୦ ଜାନୁଆରୀ ୧୯୪୦ (ପୂର୍ବାହ୍ଣ)

ଶ୍ରୀଅରବିନ୍ଦଙ୍କୁ ସ୍ପଞ୍ଜ୍-ବାଥ୍ କରାଇ ଦେବା ପରେ ନୀରଦବରଣ ତାଙ୍କୁ ଟାଗୋରଙ୍କର ୧୭ ତାରିଖରେ ନିଶିକାନ୍ତଙ୍କୁ ଲିଖିତ ପତ୍ରଟି ପଢ଼ି ଶୁଣାଇଲେ । ଶ୍ରୀଅରବିନ୍ଦ ଆନନ୍ଦାତିଶଯ୍ୟରେ ଟିକିଏ ଉଚ୍ଚ ସ୍ୱରରେ କହି ଉଠିଲେ, 'ଓଃ,... ଏହା ଅତ୍ୟନ୍ତ ପ୍ରଶଂସନୀୟ ।' (ନୀରଦଙ୍କୁ ଅନାଇ) 'ଏହାଠୁ ଅଧିକ ସେ ଆଉ କ'ଣ ବା ଲେଖିଥା'ନ୍ତେ !'...

(ପୂର୍ବାହ୍ଣର ଅଧିବେଶନରେ ସମସ୍ତ ଶିଷ୍ୟଙ୍କର ଆଗମନ ପରେ ରବୀନ୍ଦ୍ରନାଥଙ୍କର ସେଇ ଚିଠିଟିକୁ ଶ୍ରୀଅରବିନ୍ଦ ଇଂରାଜୀରେ ଅନୁବାଦ କରି ସମସ୍ତଙ୍କୁ ଶୁଣାଇଲେ । ସମସ୍ତେ ବେଶ୍ ଆନନ୍ଦିତ ହୋଇ ଉଠିଲେ ।...)

ଅଧିବେଶନ ଶେଷରେ ନୀରଦବରଣ କହିଲେ : ''ଆଜି ପୋଷ୍ଟ ଅଫିସରୁ ଚିଠିଟି ପାଇ ନିଶିକାନ୍ତଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ତାଙ୍କୁ କହିଲି : 'ଟାଗୋର ତୁମ ପାଖକୁ ପୁଣି ଚିଠିଟିଏ ଦେଇଛନ୍ତି ।' ନିଶିକାନ୍ତ : 'ପୁଣି କାହିଁକି ?' ନିଶିକାନ୍ତ ଭାବି ନେଇଥିଲେ ଯେ କବିଗୁରୁ ସେମିତି (ପୂର୍ବବତ୍) ନିରୁତ୍ସାହିତ କରି ପୁଣି ଚିଠିଟିଏ ଦେଇଥିବେ । କିନ୍ତୁ ଚିଠିଟିକୁ ହାତକୁ ନେଇ ଖୋଲି ପଢ଼ି ସାରି ଉଲ୍ଲସିତ ହୋଇ କହି ଉଠିଲେ : 'ଦେଖିଲେ, ସେ କେମିତି ତୁରନ୍ତ ଉତ୍ତର ଦେଇଦେଲେ !! ଅନ୍ୟମାନଙ୍କ କ୍ଷେତ୍ରରେ ତ ସେ ପ୍ରାୟ ନୀରବ ରହିଥା'ନ୍ତି ।'...''

(ନୀରଦଙ୍କଠାରୁ ନିଶିକାନ୍ତଙ୍କର ଉକ୍ତିଟି ଶୁଣି ଶ୍ରୀଅରବିନ୍ଦଙ୍କ ସମେତ ଉପସ୍ଥିତ ସମସ୍ତେ ବେଶ୍ ଉପଭୋଗ କରିଥିଲେ ।)

(Nirodbaran, 'Talks with Sri Aurobindo'
P. 376 - 78)

*

୨୨ ଜାନୁଆରୀ ୧୯୪୦ରେ କବିଗୁରୁଙ୍କୁ ନିଶିକାନ୍ତ ଲେଖିଲେ :

''ପୂଜନୀୟେଷୁ,

ଆପଣଙ୍କର ଶୁଭାଶୀଷପୂର୍ଣ୍ଣ ଦୁଇଟି ପତ୍ର ମୁଁ ଯଥା ସମୟରେ ପାଇଛି । ପ୍ରଥମ ପତ୍ରଟି ପାଇବା ପରେ 'ଅଲକାନନ୍ଦା' ଆପଣଙ୍କ ପାଖରେ ପହଞ୍ଚିନି ଜାଣି ଚିନ୍ତିତ ହୋଇଥିଲି ।... ଦ୍ୱିତୀୟ ପତ୍ରଟି ପାଇ ନିଶ୍ଚିତ ହେଲି ଯେ ମୋର ଦେଇଥିବା କାବ୍ୟ-ଅର୍ଘ୍ୟ ଆପଣ ପାଇଛନ୍ତି, ପଢ଼ିଛନ୍ତି ଏବଂ ପଢ଼ି ଖୁସୀ ହୋଇଛନ୍ତି । ଆଶା ଥିଲା ମୋର କବି ଜୀବନର ପ୍ରଥମ ପ୍ରକାଶ ଉପରେ ଆପଣଙ୍କର ଆଶୀର୍ବାଦ ପାଇବି । ସେ ଆଶା ପୂର୍ଣ୍ଣ ହେଲା । ପୁନଶ୍ଚ ଏହା ବି ଆଶା ଥିଲା ମୋର ପ୍ରଥମ କାବ୍ୟଗ୍ରନ୍ଥ ବିଶ୍ୱଭାରତୀ ଗ୍ରନ୍ଥ ପ୍ରକାଶନ ବିଭାଗରୁ ପ୍ରକାଶ ପାଇବ । ଏହାର ଚେଷ୍ଟା ବି କରିଥିଲି, କିନ୍ତୁ ନିଷ୍ଫଳ ହୋଇଛି ।...

ଏ ଆଶା ବି କରିଥିଲି ଯେ ବିଶ୍ୱ ଭାରତୀର ଜଣେ ପ୍ରାକ୍ତନ ଛାତ୍ର ହିସାବରେ ଏତିକି ଆନୁକୂଲ୍ୟ ମୋର ପ୍ରାପ୍ୟ । ପାଣ୍ଡୁଲିପି ପଠାଇ ଥିଲି, କେତେ ମାସ ପୂର୍ବରୁ ମୋର ଅଗ୍ରଜ ସେଇଟିକୁ ଫେରସ୍ତ ପଠାଇ ଦେଲେ । ବିଶ୍ୱ ଭାରତୀର କର୍ତ୍ତୃପକ୍ଷ ମୋ କବିତା ବହି ପ୍ରକାଶ କରିବା ଅନୁମୋଦନ କଲେ ନାହିଁ । ଯେହେତୁ ସେସବୁ ଉଚ୍ଚ ଭାବର ଓ ଉଚ୍ଚାଙ୍ଗ କବିତାରେ ପରିପୂର୍ଣ୍ଣ । ସେତେବେଳେ ବିଶ୍ୱ ଭାରତୀର ଆଦର୍ଶର କଥା ସ୍ମରଣରେ ଆସିଥିଲା; ଆଉ ଏହି ଅନୁଷ୍ଠାନର କର୍ତ୍ତୃପକ୍ଷ କହିଲେ ଆପଣଙ୍କୁ ହିଁ ବୁଝିଥିଲି । କାରଣ ସେଠାରେ ଆପଣଙ୍କ ବ୍ୟତୀତ ଆଉ କିଏ ଏପରି ଅଛନ୍ତି ଯେକି କବିତାର ଭଲମନ୍ଦ ବିଚାର କରିପାରେ ? ତେଣୁ ସେତେବେଳେ ଆପଣଙ୍କ ଉପରେ ମୋର ଟିକିଏ ଅଭିମାନ ହୋଇଥିଲା । କିନ୍ତୁ ଏବେ ବୁଝି ପାରୁଛି ଯେ ଆପଣ ଏ ସମ୍ବନ୍ଧେ କିଛି ବି ଜାଣନ୍ତି ନାହିଁ, ଆପଣଙ୍କୁ ଏ ସମ୍ବନ୍ଧେ କେହି କିଛି ବି ଜଣାଇ ନାହାନ୍ତି ।...

'' 'ଅଳକାନନ୍ଦା' ସଦୃଶ ଆହୁରି ଆଠ, ଦଶ ଖଣ୍ଡ ଗ୍ରନ୍ଥ ହେବା ଭଳିଆ କବିତା ମୋ ପାଖରେ ଜମା ଅଛି ଏବଂ ଆହୁରି ଜମିବ । ଏତଦ୍‌ବ୍ୟତୀତ ବହୁ ସଙ୍ଗୀତ ମଧ୍ୟ ଲେଖିଛି ଆଉ ଲେଖୁଛି ବି । ଏସବୁ ସଙ୍ଗୀତରେ ସ୍ୱର ସଂଯୋଜନା କରିଛନ୍ତି ଦିଲୀପ କୁମାର ।...

''ବିଶ୍ୱଭାରତୀରୁ ପାଣ୍ଡୁଲିପି ଫେରି ଆସିବା ପରେ ସେଠାକାର ପ୍ରକାଶକ ଶ୍ରୀଯୁକ୍ତ ତାରାପଦ ପାତ୍ର ଏହାକୁ ଛପାଇବାକୁ ଦୁଃସାହସ କରିଛନ୍ତି ଏବଂ ସେ ମୋତେ ଚିଠି ଦେଇଛନ୍ତି ଯେ ବହି ସମ୍ବନ୍ଧେ ଯଦି କୌଣସି ଚିଠିପତ୍ର (ମନ୍ତବ୍ୟ) ଆସେ ତେବେ ତାଙ୍କ ପାଖକୁ ତୁରନ୍ତ ପଠାଇ ଦେବାକୁ । ଆପଣଙ୍କର ଦ୍ୱିତୀୟ ପତ୍ରଟି କପି କରି ତାଙ୍କ ପାଖକୁ ପଠାଇ ଦେଇଛି । ଆଶା କରେ ଏଥିରେ ଆପଣଙ୍କର ଅସମ୍ମତି ନାହିଁ । ବିଶ୍ୱଭାରତୀର ମୋହର ଅଙ୍କା ଆପଣଙ୍କର ହସ୍ତାକ୍ଷର ଏବଂ ସ୍ୱାକ୍ଷରିତ ପତ୍ରଟି ଲିଥୋଗ୍ରାଫ୍‌ରେ ଛାପିଲେ ଭଲ ହୁଅନ୍ତା, କିନ୍ତୁ ମୂଳ ପତ୍ରଟିକୁ ମୁଁ ହାତଛଡ଼ା କରିବାକୁ ଚାହିଁଲି ନାହିଁ । ଏହି କାରଣରୁ ଯେ ଏହାର ସାହିତ୍ୟିକ ମୂଲ୍ୟଠାରୁ ବ୍ୟକ୍ତିଗତ ମୂଲ୍ୟ ମୋ ନିକଟରେ ଅମୂଲ୍ୟ ।... ଇତିମଧ୍ୟରେ ଅନେକ ଛବି ଆଙ୍କିଛି । ସେସବୁକୁ ଆପଣଙ୍କୁ କେମିତି ଦେଖାଇବି କୁହନ୍ତୁ ? ବାଉଲ୍ ଗୀତ ଲେଖୁଛି । ଏବେ ଗୋଟିଏ ସଦ୍ୟ-ଲିଖିତ ବାଉଲ୍ ଗୀତ ଆପଣଙ୍କୁ ପଠାଇଲି ଅର୍ଘ୍ୟ ରୂପେ । ଆପଣ ରସ ଓ ରସଜ୍ଞଙ୍କର କଥା ଉଲ୍ଲେଖ କରିଥିଲେ । ସେଇଥିରୁ ଭାବ ନେଇ ଏହି ସଙ୍ଗୀତଟି ଲେଖିଛି ବୋଲି ଗୀତି-କବିତାଟିର ନାମ ଦେଇଛି 'ରସିକ' ।...

ଇତି
ଆପଣମାନଙ୍କଠାରେ ପ୍ରଣତ
ନିଶିକାନ୍ତ

('କବି ନିଶିକାନ୍ତ', ସୁପ୍ରିୟ ଭଟ୍ଟାଚାର୍ଯ୍ୟ, ପୃ. ୮୬ - ୮୭)

୨୬ ଜାନୁଆରୀ ୧୯୪୦ରେ ରବୀନ୍ଦ୍ରନାଥ ନିଶିକାନ୍ତଙ୍କୁ ଲେଖିଲେ (ବୋଧହୁଏ ଏଇ ପତ୍ରଟି ତାଙ୍କର ନିଶିକାନ୍ତଙ୍କୁ ଲିଖିତ ଶେଷପତ୍ର) :

''କଲ୍ୟାଣୀୟେଷୁ,

ତୁମର 'ବାଉଲ୍' କବିତାଟି ଖୁବ୍ ଭଲ ଲାଗିଲା । ଏ କ୍ଷେତ୍ରରେ ତୁମକୁ ଗୋଟିଏ ଉପଦେଶ ଦେବି । ତୁମର ଲେଖା ଯଦି କାହାକୁ ଭଲ ନ ଲାଗେ, ସେଇଟିକୁ ଇଚ୍ଛାକୃତ ଅପରାଧ ବୋଲି ମନେ କରିବାଟା ହେଉଛି ପିଲାଳିଆମି । ତୁମେ କବି, ରୁଚି ନେଇ ତୁମର କାରବାର । ଏସବୁ ନେଇ ତର୍କ କଲେ ସେଥିରେ ତୁମର ଆତ୍ମସମ୍ମାନ ରହିବ ନାହିଁ । ଆଉ ଅନ୍ୟର ମତ ନେଇ ଧୈର୍ଯ୍ୟ ନଷ୍ଟ କରିବା ସଦୃଶ ବଡ଼ ବ୍ୟର୍ଥ ଓ ଅଯୌକ୍ତିକ ଅନ୍ୟ କିଛି ହୋଇ ପାରେନା । ତୁମେ ଯେଉଁ ବସ୍ତୁକୁ ଭଲ ମନେ କର, ଲୋକମାନଙ୍କୁ ଯେ ସେଇଟି ଭଲ ଲାଗିବ – ଏ ସମ୍ବନ୍ଧରେ ଜିଦ୍ ଧରିଲେ ଲାଭ କ'ଣ ? ନିଜକୁ ଭଲ ଲାଗିବା ଭଳି ବିଷୟକୁ ନେଇ ହିଁ ଖୁସୀ ରହୁ ନାହଁ କାହିଁକି ? ବିଶ୍ୱଭାରତୀ ସହିତ ତୁମର ବହି ଛାପିବାର କଥାବାର୍ତ୍ତାର ଇତିହାସ ମୁଁ ଏକେବାରେ ହିଁ ଜାଣେନି, ମୋର ଜାଣିବାର କୌଣସି ହେତୁ ମଧ୍ୟ ନାହିଁ ।...

''କିନ୍ତୁ ତୁମ ରଚନା ସମ୍ବନ୍ଧେ 'ବିଶ୍ୱଭାରତୀ'ର ଅନୁମୋଦନ ପ୍ରତ୍ୟାଶା କରି ଯଦି ତୁମେ ତୁମର ମନକୁ ଆଲୋଡ଼ିତ କରୁଥାଅ ତେବେ ଶାନ୍ତି ପାଇବ ନାହିଁ । ତୁମ କବିତାସବୁରେ ଯେଉଁମାନେ ରସ ପାଆନ୍ତି ନାହିଁ, ସେମାନଙ୍କୁ ଏହା କହି କ୍ଷମା କର ଯେ ତୁମର ଏଇ ରସଗ୍ରହଣ ସମ୍ବନ୍ଧରେ ସେମାନଙ୍କର ଦାୟିତ୍ୱଜ୍ଞାନ ହିଁ ନାହିଁ । ମୋ ଜୀବନରେ ମୋ ଲେଖା ନେଇ ଅନେକ ନିଷ୍ଠୁର ଆଘାତ ପାଇଛି, କିନ୍ତୁ ତା' ବୋଲି ଲାଠି ହାତରେ ନେଇ କୌଣସି ଦିନ ମୁଁ ମଲ୍ଲଯୁଦ୍ଧରେ ଅବତୀର୍ଣ୍ଣ ହୋଇନି – କାହିଁକି ନା ରୁଚିର ପ୍ରାର୍ଥକ୍ୟ ନେଇ ଯେଉଁମାନେ ଭର୍ତ୍ସନା କରନ୍ତି, ସେମାନଙ୍କୁ ମୁଁ ପ୍ରକୃତିସ୍ଥ ବୋଲି ମନେ କରେ ନାହିଁ ଏବଂ ମୁଁ ଯଦି ସେମାନଙ୍କୁ ଓଲଟି ଗାଳି

ଦେବାକୁ ଯାଏ, ତା'ହେଲେ ନିଜର ସେଇ ଧରଣର ପାଗଳାମିଟି ଅଧିକ ହାସ୍ୟାସ୍ପଦ ହୋଇଉଠେ ।

''ଏତେ ବଡ଼ ଚିଠି ଲେଖା (ଏବେ) ମୋ ପକ୍ଷରେ ଅତ୍ୟନ୍ତ କଷ୍ଟକର; କିନ୍ତୁ ତୁମର ଉଦ୍ଦୀପନା ଦେଖି ଚିକିତ୍ସକଙ୍କର ନିଷେଧ ସତ୍ତ୍ୱେ ଦୁର୍ବଳ ଦୃଷ୍ଟିଶକ୍ତିକୁ ପୀଡ଼ିତ କଲି । ପରେ ହୁଏତ ଜାଣିବ, ମୁଁ ଚିଠି ଲେଖି ପାରୁନି; ସେତେବେଳେ ଧୈର୍ଯ୍ୟ ଧରିବ, କ୍ଷମା କରିବ । ଆୟୁଷର ଶେଷ ପ୍ରାନ୍ତରେ ଉପନୀତ ହୋଇଛି, ତଥାପି ଶେଷ ପର୍ଯ୍ୟନ୍ତ ଦୃଷ୍ଟିଶକ୍ତି ରକ୍ଷା କରିବାକୁ ହିଁ ହେବ – ଏହା ମହା ମୂଲ୍ୟବାନ ।

''ମୋର ଆଶୀର୍ବାଦ ।

ଇତି
ଶୁଭାର୍ଥୀ
ରବୀନ୍ଦ୍ରନାଥ ଠାକୁର
(ତତ୍ରୈବ, ୯୦-୯୧)

(ନିମ୍ନରେ ନିଶିକାନ୍ତଙ୍କ ରଚିତ 'ଗୋରୁର୍ ଗାଡ଼ି' କବିତାର ମର୍ମାନୁବାଦ ପ୍ରଦତ୍ତ ହେଲା ।)

## ବଳଦ ଗାଡ଼ି

ଚାଲିଛି ଜୀବନର ଦୁର୍ଗମ କାନ୍ତାରେ
ସର୍ପିଳ ପଥେ ପାନ୍ଥ ଶକଟଯାନ,
ପ୍ରତି ଆବର୍ତ୍ତେ ମୁଖରିତ ଦୁଇ ଧାରେ
ଯୁଗଳ ଚକର ଭାରାକ୍ରାନ୍ତ ପ୍ରାଣ ।
କେଉଁ ଉଷାରୁ ସେ ଆସିଛି ପଲ୍ଲୀ ଛାଡ଼ି,
ଦିବସର ଅନ୍ତେ ରାତ୍ରି ଆସିଛି ମାଡ଼ି,
ଅର୍ଦ୍ଧେକ ରଜନୀ ରହିଛି ଅନ୍ଧକାରେ,
ଏବେ ବି ସମ୍ମୁଖେ ପଥ ଅକଳନ ।
ଚାଲିଛି ଜୀବନର ଦୁର୍ଗମ କାନ୍ତାରେ
ସର୍ପିଳ ପଥେ ପାନ୍ଥ ଶକଟଯାନ ।

ଗାଡ଼ିର ଭିତରେ ପାଖାପାଖି ଧାଡ଼ି ଧାଡ଼ି
ପୁରୁଣା ଝୋଟର ଥଳିସବୁ ଯେତେ ଧରି,
କେତେ ସଯତନେ ବାନ୍ଧିଛି ଭିତରେ ତା'ରି
ସୁନାର ଶସ୍ୟ, ସଞ୍ଚୟ ସାଧନାର ।
ପକ୍ୱ ଫସଲର ପ୍ରାନ୍ତରୁ ସଞ୍ଚିତ
ଅଭିଯାନ ମଣିମୁକ୍ତାରେ ରଞ୍ଜିତ,
ବୃଦ୍ଧ ଚାଳକ ଅର୍ଦ୍ଧ-ଘୁମନ୍ତ ମଥା ଦୋହଲାଇ
ମଗ୍ନ ରହିଛି ସ୍ୱପ୍ନେ କେଉଁ ସୁଦୂରର ।
କେତେ ସଯତନେ ବାନ୍ଧିଛି ଭିତରେ ତା'ରି
ସୁନାର ଶସ୍ୟ, ସଞ୍ଚୟ ସାଧନାର ।

ତା' ସାଥେ ଚାଲିଛି ଯେମିତି ଅନନ୍ତ କାଳ
ଧରି ମର୍ତ୍ତ୍ୟର ସୁବର୍ଣ୍ଣ ସମ୍ଭାର,
ଦିବସ-ନିଶାର ଯୁଗଳ ଚକର ବଳେ
ସେ କେଉଁ ଉଷାର ଦିଗେ ତା'ର ଅଭିସାର ।
ଶତ ଶତାବ୍ଦୀର ଆବର୍ତ୍ତ ସଂଘାତେ
ଭରେ ଦିଗନ୍ତ ଆକୁଳ ଆର୍ତ୍ତନାଦେ,
ତଥାପି ଆନନ୍ଦ-ସ୍ୱପନର ଶିଖା ଦୀପନରେ
ସୂର୍ଯ୍ୟ ଶଶାଙ୍କ ତାରକାର ଜ୍ୱଳନରେ ।
ତା' ସାଥେ ଚାଲିଛି ଯେମିତି ଅନନ୍ତ କାଳ
ଧରି ମର୍ତ୍ତ୍ୟର ସୁବର୍ଣ୍ଣ ସମ୍ଭାର ।

କେଉଁ ରାଜଧାନୀ ଜାଗିଛି ତା'ର ମନେ
କେଉଁ ରାଜପଥ ଆହ୍ୱାନ କରେ ତା'ରେ !
କେଉଁ ସେ ରାଜାର ଉତ୍ସବ-ପ୍ରାଙ୍ଗଣେ
ନିଃଶେଷ କରି ଢାଳି ଦେବ ଆପଣାରେ ।
ବାହନର ମୁଖ ପାଂଶୁ ଫେନିଳ ମଖା,
ମାଟି କାଟି କାଟି ଚାଲିଛି କାଠର ଚକା
ମେଦିନୀର ବୁକେ ଗଭୀର ଆଲିଙ୍ଗନେ
ବିଦୀର୍ଣ୍ଣ କରି ବିଦ୍ରୋହୀ ପଥରେ ।
କେଉଁ ସେ ରାଜାର ଉତ୍ସବ-ପ୍ରାଙ୍ଗଣେ
ନିଃଶେଷ କରି ଢାଳି ଦେବ ଆପଣାରେ ।

– ନିଶିକାନ୍ତ ('ଅଲକାନନ୍ଦା' କାବ୍ୟଗ୍ରନ୍ଥ)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

କାହାଣୀ :

# 'ପାରିବା' ଓ 'ନ ପାରିବା'ର କାହାଣୀ

## ମୀରା ଗୁଥୀ

[ଗୋଟିଏ ଅଧ୍ୟବସାୟଶୀଳ ଇଚ୍ଛା ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଅତିକ୍ରମ କରିଯାଏ ।
(CWM : Vol. 14, p. 158) — ଶ୍ରୀମା]

ଆମ ପୃଥିବୀ ଠାରୁ ସମ୍ପୂର୍ଣ୍ଣ ନିଆରା ସେ ଜଗତରେ ବାସ କରୁଥିଲେ ଦୁଇ ଜଣ ଭାଇ — ନାମ ସେମାନଙ୍କର 'ପାରିବା' ଓ 'ନ ପାରିବା' । ଜଣେ ସେମାନଙ୍କୁ ଦେଖି ପାରିବନି କି ସେମାନଙ୍କ କଥା ଶୁଣିପାରିବ ନାହିଁ । କାରଣ ସେମାନେ ଆମର ଜ୍ଞାନର ପରିସର ଭିତରେ ନଥିଲେ । ସେମାନେ ସେମାନଙ୍କର କ୍ଷୁଦ୍ର ପରିମଣ୍ଡଳ ମଧ୍ୟରେ ଅନ୍ୟ ଅନେକ ଚରିତ୍ର ଯେମିତି ଭୟ, କ୍ରୋଧ, ଈର୍ଷା କିଂବା ଉତ୍କୃଷ୍ଟତା, ପ୍ରଫୁଲ୍ଲତା; ଏବଂ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଅଧିକ ଶକ୍ତିଶାଳୀ ଚରିତ୍ରସବୁ — ଉଚ୍ଚାଭିଳାଷ, ଦୃଢ଼ ଇଚ୍ଛାଶକ୍ତି, ପ୍ରତ୍ୟକ୍ଷବୋଧ ବା ବୋଧିଶକ୍ତି ଭଳି ଚରିତ୍ରମାନଙ୍କ ସହ ବାସ କରୁଥିଲେ ।

ତୁମ ଭଳି କି ଆମ ଭଳି ବ୍ୟକ୍ତି ସେ ଧରଣର ଚରିତ୍ରମାନଙ୍କୁ ଦେଖି ପାରିବା ନାହିଁ ସତ; କିନ୍ତୁ ଆମେ ସେମାନଙ୍କୁ ନିଶ୍ଚିତ ଭାବେ ଅନୁଭବ କରିପାରିବା । ଆମେ ସେମାନଙ୍କୁ ଆମକୁ ଛୁଇଁବା ପାଇଁ କି ପ୍ରଭାବିତ କରିବା ପାଇଁ ଛାଡ଼ି ଦେଇପାରିବା । ସେଇଥିପାଇଁ ବୋଧହୁଏ ତୁମର କୌଣସି ବନ୍ଧୁ ତୁମକୁ ପ୍ରତାରିତ କଲେ ତୁମେ ତତ୍‌କ୍ଷଣାତ୍ ରାଗିଯାଅ କିଂବା ପାଞ୍ଚ ମିଟର ଊର୍ଦ୍ଧ୍ୱରେ ଥିବା ଡାଇଭିଙ୍ଗ୍-ବୋର୍ଡ଼ (diving-board)ରୁ ସନ୍ତରଣ ପାଇଁ ଉଦ୍ଦିଷ୍ଟ ଜଳାଶୟକୁ ଲମ୍ଫ ପ୍ରଦାନ କଲାବେଳେ ଭୟଭୀତ ହୋଇଯାଅ ।

ଅବଶ୍ୟ ଆମେ ଏହିସବୁ ଚରିତ୍ରର ସଂସ୍ପର୍ଶରେ ଆସିବା କି ନାହିଁ ସେସମ୍ପର୍କରେ ସିଦ୍ଧାନ୍ତ ନେଇପାରିବା । ଉଦାହରଣ ସ୍ୱରୂପ, ଆମେ କାମଟିଏ ହରାଇ ବସିଲେ କ୍ରୋଧିତ ନ ହେବା ପାଇଁ ଏବଂ ବନ୍ଧୁ ଜଣେ ସଫଳତା ପ୍ରାପ୍ତ ହେଲେ ଈର୍ଷା କରିବା ପରିବର୍ତ୍ତେ ଖୁସୀ ହେବା ପାଇଁ ସିଦ୍ଧାନ୍ତ ନେଇ ପାରିବା ।

'ପାରିବା' ଓ 'ନ ପାରିବା' ଯଦିଓ ଦୁଇଜଣ ଭାଇ ଥିଲେ, ପ୍ରକୃତିଗତ ଭାବେ ଦୁଇଜଣ ସଂପୂର୍ଣ୍ଣ ବିପରୀତ ଥିଲେ । 'ପାରିବା' ସବୁବେଳେ ପ୍ରଫୁଲ୍ଲ ଓ ପ୍ରସନ୍ନ ଥିଲା ବେଳେ



'ନ ପାରିବା' ଥିଲା ସବୁବେଳେ ବିମର୍ଷ । 'ପାରିବା' ସର୍ବଦା ଶକ୍ତିରେ ଭରପୂର ଓ ଖୁବ୍ କର୍ମଠ ଥିଲା ବେଳେ; 'ନ ପାରିବା' ଥିଲା ସବୁ କାମରେ ନିରୁତ୍ସାହିତ । ତା'ର ଅବସ୍ଥା ଥିଲା କଣା ଥିବା ବେଲୁନ୍ ଭଳି, ଯେଉଁଥିରୁ ପବନ ବାହାରି ତାକୁ ସବୁବେଳେ ସମତଳ କରି ଦେଇଥାଏ । ଅବଶ୍ୟ ସେମାନେ ସର୍ବଦା ନିଜ ନିଜ ଭିତରେ ପ୍ରତିଯୋଗିତା କରି ଚାଲିଥିଲେ । ଦିନ ଶେଷରେ ସେମାନେ ହିସାବ କରୁଥିଲେ କେତେ ଜଣକୁ ସେମାନେ ପ୍ରଭାବିତ କରିପାରିଛନ୍ତି । କେବେ 'ପାରିବା' ଜିତି ଯାଉଥିଲା ତ କେବେ 'ନ ପାରିବା' ।

ଗୋଟିଏ ବାଳକ ଥିଲା ଯାହାକୁ କେନ୍ଦ୍ର କରି 'ପାରିବା' ଓ 'ନ ପାରିବା'ଙ୍କର ସବୁବେଳେ ଦ୍ୱନ୍ଦ୍ୱଯୁଦ୍ଧ ଓ ପ୍ରତିଯୋଗିତା

ଲାଗି ରହିଥିଲା । ବାଳକଟିର ନାମ କରଣ । ସେ ଖୁବ୍ ସାଧାରଣ ପିଲାଟିଏ ଥିଲା । ସେ ଶ୍ରେୟ ପରି ଏତେ ବୁଦ୍ଧିମାନ୍ ନଥିଲା, ଯିଏ କି ଶ୍ରେଣୀରେ ପଚରା ଯାଉଥିବା ସମସ୍ତ ପ୍ରଶ୍ନର ଉତ୍ତର ଜାଣିଥିଲା । ରାଘବ ପରି ସେ ଏତେ ଦ୍ରୁତ ନଥିଲା – ଯେକି ସବୁ ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ହେଉଥିଲା, ଫୁଟ୍‌ବଲର ସବୁ ମ୍ୟାଚ ଜିତୁଥିଲା । କରଣ ଯଦି ଚେଷ୍ଟା କରନ୍ତା ଏସବୁ ମଧ୍ୟ ସେ କରି ପାରନ୍ତା; ମାତ୍ର ତା ପ୍ରକୃତିର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ସେ ଏସବୁ ପାଇଁ କେବେ ଯଥେଷ୍ଟ ପ୍ରୟାସ କରୁ ନ ଥିଲା ।



ଆରମ୍ଭରୁ ସେ ଏପରି ନଥିଲା । ସେ ବେଶ୍ କଠିନ ପରିଶ୍ରମୀ ଥିଲା ସେଇ ସମୟ ପର୍ଯ୍ୟନ୍ତ, ଯେଉଁ ଦିନ ସେ ଗୋଟିଏ ଗଣିତ ପ୍ରଶ୍ନର ସମାଧାନ ପାଇଁ କଠିନ ପ୍ରୟାସ କରି ଚାଲିଥିଲା, ମାତ୍ର ସେଇଟିକୁ ଠିକ୍ ଭାବରେ ସମାଧାନ କରିପାରୁ ନଥିଲା । ସେତେବେଳେ ତା'ର ଶିକ୍ଷୟିତ୍ରୀ କହିଥିଲେ, ''ମୁଁ ଭାବୁଛି ତୁ ଯଥେଷ୍ଟ ପ୍ରୟାସ କରୁନୁ । ଅନ୍ୟମାନେ ଏହାର ଉତ୍ତର ପାଇସାରି ଥିବା ବେଳେ ତୁ କେମିତି ଏହାକୁ ସମାଧାନ କରିପାରୁ ନାହୁଁ ?''

କରଣ କିନ୍ତୁ ପ୍ରତିବାଦ କରି କହିଲା, ''ମୁଁ ପ୍ରୟାସ କରି ଚାଲିଛି ।''

''ମୁଁ ସେମିତି ଭାବୁନି । ତୁ ଜମା ବି ଯଥେଷ୍ଟ ପ୍ରୟାସ କରୁନୁ ।'' – ଶିକ୍ଷୟିତ୍ରୀ ଜଣକ ଜୋର୍ ଦେଇ କହିଲେ ।

ସେଇ ସମୟରେ 'ନ ପାରିବା' ଖୁବ୍ ନିମ୍ନ ସ୍ୱରରେ ଫୁସ୍ ଫୁସ୍ ହୋଇ କହିଲା, ''ଦେଖିଲୁ ତ, ମୁଁ ତୋତେ କହୁଛି ! କ'ଣ ଲାଭ ଅଛି ? ଯେତେ କଠିନ ପରିଶ୍ରମ କଲେ ବି ତୁ କେବେ ସଫଳତା ହାସଲ କରି ପାରିବୁ ନାହିଁ ।''

ସେହି ଅଶୁଭ ମୁହୂର୍ତ୍ତରେ କରଣ ଅନୁଭବ କରିବାକୁ ଆରମ୍ଭ କଲା, ଏହା ହିଁ ସତ୍ୟ । ଯେତେ ଦ୍ରୁତଗତିରେ ଦୌଡ଼ିଲେ ବି ସେ ପ୍ରଥମ ହୋଇ ପାରିବ ନାହିଁ । ଯେତେ ପରିଶ୍ରମ କରି ପାଠ ପଢ଼ିଲେ ମଧ୍ୟ ସବୁ ପ୍ରଶ୍ନର ଉତ୍ତର ସେ ଦେଇ ପାରିବ ନାହିଁ । ଜଣେ ଉତ୍କୃଷ୍ଟ ବଡ଼ ଭାଇ କିଂବା ଭଲ ପୁଅଟିଏ ହେବାକୁ ସେ ଯେତେ ଚେଷ୍ଟା କଲେ ବି ତା' ମାତାପିତା ତା'ର ଭୁଲ୍‌ତ୍ରୁଟି ଦେଖାଇବେ ହିଁ ଦେଖାଇବେ ।

ଫଳତଃ, କରଣ ପ୍ରୟାସ କରିବା ଛାଡ଼ିଦେଲା । ସେ ନିଜକୁ ନିଜେ କହିଲା, ''ଏସବୁ କରି କିଛି ଲାଭ ନାହିଁ ।'' କହିବାକୁ ଗଲେ 'ନ ପାରିବା' ତା' ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରିଦେଲା ।

ବିଜୟୋଲ୍ଲାସରେ 'ନ ପାରିବା' କହିଲା, ''ମୁଁ ଜାଣିଥିଲି, ଏହି ବାଳକଟିକୁ ମୁଁ ଅକ୍ତିଆର କରି ନେବି ।''

'ପାରିବା' କେତେ ଥର କୌଶଳ ପ୍ରୟୋଗ କରି, ଫୁସୁଲାଫୁସୁଲି କରି କରଣକୁ ଆଗକୁ ଠେଲିବାକୁ ଚେଷ୍ଟା କରିଛି । ଉଦାହରଣ ସ୍ୱରୂପ ଯେତେବେଳେ କରଣ ଦୌଡ଼ରେ ସବା ଶେଷରେ ରହିଯାଇଥିଲା, 'ପାରିବା' ତାକୁ ଉତ୍ସାହିତ କରି କହିଲା, ''କରଣ, ତୁ କରିପାରିବୁ, ଟିକେ ଚେଷ୍ଟା କର ।''

କରଣ ଶୀଘ୍ର ଦୌଡ଼ିବାକୁ ପ୍ରୟାସ କଲା, ଏପରିକି ତୃତୀୟ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚି ଗଲା, ଠିକ୍ ସେତିକି ବେଳେ 'ନ ପାରିବା' ଆଗକୁ ଚାଲି ଆସିଲା, ''ତୁ କାହିଁକି ଏତେ କଠିନ ଶ୍ରମ କରୁଛୁ ? ଏହା ତୋର କି ଉପକାରରେ ଆସିବ ? କାହିଁକି ଏସବୁ ନେଇ ବିବ୍ରତ ହେଉଛୁ ?''

କରଣ ଖୁବ୍ କ୍ଲାନ୍ତ ହୋଇ ପଡ଼ିଥିଲା ଏବଂ ଭାବିଲା, ''ଏହା ପୂରାପୂରି ସତ । କାହିଁକି ମୁଁ ଏତେ ବୃଥା ପରିଶ୍ରମ କରୁଛି ?'' ତା'ପରେ ସେ ଶେଷ ସ୍ଥାନକୁ ହିଁ ଖସି ଆସିଲା ।

ଦୌଡ଼ ପ୍ରତିଯୋଗିତା ଶେଷ ହେବା ପରେ ତାଲିମ ଦେଉଥିବା କୋଚ୍ ଜଣକ କରଣକୁ କହିଲେ, ''ତୁ ଦୌଡ଼ ପ୍ରତିଯୋଗିତାରେ ଯଥେଷ୍ଟ ଭଲ କରି ପାରିଥା'ନ୍ତୁ ।'' ସେ ପୁଣି

କହିଲେ, ‘‘ତୁ କାହିଁକି ଆଶା ଛାଡ଼ିଦେଲୁ ? ତୁ କାହିଁକି ଚେଷ୍ଟା କରିବା ବନ୍ଦ କରିଦେଲୁ ?’’

କରଣ ତା’ର କାନ୍ଧ ଟିକେ ହଲାଇ ଦେଲା । ଭାବିଲା, ଏସବୁ ସେ ଖାତିର କରେନା ।

ଦୁଃଖର ବିଷୟ, କରଣ ଯଥେଷ୍ଟ ଚେଷ୍ଟା ନ କରିବାରୁ ତା’ର ଟିମ୍ ବାସ୍‌କେଟ୍ ବଲ୍ ପ୍ରତିଯୋଗିତାରେ ହାରି ଗଲେ । ସେ ରିଲେ ରେସ୍‌ରେ ଖୁବ୍ ମାନ୍ଦା ଗତିରେ ଦୌଡ଼ୁ ଥିବାରୁ ସେମାନେ ମଧ ଅକୃତକାର୍ଯ୍ୟ ହେଲେ । ଦେଖିବାକୁ ଗଲେ ଏସବୁ ପାଇଁ କରଣ ଟିକେ ବି ବିବ୍ରତ ହେଉ ନଥିଲା ।

ଯାହା ବି ହେଉ, ‘ପାରିବା’ ଏ ସମ୍ପର୍କରେ ସଚେତନ ଥିଲା । ତା’ର ଖୁବ୍ ଗଭୀର ଭାବେ ହୃଦ୍‌ବୋଧ ହେଉ ଥିଲା ଯେ କରଣ ଏପରି ନୁହେଁ; ଏବଂ ସେ ତାକୁ ସାହାଯ୍ୟ କରିବାକୁ ଚାହୁଁଥିଲା । ଦିନେ, ଯେତେବେଳେ କରଣ ଲାଇବ୍ରେରିରେ କିଛି ବହି ଖୋଜୁଥିଲା, ‘ପାରିବା’ ଗୋଟିଏ ବହି ଥାକରୁ ବାହାର କରି ଆଣି ତା’ ନିକଟରେ ପକାଇ ଦେଲା । ଆଶ୍ଚର୍ଯ୍ୟ କଥା, କେହି ବି ଆଖପାଖରେ ନ ଥିଲେ । ବହିଟି ଆପଣାଛାଏଁ ଥାକରୁ ଖସି ପଡ଼ିଲା ! କରଣ ଟିକେ ଇତସ୍ତତଃ ହୋଇ ଏଣେ ତେଣେ ଚାହିଁ ବହିଟି ଗୋଟାଇ ଆଣିଲା । ଉଦ୍ଭାବକମାନଙ୍କ ଉପରେ ଆଧାରିତ ଏହା ଏକ ଚଟି ବହି ଥିଲା । କରଣ ପୃଷ୍ଠା ଓଲଟାଇବାକୁ ଆରମ୍ଭ କଲା ଏବଂ କେତେକ ଶବ୍ଦ ଉପରେ ତା’ର ଦୃଷ୍ଟି ଅଟକି ଗଲା, ‘‘ମୁଁ କେବେ ହାରିଯାଇ ନାହିଁ । ମୁଁ କେବଳ ଦଶ ହଜାର ପଦ୍ଧତି ବାହାର କରିଛି, ଯାହା ଅସଫଳ ହୋଇଥିଲା !’’ ଏହି ବାକ୍ୟଗୁଡ଼ିକ ଥମାସ୍ ଅଲଭା ଏଡ଼ିସନ୍‌ଙ୍କ ଫଟୋ ତଳେ ଲେଖା ଯାଇଥିଲା । କୌତୂହଳୀ ହୋଇ କରଣ ବହିଟିର ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଲା ଏବଂ ପଢ଼ି ଚାଲିଲା ଥମାସ୍ ଅଲଭା ଏଡ଼ିସନ୍ କିପରି ଲାଇଟ ବଲ୍‌ବ ଉଦ୍ଭାବନ କରିବା ପୂର୍ବରୁ ଅନେକ ଥର ନିଜର ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି ।

ଏହି ସମୟରେ ‘ପାରିବା’ ତା’ ନିକଟରେ ଖୁବ୍ ନିମ୍ନ କଣ୍ଠରେ କହିଲା, ‘‘କଳ୍ପନା କର, ଏଡ଼ିସନ୍ ଯଦି ଆଶା ଛାଡ଼ି ଦେଇଥା’ନ୍ତେ ! ସେ ଦଶ ହଜାର ଥର ଚେଷ୍ଟା କରିଛନ୍ତି । ସେ ଯଦି ଅଧ୍ୟବସାୟୀର ମନୋଭାବ ନେଇ ଲାଗି ରହି ନ ଥା’ନ୍ତେ ତେବେ ଆମକୁ ହୁଏତ ଲାଇଟ୍ ବଲ୍‌ବ ମିଳି ନ ଥା’ନ୍ତା । ଦେଖ, ଏତେ ଥର ହାରି ଯାଇଛନ୍ତି ବୋଲି ନ କହି ସେ କହିଛନ୍ତି, ‘ମୁଁ ପରୀକ୍ଷା କରି ଦେଖିଲି ଯେ ଦଶ ହଜାର ପଦ୍ଧତିରେ ଏହା କାମ କରୁ ନାହିଁ ।’ ’’ ଏହି ଶବ୍ଦଗୁଡ଼ିକ କରଣ ମନରେ କିଛିଟା ରେଖାପାତ କଲା ।

ସେଦିନ ସନ୍ଧ୍ୟାରେ ସବୁଦିନ ଭଳି କରଣ ଘର ପାଇଁ ଦିଆଯାଇଥିବା ପାଠ (Home work) କରିବାରେ ମନ ଦେଲାନି । ସେ ଭାବୁଥିଲା ସେସବୁ କରି କିଛି ଲାଭ ନାହିଁ । ତା’ ପାଇଁ ଭିଡ଼ିଓ ଗେମ୍ ଖେଳିବାଟା ଅଧିକ ଆମୋଦପ୍ରଦ । ଯେତେବେଳ ତା’ର ମାଆ ପଚାରିଲେ, ‘‘ଘରପଢ଼ା ଶେଷ କରିଛୁ କି ନାହିଁ’’, ସେ ମିଛ କହିଲା, ‘‘ହଁ ମାଆ, ମୁଁ ମୋ ସବୁ ଘରପଢ଼ା ଶେଷ କରି ଦେଇଛି ।’’ ସେ ଯାହା ବି ହେଉ, ସେ ଶବ୍ଦ, ‘ଦଶ ହଜାର ଥର’ ତା’ ମନକୁ ବାର ବାର ଆସୁଥିଲା; କାରଣ ‘ପାରିବା’ ଏଇଟା ତା’ ମନ ନିକଟରେ ଚୁପିଚୁପି କହି ଚାଲିଥିଲା । ‘ନ ପାରିବା’ ମଧ ଫୁସ୍ ଫୁସ୍ କରି କହୁଥିଲା, ‘‘ବ୍ୟସ୍ତ ହେବାର କିଛି ନାହିଁ । ତୁ ଥମାସ୍ ଅଲ୍‌ଭା ଏଡ଼ିସନ୍ ନୁହଁ । ତୁ ହେଉଛୁ କରଣ । ପ୍ରୟାସ କରିବା ଓ ହାରି ଯିବାର କିଛି ଆବଶ୍ୟକତା ନାହିଁ ।’’ କରଣ ତା’ର ଭିଡ଼ିଓ ଖେଳ ସହ ଲାଗି ରହିଥିଲା । ପରଦିନ ସେ ପୁଣି ତା’ର ଘରପଢ଼ା ନକରି ସ୍କୁଲକୁ ଗଲା ।

ଯାହା ବି ହେଉ ‘ପାରିବା’ ଏତେ ସହଜରେ ଛାଡ଼ି ଦେବାର ପାତ୍ର ନୁହେଁ । ସେ ସାହାଯ୍ୟ କରିବା ପାଇଁ ‘ଇଚ୍ଛାଶକ୍ତି’କୁ ନିୟୋଜିତ କରିବାକୁ ମନସ୍ଥ କଲା । ‘ଇଚ୍ଛାଶକ୍ତି’ ତା’ଠାରୁ ଅଧିକ ବୃହତ୍ ଓ ଶକ୍ତିଶାଳୀ । ସେ ମନୁଷ୍ୟମାନଙ୍କୁ ଅଭାବନୀୟ ଏବଂ ଅକଳ୍ପନୀୟ, ଅସମ୍ଭବ ମନେ ହେଉଥିବା କାର୍ଯ୍ୟସବୁ କରିବାରେ ଉତ୍ସାହିତ କରିଥାଏ । ଉଦାହରଣ ସ୍ୱରୂପ ସେ ନିଶ୍ଚୟ ତେନ୍‌ଜିଙ୍ଗ ନର୍ଗେ ଏବଂ ଏଡ଼ମଣ୍ଡ ହିଲାରିଙ୍କୁ ପୃଥିବୀର ସର୍ବୋଚ୍ଚ ତଥା କ୍ଲେଶସାଧ ପର୍ବତ ମାଉଣ୍ଟ-ଏଭରେଷ୍ଟ ଆରୋହଣ କରିବାରେ ଦୃଢ଼ ପ୍ରତିଜ୍ଞ କରିଥିବ ଏବଂ ନିକଟ ଅତୀତରେ ଯେଉଁମାନେ ସେ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ମଧ ସେଦିଗରେ ପ୍ରବର୍ତ୍ତାଇ ଥିବ ତଥା ଉତ୍ସାହିତ କରିଥିବ । ନିଶ୍ଚିତ ଭାବରେ ଯେଉଁ ଉଦ୍ଭାବକ ଓ ଖେଳାଳିମାନେ କୌଣସି କିଛି ଅସୁବିଧାରେ ଅଟକି ନଯାଇ ନିଜ ଲକ୍ଷ୍ୟରେ ଉପନୀତ ହୋଇଛନ୍ତି ତା’ର ଶକ୍ତି ଓ ସହାୟତା ସେଇମାନଙ୍କ ପଛରେ ଅଛି ।

‘ଇଚ୍ଛାଶକ୍ତି’କୁ ‘ପାରିବା’ କରଣ ସମ୍ପର୍କରେ ସବୁକିଛି କହିଲା ଏବଂ ପଚାରିଲା, ‘‘ତୁମେ ମୋତେ କରଣକୁ ନିର୍ଦ୍ଦିଷ୍ଟ କିଛି କରିବାକୁ ପ୍ରେରଣା ଦେବାରେ ସାହାଯ୍ୟ କରି ପାରିବ କି ?’’

''ନିଶ୍ଚୟ !'' ଇଚ୍ଛାଶକ୍ତି ରାଜି ହୋଇଗଲା, ଯିଏକି ସବୁ ପ୍ରକାରର ଉତ୍ସାହପ୍ରଦ ଆହ୍ୱାନ ପାଇଁ ସଦା ପ୍ରସ୍ତୁତ ଥାଏ ।

ପରଦିନ କରଣର ଫୁଟବଲ୍ ଖେଳ ଥିଲା । ତା'ର ତାଲିମ ଦେଉଥିବା କୋଚ୍ ଜଣକ ବୁଝିପାରୁ ନଥିଲେ କରଣ କେଉଁ ସ୍ଥାନରେ ରହି ଖେଳିଲେ ଭଲ ହେବ । ସେ ଯଦି ତାକୁ ପଛରେ ରହି ଖେଳିବାକୁ ଛାଡ଼ିଦେବେ ତା'ହେଲେ ବିପକ୍ଷ ଦଳ ଅନେକ ଗୋଲ୍ ଦେବା ପାଇଁ ସୁଯୋଗ ପାଇଯିବେ । ଯଦି ସେ ତାକୁ ସମ୍ମୁଖରେ ରହି ଖେଳିବାକୁ ଅନୁମତି ଦିଅନ୍ତି, ସେ ଜମା ବି ଯଥେଷ୍ଟ ଚେଷ୍ଟା କରିବନି; ବସ୍ତୁତଃ ତା' ପାଇଁ ଆସୁଥିବା ସମସ୍ତ ସୁଯୋଗ ହାତଛଡ଼ା କରିବ । ଯାହା ତା' ଭାଗ୍ୟରେ ଥିଲା, – ସମ୍ମୁଖରେ ରହି ଖେଳୁଥିବା ଖେଳାଳିମାନଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିଲା ଏବଂ କୋଚ୍‌ଙ୍କର ତାକୁ ଆଗରେ ରହି ଖେଳିବାକୁ ଛାଡ଼ି ଦେବା ବ୍ୟତୀତ ଅନ୍ୟ କିଛି ଉପାୟ ନଥିଲା । ସେ ଦଳରେ ଥିବା ସାଥୀ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରୁଥିଲେ, ଏପରିକି ଖେଳ ଆରମ୍ଭ ହେବା ପୂର୍ବରୁ ଅଭିଯୋଗ କରୁଥିଲେ ଯେ ସେ ସବୁ ସୁଯୋଗର ଅପବ୍ୟବହାର କରିବ ।

ଖେଳ ଆରମ୍ଭ ହେଲା; ସବୁ ଥର ଭଳି କରଣ ଯଥେଷ୍ଟ ଚେଷ୍ଟା କଲା ନାହିଁ, ଯେତେ ଜୋର୍‌ରେ ଦୌଡ଼ିବା କଥା ଦୌଡ଼ିଲା ନାହିଁ କି ବଲ୍‌କୁ ତା' ଦଳ ଅନ୍ତର୍ଭୁକ୍ତ କରି ରଖିବାକୁ ଚେଷ୍ଟା କଲାନି । ପ୍ରତ୍ୟେକ ଥର ଯେତେବେଳେ ବିପକ୍ଷ ଦଳର ଖେଳାଳି ତା'ଠାରୁ ଫୁଟବଲ୍ ଛଡ଼ାଇ ନେବାକୁ ଚେଷ୍ଟା କରୁଥିଲେ ସେ ଖୁବ୍ ସହଜରେ ଛାଡ଼ି ଦେଉଥିଲା । ଖେଳ ସରି ଆସିଲା ବେଳକୁ ସେମାନଙ୍କର ସ୍କୋର୍ ଥିଲା ୨-୨ । ଠିକ୍ ଖେଳ ସରିବା ପୂର୍ବରୁ କରଣ ଦେଖିଲା ବଲଟି ତା ପାଖାପାଖି ଅଛି ଏବଂ ଗୋଲପୋଷ୍ଟ ସାମନାରେ କେବଳ ଗୋଲ୍ କିପର୍ (keeper) ଏବଂ ଜଣେ ଡିଫେଣ୍ଡର୍ (defender) ଅଛନ୍ତି ।

''କେତେ ଚମତ୍କାର ସୁଯୋଗ ! ତୁ ତ ନିଶ୍ଚୟ କରି ପାରିବୁ ।'' – କହିଲା 'ପାରିବା' ।

''ସବୁ ଥର ଭଳି ଏଥର ବି ତୁ ସବୁ ଗୋଳମାଳିଆ କରି ଦେବୁ । ସେଥିରେ ଜମା ମୁଣ୍ଡ ଖେଳାନି,'' ଜୋର୍ ଦେଇ କହିଲା 'ନ ପାରିବା' ।

''ନା, ତୁ ଏଥର କେବେ ବି କିଛି ବିଶୃଙ୍ଖଳା ସୃଷ୍ଟି କରିବୁନି ! ତୁ ଯଦି ଚେଷ୍ଟା କରିବୁ ନିଶ୍ଚୟ ଗୋଟାଏ ଗୋଲ୍ କରିପାରିବୁ ! ଭାବି ଦେଖ୍ ତ, ତୋର ଟିମ୍ କେତେ ଉତ୍‌ଫୁଲ୍ଲିତ ହୋଇ ଉଠିବେ !'', 'ପାରିବା' ତାକୁ ଉତ୍ସାହିତ କରିବାକୁ କହିଲା ।

''ତୁ ଦେଖିବୁ । ତୁ ସେ ଗୋଲ୍‌ଟି ହରାଇବୁ,'' 'ନ-ପାରିବା' ଅଧିକ ଆତ୍ମ-ବିଶ୍ୱାସର ସହ କହିଲା ।

ଏଥି ଭିତରେ, ବଲ୍‌ଟି ସହ କରଣ ଟିକେ ଥଙ୍ଗଥଙ୍ଗ ହେଉଥିଲା, ଠିକ୍ ଭାବରେ ବୁଝି ପାରୁ ନଥିଲା କିପରି ସେ ଶେଷ ଡିଫେଣ୍ଡର୍ (defender)ର ସାମନା କରିବ । ସେ କ'ଣ ତାକୁ ବଲ୍‌ଟି ଛାଡ଼ି ଦେବ କିଂବା ଲାଇନର ବାହାରକୁ ବଲ୍‌ଟିକୁ ଫୋପାଡ଼ି ଦେଇ ଆଶା ଛାଡ଼ିଦେବ ?

ତା' ଟିମ୍‌ର ସାଙ୍ଗମାନେ ଓ କୋଚ୍ ଚିତ୍କାର କରୁଥିଲେ, ''କରଣ ଚେଷ୍ଟା କର । ତୁ ନିଶ୍ଚୟ କରିପାରିବୁ !''

କୋଚ୍ ଖୁବ୍ ଜୋର୍‌ରେ କହି ଉଠିଲେ, ''ଗୋଲ୍‌କୁ ବଲ୍ ମାର !''

ତା' ପରେ ପରେ କରଣ ନିଜ ଭିତରେ ଏକ ଅଭୂତପୂର୍ବ ଶକ୍ତିର ସଂଚାର ଅନୁଭବ କଲା । ସେ ବୁଝିପାରିଲା ନାହିଁ ଏହା କେଉଁଠାରୁ ଆସିଲା; କିନ୍ତୁ ଏହା ଏକ ଶକ୍ତିଶାଳୀ ପ୍ରାଣ ପ୍ରବାହ ଯାହାକି ତା'ର ସମଗ୍ର ଶରୀରରେ ଏପରିକି ପାଦ ପର୍ଯ୍ୟନ୍ତ ଖେଳାଇ ହୋଇ ଗଲା । ହଠାତ୍ କରଣ ସମ୍ପୂର୍ଣ୍ଣ ରୂପେ ବଲ୍‌ଟି ଉପରେ ଏକାଗ୍ର ହୋଇ ରହିବାର ଅନୁଭବ କଲା । ସେ ପ୍ରବୃତ୍ତି ପରିଚାଳିତ ହୋଇ ଜାଣି ପାରିଲା ଯେ ତା'ର ଡିଫେଣ୍ଡାଣ୍ଟ (defendant)କେଉଁ ଦିଗରୁ ଆସୁଛି, କେତେ ଦୂରରେ ଗୋଲ୍‌ଟି ଅଛି, କେମିତି ଏ ପରିସ୍ଥିତିର ମୁକାବିଲା କରି ହେବ ଏବଂ କେଉଁ ପଦକ୍ଷେପ ନେବାକୁ ହେବ । କେବଳ ତାକୁ ଗୋଟିଏ ସେକେଣ୍ଡରୁ କମ୍ ସମୟ ଭିତରେ ଚେଷ୍ଟା କରିବାକୁ ହେବ, ସେ ଚାହିଁଲା ତା'ର ଶରୀର ଏହା କରୁ । କରଣ ଲକ୍ଷ୍ୟ ଧାର୍ଯ୍ୟ କଲା ଏବଂ ବଲ୍‌ଟିକୁ ଯଥେଷ୍ଟ ଶକ୍ତିର ସହ ଗୋଇଠା ମାରିଲା ।

ଏହା ଗୋଟିଏ ଗୋଲ୍ !

''ତୁ ଏହା କରିପାରିଛୁ !''

''ଏହା ଗୋଟାଏ ଚମକପ୍ରଦ ଗୋଲ୍ !''

''ଆମେ ଜିତିଗଲୁ ! ଆମେ ଜିତିଗଲୁ !'' ତା'ର ଟିମ୍ ଚିତ୍କାର କରିବାକୁ ଆରମ୍ଭ କରିଦେଲେ ଏବଂ ସମସ୍ତେ ତା' ଦିଗରେ ଦ୍ରୁତ ଭାବରେ ମାଡ଼ି ଆସିଲେ ତାକୁ ବିଜୟସୂଚକ ହାଇ-ଫାଇବସ୍ (high-fives) ଦେବା ପାଇଁ । ହଠାତ୍ ସେ ଆବିଷ୍କାର କଲା ସେମାନେ ତାକୁ କାନ୍ଧ ଉପରକୁ ଉଠାଇ



ନେଇଛନ୍ତି ଏବଂ ଆବୃତ୍ତି କରି ଚାଲିଛନ୍ତି, ''କରଣ ! କରଣ ! କରଣ !''

'ନ ପାରିବା'କୁ 'ପାରିବା' ଆଖି ମାରି ଇସାରା ଦେଇ ହସିଦେଲା; କିନ୍ତୁ 'ନ ପାରିବା' ରାଗିଯାଇ ଅନ୍ୟ ଦିଗକୁ ଚାହିଁଲା । 'ଇଚ୍ଛାଶକ୍ତି' ଚାଲି ଯାଉଥିଲା ବେଳେ 'ପାରିବା'କୁ ବିଜୟସୂଚକ ହାଇ-ଫାଇବସ୍ (high-fives) ଦେଲା ।

'ତୁମକୁ ଧନ୍ୟବାଦ' – 'ପାରିବା' 'ଇଚ୍ଛାଶକ୍ତି'କୁ ବଧେଇ ଜଣାଇ କହିଲା ।

'ପାରିବା' ଜାଣିଥିଲା ଏହି ବିଜୟ ସ୍ୱତନ୍ତ୍ର କିଛି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଆରମ୍ଭ ମାତ୍ର ।

ସେଦିନ ରାତ୍ରିରେ କରଣ ନିଜକୁ ନେଇ ବେଶ୍ ଖୁସୀ ଥିଲା ଏବଂ ତା'ର ବାପାଙ୍କୁ 'ଗୋଲ୍' ବିଷୟରେ ମଧ୍ୟ କହିଲା । ତା'ର ବାପା ତା' ପିଠି ଥାପୁଡ଼ାଇ ଦେଇ କହିଲେ, ''ବହୁତ ଭଲ କରିଛୁ ! ମୁଁ ତୋ ପାଇଁ ଖୁବ୍ ଗର୍ବିତ । ପ୍ରୟାସ କଲେ କ'ଣ ହୋଇପାରେ ତୁ ବୁଝି ପାରିଲୁ ତ ! ତୁ ଯଦି ଜମା ଚେଷ୍ଟା ନ କରିବୁ, କେମିତି ଜାଣିବୁ ଯେ ତୁ ସଫଳତା ହାସଲ କରି ପାରିବୁ କି ନାହିଁ ?''

''ମୁଁ ଯଦି ହାରି ଯାଇଥା'ନ୍ତି ? ଯାହାକି ମୋ କ୍ଷେତ୍ରରେ ଅନେକ ସମୟରେ ଘଟିଥାଏ ।'' – କରଣ ପଚାରିଲା ।

''ତୁ ପୁଣି ନିଜକୁ ପ୍ରସ୍ତୁତ କରିଥା'ନ୍ତୁ ଓ ଆଉ ଥରେ ଚେଷ୍ଟା କରିଥା'ନ୍ତୁ ।''– କରଣର ବାପା କହିଲେ ।

''କିନ୍ତୁ – ଯଦି ଜଣେ ବାରଂବାର ହାରି ଯାଉଥାଏ ।'' – କରଣ ଜୋର୍ ଦେଇ କହିଲା ।

''ଏହା ତ ବହୁତ ସହଜ କଥା । ତୁମକୁ ବାରଂବାର ପ୍ରୟାସ କରିବାକୁ ପଡ଼ିବ,'' ବାପା ତା'ର କହିଲେ ।

''କିନ୍ତୁ କେତେ ଦିନ ଧରି ?'' – କରଣ ପଚାରିଲା ।

''ହୋଇପାରେ, ଜଣେ ଏପରିକି ଦଶ ହଜାର ଥର ଚେଷ୍ଟା କରିପାରେ ।'' – ବାପା ନିଜର ମତାମତ ଦେଲେ ।

ଥମାସ୍ ଅଲ୍ଭା ଏଡ଼ିସନ୍‌ଙ୍କ କଥା ମନେ ପକାଇ କରଣ ହସିଦେଲା ।

''କ'ଣ ହେବ, ଯଦି ଅନ୍ୟମାନେ ଭାବୁଥିବେ ଯେ ତୁମେ ଚେଷ୍ଟା କରୁ ନାହଁ ବୋଲି ?'' ନିଜର ଅସ୍ୱାଭାବିକ ଅଳସୁଆମିରୁ ମୁକ୍ତ ହେବାକୁ ଅନିଚ୍ଛୁକ କରଣ ପ୍ରଶ୍ନ କଲା ।

''ସେଥିରେ କ'ଣ ଫରକ ପଡ଼ିବ ?'' – ବାପା କହିଲେ ।

''ହଁ, ଯେତେବେଳ ଲୋକମାନେ ଭାବୁଥିବେ ତୁମେ ଯଥେଷ୍ଟ ଚେଷ୍ଟା କରୁ ନାହଁ, ଆଉ ତୁମେ ପ୍ରକୃତରେ ଚେଷ୍ଟା କରି ଚାଲିଥିବ, ସେତେବେଳେ ତୁମର ମନେ ହେବ କାମଟି ଛାଡ଼ି ଦେବା ଠିକ୍ ହେବ ବୋଧେ,'' – କରଣ ତର୍କ କଲା ।

''ସେମିତି କାହିଁକି ହେବ ?'' ତା'ର ବାପା କଥାଟା ଠିକ୍ ଭାବରେ ବୁଝି ନପାରି ପ୍ରଶ୍ନ କଲେ ।

''କାରଣ...'' କରଣ କଥାଟା ଆରମ୍ଭ କରି କ'ଣ କହିବାକୁ ଚାହୁଁଛି ଭାବି ନପାରି ଚୁପ୍ ରହିଲା ।

''ମାନେ ? କାରଣ ଏହାର କିଛି ଅର୍ଥ ହୁଏ ନାହିଁ । ତୁ କ'ଣ ଅନ୍ୟମାନଙ୍କ ପାଇଁ ପ୍ରୟାସ କରୁଛୁ ?'' ତା'ର ବାପା କହି ଚାଲିଲେ ।

''ନା,'' କରଣ ଉତ୍ତର ଦେଲା ।

– ''ଠିକ୍ ! ତୁ ନିଜ ପାଇଁ ଶ୍ରମ କରୁଛୁ । ଗୋଟିଏ କାମରେ ଲାଗି ରହିବା ପାଇଁ ଏହି କାରଣ କ'ଣ ଯଥେଷ୍ଟ ନୁହେଁ ? ତୁ ନିଜକୁ ଗୋଟିଏ ଭଲ ମଣିଷ କରିବାକୁ ଚେଷ୍ଟା

କରୁଛୁ, ଅଧିକ ଶିଖିବା ପାଇଁ, ନିଜ ଦକ୍ଷତାର ମାନ ବୃଦ୍ଧି ପାଇଁ ପ୍ରୟାସ କରୁଛୁ । ଯଦି ରଘୁ ଅଥବା ତୋର ଶିକ୍ଷୟିତ୍ରୀ ଶ୍ରୀମତୀ ଛାୟା ଏକଥା ବିଶ୍ୱାସ ନ କରନ୍ତି, ସେଥିରେ ବ୍ୟସ୍ତ ବିବ୍ରତ ହେବାର କ'ଣ ଅଛି ?

କରଣ ସମ୍ମତିସୂଚକ ମଥା ହଲାଇଲା ।

''ଏଥର କାମଟି ଛାଡ଼ି ନ ଦେବା ପାଇଁ ତୋତେ କ'ଣ ସାହାଯ୍ୟ କରିଥିଲା ?'' ଟିକିଏ ଅଧିକ ଅନିସନ୍ଧିତ୍ସୁ ଭାବ ନେଇ ବାପା ତା'ର ପ୍ରଶ୍ନ କଲେ ।

କରଣ ଭ୍ରୂ-କୁଞ୍ଚିତ କରି ଚିନ୍ତା କରିବାକୁ ଲାଗିଲା ଖେଳର ସେ ମୁହୂର୍ତ୍ତ କଥା, ଯେତେବେଳେ ସେ ନିର୍ଣ୍ଣୟ ନେଲା ଯେ ସେ ଚେଷ୍ଟା କରିବ ।

''ମୁଁ ଦୁଇଟି ସ୍ୱର ଶୁଣିବାକୁ ପାଉଥିଲି । ଗୋଟିଏ ମୋତେ ଚେଷ୍ଟା କରିବା ପାଇଁ ଉତ୍ସାହିତ କରୁଥିଲା ଓ ଅନ୍ୟଟି ମୋତେ କହୁଥିଲା ତୁ କେବେ ବି କୃତକାର୍ଯ୍ୟ ହେବୁନି ।''

''ଏବଂ ଗୋଟିଏ ସେକେଣ୍ଡରୁ ବି କମ୍ ସମୟ ଭିତରେ ତୁ ନିଜର ସାମର୍ଥ୍ୟକୁ ପରଖି ନେବାକୁ ସିଦ୍ଧାନ୍ତ ନେଲୁ ?'' – ତା'ର ବାପା ପଚାରିଲେ ।

''ହଁ, ତୁମେ କିପରି ଜାଣିଲ ? ଅଦ୍ଭୁତ ଭାବରେ ସେଇ ଅଳ୍ପ ସମୟ ଭିତରେ ମୁଁ ଚେଷ୍ଟା କରିବା ପାଇଁ ସ୍ଥିର କରି ନେଲି; ମୋର ସମଗ୍ର ଶରୀର ଶକ୍ତିରେ ଭରି ଯାଇଥିଲା !'' ଉତ୍ତେଜିତ ଭାବେ ଉଚ୍ଚ କଣ୍ଠରେ କହିଉଠିଲା କରଣ ।

ତା'ର ବାପା ସ୍ମିତହାସ୍ୟ ସହ କହିଲେ, ''ଏହା ହିଁ ଅନ୍ତର୍ନିହିତ ହୋଇ ରହିଥିବା 'ପାରିବା'ର ଶକ୍ତି ତୋ ଦ୍ୱାରା କରିଦେଲା । ଏହା ଭିତରେ ବିପୁଳ ଶକ୍ତି ଭରିଦିଏ । ଏହା ଲାଗି ରହିବା ପାଇଁ ଇଚ୍ଛାଶକ୍ତି ଆଣି ଦିଏ ଏବଂ ମନୋବଳ ଆଣିଦିଏ – ଜୟ ହେଉ ବା ପରାଜୟ ହେଉ । ସବୁ କ୍ଷେତ୍ରରେ, ଏହା ତୋର ସର୍ବୋତ୍ତମ ପ୍ରୟାସ ଜାରି ରଖିବା ପାଇଁ ଶକ୍ତି ଯୋଗାଏ ।''

'ପାରିବା' ସେଠାରେ ଉପସ୍ଥିତ ଥାଇ ପିତା ଓ ପୁତ୍ରଙ୍କର ଆଳାପ ଶୁଣିଥିଲା, 'ଇଚ୍ଛାଶକ୍ତି' ସେଠାରେ ଆସି ପହଞ୍ଚି ଗଲା ।

''ଆମେ ଏହା ସମ୍ଭବ କରି ପାରିଲେ ।'' ଇଚ୍ଛାଶକ୍ତି କହିଲା ।

''ହଁ, ଆମେ କରି ପାରିଲେ । ଆମେ କରଣ ଭିତରେ ସେ କରି ପାରିବାର ବିଶ୍ୱାସ ଆଣି ଦେବାରେ ସାହାଯ୍ୟ କଲେ !



ବର୍ତ୍ତମାନ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ, ଯେମିତିକି ସେ ସବୁବେଳେ ଆମର ସୁରକ୍ଷାର ବଳୟ ଭିତରେ ରହେ,'' 'ପାରିବା' କହିଲା ।

'ନ ପାରିବା' ସେ ଅଞ୍ଚଳରେ କେଉଁଠି ହେଲେ ଦୃଷ୍ଟିଗୋଚର ହେଉ ନଥିଲା । ସେ ପୂରାପୂରି ଅସନ୍ତୁଷ୍ଟ ଥିଲା ଏବଂ ନୂଆ କିଛି ଶିକାର ସନ୍ଧାନରେ ଥିଲା, ଯାହାକୁ ସେ ନିରୁତ୍ସାହିତ କରିପାରିବ ।

ସେ କ'ଣ ଏବେ ବି ତୁମ କାନରେ ଫୁସ୍ ଫୁସ୍ ଶବ୍ଦ କରି କିଛି କୁ-ମନ୍ତ୍ରଣା ଦେଉଛି କି ? ନା, ଏହା କେବେ ବି ସମ୍ଭବ ନୁହେଁ, କାରଣ ତୁମେମାନେ ସବୁ 'ପାରିବା'ର ଶିବିର ଅନ୍ତର୍ଭୁକ୍ତ, ନୁହେଁ କି ?

('Walk the Luminous Path' ରୁ ସଂଗୃହୀତ ।
© Navavihan and Meera Guthi,
ପ୍ରାପ୍ତିସ୍ଥାନ – VAK)

ଅନୁବାଦ ଓ ଉପସ୍ଥାପନା : ଜୟନ୍ତୀ

❑❑❑

**ଅମର କଥା :**

# ଏକ ସନ୍ଧାନର ଇତିବୃତ୍ତ

## ନିର୍ଭୟ ରଞ୍ଜନ ପାଢ଼ୀ

ଚନ୍ଦ୍ରାଲୋକିତ ରାତ୍ରି । ପ୍ରାସାଦର ବାତାୟନ ପାର୍ଶ୍ୱରେ ଏକାନ୍ତ ପଦଚାରଣା କରୁ କରୁ ଏକ ସ୍ନିଗ୍ଧ ଆତ୍ମତୃପ୍ତି ଅନୁଭବ କରୁଥିଲେ ରାଜା ଜନଶ୍ରୁତି । ତୃପ୍ତି – ନିଜ କର୍ତ୍ତବ୍ୟ ସମ୍ପାଦନା-ଜନିତ, ନିଜ ପ୍ରଜାବର୍ଗଙ୍କୁ ଆନନ୍ଦପ୍ରଦାନ-ଜନିତ, – ସେ ତୃପ୍ତି ପୁଣି ଥିଲା ସେ ପାଇଥିବା ବହୁ ସଂଖ୍ୟକ ପ୍ରଶଂସାପତ୍ର-ଜନିତ । ତାଙ୍କ ରାଜ୍ୟରେ କେହି ପ୍ରଜା ଖାଦ୍ୟଜନିତ ଅଭାବ ଓ ତତ୍ ସମ୍ବନ୍ଧୀୟ କୌଣସି ଅସୁବିଧା ଅନୁଭବ ନ କରନ୍ତୁ – ସେଥିପାଇଁ ଯେତେ ବନ୍ଦୋବସ୍ତ ସମ୍ଭବ, ସେଥିରେ ଯେପରି ଊଣା ନ ହୁଏ ସେଥିପ୍ରତି ବେଶ୍ ତତ୍ପର ଥିଲେ ସେ ବଦାନ୍ୟ ଓ ପରୋପକାରୀ ରାଜା । ପଥିକ ଓ ତୀର୍ଥଯାତ୍ରୀମାନଙ୍କ ପାଇଁ ନିର୍ମାଣ କରାଇ ଥିଲେ ଯଥେଷ୍ଟ ପରିମାଣରେ ସୁବ୍ୟବସ୍ଥିତ ଧର୍ମଶାଳାମାନ । ଜଣେ ରାଜାଙ୍କ ପାଇଁ ଏ ଧରଣର ପ୍ରଚେଷ୍ଟା ଓ ତଦ୍‌ଜନିତ ସଫଳତା ଆତ୍ମତୃପ୍ତି ଆଣି ଦେବା ସ୍ୱାଭାବିକ ।

ଅନ୍ୟମନସ୍କ ଭାବେ ରାତ୍ରିର ସେ ଶାନ୍ତ ଆକାଶ ପ୍ରତି ଦୃଷ୍ଟି ବୁଲାଇ ଆଣୁ ଆଣୁ କିଛି ଶୁଭ୍ର ରଙ୍ଗର ହଂସ ଏକ ବିଶେଷ ଧରଣର ଆକୃତି ବିଶିଷ୍ଟ ବ୍ୟୂହ ରଚନା କରି ତାଙ୍କ ଉପରେ ଉଡ଼ି ଯାଉଥିବା ଦେଖି ପାରିଲେ ରାଜା । କିନ୍ତୁ ସେ ସାମୟିକ ଆମୋଦଠାରୁ ଯାହା ତାଙ୍କୁ ଅଧିକ କୌତୂହଳୀ କଲା ତାହା ହେଉଛି ସେ ଶୁଣି ପାରିଲେ ତନ୍ମଧ୍ୟରୁ ଦୁଇଟି ହଂସଙ୍କର କଥୋପକଥନ । କହିବା ବାହୁଲ୍ୟ, ରାଜା ପକ୍ଷୀମାନଙ୍କର ଭାଷା ବୁଝି ପାରିଲା ଭଳି ରହସ୍ୟମୟ କ୍ଷମତାର ଅଧିକାରୀ ଥିଲେ ।

''ଆମେ ଉଡ଼ି ଯାଉଥିବା ଏ ସ୍ଥାନ, ମହାନ୍ ରାଜା ଜନଶ୍ରୁତିଙ୍କର ପ୍ରାସାଦର ସ୍ଥାନ । ସେଭଳି ତେଜୀୟାନ୍ ଓ ପୁଣ୍ୟାତ୍ମା ରାଜା ମୁଁ ଅଦ୍ୟାବଧି ଦେଖି ନାହିଁ ।'' ପ୍ରଥମ ହଂସ ଦ୍ୱିତୀୟ ହଂସକୁ ସେମାନଙ୍କର ସେ ସାମୟିକ ଉପସ୍ଥିତି ସମ୍ପର୍କରେ ସଚେତ କରାଇ ଦେଲେ ।

''ନିଃସନ୍ଦେହରେ ରାଜା ପୁଣ୍ୟାତ୍ମା । ମାତ୍ର ଯେଉଁ ଧରଣର ବିଭୂତି ଓ ତେଜ ମୁଁ ମହାତ୍ମା ରୈକ୍ୱଙ୍କ ନିକଟରେ ଅନୁଭବ କରିଛି ତାହା ଏହି ମହାନ୍ ରାଜାଙ୍କ ତୁଳନାରେ ବହୁ ପରିମାଣରେ ଅଧିକ ।'' ନମ୍ର ପ୍ରତିବେଦନ କଲା ଦ୍ୱିତୀୟ ହଂସ । ଦୂର ଅନ୍ଧକାର ମଧ୍ୟରେ ଅଦୃଶ୍ୟ ହୋଇଗଲେ ସେ ହଂସଗୋଷ୍ଠୀ । ହଂସ ରୂପ ଧାରଣ କରି ତାଙ୍କ ନିକଟରେ କଥା କହି କହି ଉଡ଼ି ଯାଇଥିବା ସେ ହଂସଦ୍ୱୟ ଯେ ଏକ ବିଶେଷ ଧରଣର ଆଲୋକିତ ଆତ୍ମା – ଏକଥା ବୁଝିବା ପାଇଁ ସମ୍ବେଦନଶୀଳ ରାଜାଙ୍କୁ ଅଧିକ ସମୟ ଲାଗିଲା ନାହିଁ ।

ପ୍ରାଚୀନ ଭାରତର ଅନେକ ରାଜାଙ୍କ ପାଇଁ କ୍ଷମତା ଉପଭୋଗର ଏକ ମାଧ୍ୟମ ନୁହେଁ, ଥିଲା ଏକ ଦାୟିତ୍ୱ; ନିଜକୁ ଅଧିକରୁ ଅଧିକ ଯୋଗ୍ୟ କରିବା ପାଇଁ ଥିଲା ଏକ ସୁଯୋଗ । ରାଜା ଜନଶ୍ରୁତି ସେହି ପର୍ଯ୍ୟାୟର ସେ ଗୌରବମୟ ରାଜାମାନଙ୍କ ମଧ୍ୟରୁ ଥିଲେ ଅନ୍ୟତମ । ହଂସଦ୍ୱୟଙ୍କର ସେ ସଂକ୍ଷିପ୍ତ ଓ ସୂକ୍ଷ୍ମ ଇଙ୍ଗିତର ମର୍ମ ବୁଝି ପାରିଲା ଭଳି ଆତ୍ମ-ପ୍ରସ୍ତୁତିର ଅଧିକାରୀ ଥିଲେ ସେ ଭାଗ୍ୟବାନ୍ ରାଜା ।

''ତାଙ୍କ ରାଜ୍ୟରେ ତାଙ୍କଠାରୁ ଜଣେ ଅଧିକ ବିଭୂତିସମ୍ପନ୍ନ ବ୍ୟକ୍ତି ଅଛନ୍ତି ଅଥଚ ସେ ବିଷୟରେ ସେ ଅଜ୍ଞ ।'' ରାତ୍ରିର ସେ ଦୂର ଦିଗ୍‌ବଳୟ ପ୍ରତି ଦୃଷ୍ଟି ନିବଦ୍ଧ କରି ରାଜା ଅସ୍ୱସ୍ତି ଅନୁଭବ କଲେ । ସେ ରାତ୍ରି, ସେପର୍ଯ୍ୟନ୍ତ ନିଜକୁ ଖୁବ୍ ସୁଖୀ ଓ ଭାଗ୍ୟବାନ୍ ଭାବେ ବିବେଚନା କରି ଆସୁଥିବା ରାଜାଙ୍କ ଚେତନାରେ ଘଟାଇଥିଲା ଏକ ଆକସ୍ମିକ ଆଲୋଡ଼ନ । ସୂର୍ଯ୍ୟୋଦୟ ହେବା ଉତ୍ତାରୁ ସେ ସତ୍ୟାକାଂକ୍ଷୀ ରାଜା ନିଜର ଜଣେ ବିଶ୍ୱସ୍ତ ଚାଟୁକାରଙ୍କୁ ଡକାଇ କହିଲେ, ''ଶୁଣ ଚାଟୁକାର, ଆଜି ପର୍ଯ୍ୟନ୍ତ ତୁମ ପ୍ରଦତ୍ତ ସମସ୍ତ ପ୍ରଶଂସାପତ୍ରର ପ୍ରକୃତ ଅଧିକାରୀ ମୁଁ ନୁହେଁ, ମୋ ରାଜ୍ୟରେ ବାସ କରୁଥିବା ମହାତ୍ମା ରୈକ୍ୱଙ୍କର । ଯେତେବେଳେ ଏ ବାତାବରଣରେ ମହାଦ୍ରୁମଟିଏ ଅବସ୍ଥିତ ଅଛି ସେତେବେଳେ ମୋ ଭଳି ଗୁଳ୍ମ ତୁମ ପ୍ରଶଂସା ପତ୍ରସବୁକୁ ହଜମ କରିଯିବ କେଉଁ ନ୍ୟାୟରେ ? ସେଭଳି ବ୍ୟକ୍ତିଙ୍କୁ ଠାବ କରି ନ ପାରିବା ମୋର ସମସ୍ତ ତଥାକଥିତ ଗୌରବ ପ୍ରତି ଏକ ପ୍ରଶ୍ନଚିହ୍ନ ।''

ରାଜାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିବା ସେ ଚାଟୁକାର ବାହାରି ଗଲେ ରୈକ୍ୱଙ୍କ ସନ୍ଧାନରେ । ରାଜ୍ୟର ସମସ୍ତ ପ୍ରମୁଖ ନଗରୀ, ବିଦ୍ୟାନୁଷ୍ଠାନ ଇତ୍ୟାଦିରେ ନିଜର ସମସ୍ତ ସନ୍ଧାନ-କୌଶଳ

ପ୍ରୟୋଗ କରି ନିରାଶରେ ଫେରି ଆସିଲେ ଚାଟୁକାର ମହୋଦୟ ।

''ଶୁଣିଛି, ବ୍ରହ୍ମଜ୍ଞାନୀମାନଙ୍କୁ ସନ୍ଧାନ କରିବା ସହଜ ନୁହେଁ । ସେମାନେ ଅତ୍ୟନ୍ତ ସାଧାରଣ ପରିବେଶରେ ସାଧାରଣ ଜୀବନଟିଏ ଅତିବାହିତ କରୁଥିବା ସମ୍ଭବ ।'' ରାଜାଙ୍କର ଏ ପରୋକ୍ଷ ଇଙ୍ଗିତରେ ଚାଟୁକାର ପୁନଃ ଯାତ୍ରାରମ୍ଭ କଲେ ।

ଅଦୂରବର୍ତ୍ତୀ ନଗରୀର ଅପେକ୍ଷାକୃତ ଏକ କମ୍ ଜନଗହଳିପୂର୍ଣ୍ଣ ପଥର ଏକ ପାର୍ଶ୍ୱରେ ବସି ରହିଥିବା ଏକ ଶକଟ ବାହକଙ୍କ ନିକଟରେ ନିଜ ଥକ୍କା ମେଣ୍ଟାଇବା ମାନସରେ ଅଟକି ଗଲେ କ୍ଳାନ୍ତ ଚାଟୁକାର । କୌତୂହଳୀ ହୋଇ ସେ ଦରିଦ୍ର ପ୍ରତୀୟମାନ ହେଉଥିବା ଶକଟ ବାହକଙ୍କୁ ରୈକ୍ୱଙ୍କ ସମ୍ବନ୍ଧରେ ଜିଜ୍ଞାସା କରନ୍ତେ ବାହକ ଜଣକ ସେ ନିଜେ ରୈକ୍ୱ ବୋଲି ପରିଚୟ ଦେଲେ ।

କାଳବିଳମ୍ବ ନ କରି ରାଜପ୍ରାସାଦ ଫେରି ଆସି ରାଜାଙ୍କୁ ସେ ସୁସମ୍ବାଦ ପ୍ରଦାନ କଲେ ଆନନ୍ଦିତ ଚାଟୁକାର । ପରୋପକାରୀ ରାଜା ରୈକ୍ୱଙ୍କ ଦାରିଦ୍ର୍ୟାବସ୍ଥା ହୃଦୟଙ୍ଗମ କରିପାରି ଛ' ଶହ ଗାଈ, ଏକ ସ୍ୱର୍ଣ୍ଣମାଳା ଏବଂ ଏକ ଦ୍ୱି-ଅଶ୍ୱଚାଳିତ ରଥ ଉପହାରସ୍ୱରୂପ ଘେନିଯାଇ ଉପସ୍ଥିତ ହେଲେ ରୈକ୍ୱଙ୍କ ସମ୍ମୁଖରେ ।

''ହେ ମହାଭାଗ, ଦୟାପୂର୍ବକ ଏ ରାଜାର ଏଇ ଉପହାରତକ ଗ୍ରହଣ କରନ୍ତୁ । ଆପଣ ଯେଉଁ ଐଶ୍ୱର୍ଯ୍ୟର ଅଧିକାରୀ, ଯେଉଁ ଐଶ୍ୱର୍ଯ୍ୟରୁ ଏ ରାଜା ଏଯାବତ୍ ବଞ୍ଚିତ ତାହା ତାଙ୍କୁ ସଦୟ ପ୍ରଦାନ କରନ୍ତୁ ।'' ରାଜା ବିନମ୍ର ହେବାକୁ ଚେଷ୍ଟା କରି ନିଜ ପ୍ରାର୍ଥନା ଜଣାଇଲେ ।

''ଦେଖନ୍ତୁ ମହାରାଜ, ଉପହାରସ୍ୱରୂପ ଆପଣ ଆଣିଥିବା ଏସବୁ ପ୍ରାପ୍ତି ମୋ ନିମନ୍ତେ ଅଲୋଡ଼ା । ମୁଁ ମୋ ସୀମିତ ସମ୍ବଳରେ ସନ୍ତୁଷ୍ଟ ଏବଂ ସେ ଧରଣର ସୀମିତତା ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ । ଆପଣ ରାଜା, ସମଗ୍ର ରାଜ୍ୟର ଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ । ସୁତରାଂ ଆପଣଙ୍କ ନିକଟରେ ରହିଲେ ହିଁ ଏସବୁ ଉପହାରର ଉଚିତ ବିନିଯୋଗ ହୋଇ ପାରିବ ।'' ସ୍ପଷ୍ଟ କଲେ ରୈକ୍ୱ ।

ନିରାଶ ରାଜା ଫେରି ଆସିଲେ । କିନ୍ତୁ ଯେଉଁ ଐଶ୍ୱର୍ଯ୍ୟର ସନ୍ଧାନରେ ସେ ଏଡ଼େ ବ୍ୟଗ୍ର, ତାହା କେବଳ ଏକ ନାସ୍ତିସୂଚକ ପ୍ରତିକ୍ରିୟାରେ ଶାନ୍ତ ହେବାର ପ୍ରଶ୍ନ ନ ଥିଲା । ଏଥର ରାଜା ପୂର୍ବର ସମସ୍ତ ଉପହାର ସମେତ ନିଜ କନ୍ୟାଙ୍କ ସହ ପୁନର୍ବାର ଉପସ୍ଥିତ ହେଲେ ରୈକ୍ୱଙ୍କ ସମ୍ମୁଖରେ । ପିତାଙ୍କ ଭଳି ରାଜକନ୍ୟା ମଧ୍ୟ ବାହ୍ୟ ବିଳାସ ତୁଳନାରେ ଆନ୍ତର ଜୀବନର ପ୍ରାପ୍ତିକୁ ଶ୍ରେୟସ୍କର ମଣୁ ଥିଲେ । ରାଜକନ୍ୟାଙ୍କ ସମେତ ସମସ୍ତ ଉପହାର ଉପରେ ଦୃଷ୍ଟି ବୁଲାଇ ଆଣି ରୈକ୍ୱଙ୍କ ଦୃଷ୍ଟି ସ୍ଥିର ହେଲା ରାଜାଙ୍କ ଉପରେ । ଜ୍ଞାନପ୍ରାପ୍ତି ନିମିତ୍ତ ରାଜାଙ୍କ ଆତୁରତା, ଆନ୍ତରିକତା ଓ ନମ୍ରତାର ସମସ୍ତ ସ୍ପଷ୍ଟ ଆଭାସ ପ୍ରତିଫଳିତ ହେଲା ରୈକ୍ୱଙ୍କ ସମ୍ମୁଖରେ । କିନ୍ତୁ ତାଙ୍କ ଜୀବନରେ ସେସବୁ ଉପହାରର ଆବଶ୍ୟକତା ମଧ୍ୟ ସେ ଅନୁଭବ କରୁ ନ ଥିଲେ ।

''ମହାରାଜ, କିଛି ଜ୍ଞାନପ୍ରାପ୍ତି ପାଇଁ ଆପଣଙ୍କର ଏସବୁ ଉପହାର ଅମୂଲ୍ୟ ହୋଇଥିଲେ ମଧ୍ୟ ମୋ ପାଇଁ ଅଦରକାରୀ । କିନ୍ତୁ ସମୟ ସମୟରେ ମୋର କିଛି ଶୁଭେଚ୍ଛୁ ମୋତେ ଆବଶ୍ୟକ ବେଳେ ସହାୟତା କରି ଆସିଛନ୍ତି । ଆପଣ ଚାହିଁଲେ ଏସବୁ ଉପହାର ସେମାନଙ୍କ ମଧ୍ୟରେ ବିତରଣ କରି ପାରନ୍ତି । ରାଜକନ୍ୟାଙ୍କୁ ଅବଶ୍ୟ ଯୋଗ୍ୟପାତ୍ର ମିଳିଯିବେ ।'' ରୈକ୍ୱ ତାଙ୍କ ଇଚ୍ଛା ବ୍ୟକ୍ତ କଲେ ।

ଅବଶେଷରେ ପ୍ରାରମ୍ଭ ହୋଇଥିଲା ରାଜାଙ୍କ ଉଦ୍ଦେଶ୍ୟରେ ରୈକ୍ୱଙ୍କ ଦିଗ୍‌ଦର୍ଶନ । ସେ ଦିଗ୍‌ଦର୍ଶନର ପରିସୀମା ଥିଲା ସୁଦୀର୍ଘ । ଏ ସମଗ୍ର ସୃଷ୍ଟିରେ ଦିବ୍ୟଶକ୍ତିଙ୍କ ଉପସ୍ଥିତି କିଭଳି ଛତ୍ରେ ଛତ୍ରେ ବିଦ୍ୟମାନ, ଅଜ୍ଞାନତାର ଆବରଣ କିପରି ସେ ବିପୁଳ ଅନୁଭୂତିକୁ ଘୋଡ଼ାଇ ରଖିଥାଏ, ମନୁଷ୍ୟ ଜୀବନର ଜଟିଳତା ଏବଂ ସେଥିରୁ ନିଷ୍କୃତିର ଉପାୟ – ଏସବୁ ଥିଲା ସେ ବାର୍ତ୍ତାଳାପ ପରିସର ଅନ୍ତର୍ଭୁକ୍ତ । ସାଙ୍କେତିକ କିନ୍ତୁ ଦୀର୍ଘ ସେ ଦିଗ୍‌ଦର୍ଶନର କିଛି ଝଲକ ଏହିପରି –

''ଜ୍ଞାନପ୍ରାପ୍ତିର ପ୍ରଥମ ଓ ପ୍ରମୁଖ ସର୍ତ୍ତ – କ୍ରମାଗତ ନିଜର ଜ୍ଞାନତୃଷ୍ଣାକୁ ଦେଦୀପ୍ୟମାନ କରି ରଖିବା । ପରିସ୍ଥିତି ନିର୍ବିଶେଷରେ ଜିଜ୍ଞାସୁ ଯଦି ନିଜ ତୃଷ୍ଣାକୁ ପ୍ରଜ୍ୱଳିତ କରି ରଖିପାରେ, ତା' ଅନ୍ତରାତ୍ମା ଭିନ୍ନ ଭିନ୍ନ ମାଧ୍ୟମରେ ସେ ଦିଗରେ ତା'ର ସହାୟତା କରି ଚାଲିଥାଏ । ମହତ୍ ଲକ୍ଷ୍ୟ ପ୍ରତି ଜଣେ ନିଜର ସମଗ୍ର ଅସ୍ତିତ୍ୱକୁ ଅବିଚଳ ଓ ସ୍ଥିର କରି ରଖି ପାରିଲେ ବାକିସବୁ ଆବଶ୍ୟକୀୟ ସୁଯୋଗ ଆପଣାଛାଏଁ ତା' ଜୀବନରେ ଉନ୍ମୋଚିତ ହୋଇ ଚାଲିଥାଏ ।

''ଏକ ପ୍ରଚ୍ଛନ୍ନ ବିଶ୍ୱବ୍ୟାପ୍ତ ମହାଶକ୍ତି ଏ ସମଗ୍ର ଦୃଶ୍ୟମାନ ଜଗତର ଅନ୍ତରାଳରେ କ୍ରମାଗତ କ୍ରିୟାଶୀଳ । ଅତ୍ୟନ୍ତ ପ୍ରାଣୋଚ୍ଛଳ ଓ ପ୍ରଚଣ୍ଡ ଶକ୍ତିଶାଳୀ ସେ କ୍ରିୟାଶୀଳତା କେବେ ଧୀର, କେବେ କ୍ଷିପ୍ର, କେବେ ସଳଖ, କେବେ ବକ୍ର ପ୍ରତୀୟମାନ

ହେଉଥିବା ସତ୍ତ୍ୱେ ସେ ଗତିର ଏକ ନିଜସ୍ୱ ଛନ୍ଦ ରହିଛି । କେବେ କେବେ ଏକ ନିର୍ଦ୍ଦିଷ୍ଟ ନିୟମରେ ବନ୍ଧା ହୋଇଥିବା ତଥା ପ୍ରତୀୟମାନ ହେଉଥିବା ଏ ସୃଷ୍ଟିର ନିୟମ କୌଣସି ବିଶେଷ ପରିସ୍ଥିତିରେ ତା' ନିଜ ଅନୁସରିତ ନିୟମର ବହିର୍ଭୂତ ଏକ ପଦକ୍ଷେପ ମଧ୍ୟ ନେଇପାରେ ।

''କେଉଁ ଆବହମାନ କାଳରୁ ଅହର୍ନିଶ ଗତିଶୀଳ ଏ ବିଶ୍ୱ ଜଗତରେ କୌଣସି ଦୃଶ୍ୟମାନ ଅବସ୍ଥିତି ଚିରସ୍ଥାୟୀ ନୁହେଁ, ସତ୍ୟ । କିନ୍ତୁ ଏହି ପରିବ୍ୟାପ୍ତ ନଶ୍ୱରତାର ପୃଷ୍ଠଭାଗରେ ହିଁ ଲୁଚି ରହିଛି ସେହି ଶାଶ୍ୱତ ମହାଶକ୍ତିଙ୍କ ସଂଗୁପ୍ତ ପରିଚୟ । ଆପାତ ଦୃଷ୍ଟିରୁ ନଶ୍ୱର ପ୍ରତୀୟମାନ ହେଉଥିବା ଏ ସମଗ୍ର ଜୀବନ ପ୍ରକ୍ରିୟାର ଗତି କିନ୍ତୁ ଲକ୍ଷ୍ୟହୀନ ନୁହେଁ; ବହୁ ଅଙ୍କାବଙ୍କା ପଥ ଜରିଆରେ ସେ ତା'ର ଗତି ଅବ୍ୟାହତ ରଖିଛି – ଏକ ବିଶେଷ ଲକ୍ଷ୍ୟ ପ୍ରାପ୍ତି ଦିଗରେ ।

''ଆନ୍ତର ଜୀବନର ଅନୁଭବ ବିନା ବହିର୍ଜୀବନର ଅବସ୍ଥିତି ଅର୍ଥହୀନ ପ୍ରାୟ । ଅଧ୍ୟାତ୍ମ ମାର୍ଗର ବ୍ୟକ୍ତି ଏପରି କୌଣସି କାର୍ଯ୍ୟ କରେ ନାହିଁ ଯାହାର ପୃଷ୍ଠ ଭାଗରେ ତା' ଆନ୍ତର ଜୀବନର ସ୍ୱୀକୃତି ନ ଥିବ ।''

ଅବଶେଷରେ ରୈକ୍ୱ ଆତ୍ମାର ଗୁଣଧର୍ମ ସମ୍ପର୍କରେ ରାଜାଙ୍କୁ ସବିଶେଷ ଅବଗତ କରାଇ ଥିଲେ । ଜଣାଇଥିଲେ, ବିଶାଳ ବିବିଧତାରେ ଭରପୂର ବ୍ରହ୍ମଙ୍କର ସେ ରହସ୍ୟମୟ ଅସ୍ତିତ୍ୱକୁ ହୃଦୟଙ୍ଗମ କରି ପାରିଲେ ସେ ଅନୁଭୂତି କିପରି ଆସକ୍ତି ଓ ଅନାସକ୍ତିର ଊର୍ଦ୍ଧ୍ୱକୁ ଯାଇ ଜୀବନ ପାଇଁ ଏକ ନୂତନ ମୂଲ୍ୟବୋଧ ପ୍ରସ୍ତୁତ କରିପାରେ ।

ରୈକ୍ୱଙ୍କଠାରୁ ଏ ବିପୁଳ ଦିଗ୍‌ଦର୍ଶନ ପ୍ରାପ୍ତ କରି ରାଜା ତାଙ୍କଠାରୁ ସକୃତଜ୍ଞ ବିଦାୟ ନେଲେ ।

ରାଜା ଭାବେ ସେ ତାଙ୍କ ପ୍ରଜାଙ୍କର ସୁଖ ସମୃଦ୍ଧି କାମନା କରୁଛନ୍ତି, ଠିକ୍ । କିନ୍ତୁ ତଦ୍‌ଜନିତ ଆତ୍ମତୃପ୍ତି ଓ ପ୍ରଶଂସା ପ୍ରାପ୍ତି ପ୍ରତି କେତେ ଦୂର ସେ ନିରାସକ୍ତ ? ସେ ଆତ୍ମତୃପ୍ତିର ଊର୍ଦ୍ଧ୍ୱରେ ଆତ୍ମାର ଉପଲବ୍ଧି ନିମିତ୍ତ ତାଙ୍କ ଆନ୍ତର ଜୀବନର ଦାୟିତ୍ୱ ପ୍ରତି ସେ କେତେ ଦୂର ସଚେଷ୍ଟ ? ଯେଉଁ ସୀମିତ ଜ୍ଞାନ ଓ ଉପଲବ୍ଧିକୁ ନେଇ ସେ ସନ୍ତୁଷ୍ଟ, ତାହା କେତେ ଦୂର ବାସ୍ତବ ସନ୍ତୁଷ୍ଟିର କାରଣ ହୋଇପାରେ ? ରାଜ ପ୍ରାସାଦରେ ମନ୍ଥର ଗତିରେ ପ୍ରବେଶ କରୁ କରୁ ରାଜାଙ୍କୁ ସେଦିନ ଆନ୍ଦୋଳିତ କରୁଥିଲା ଏ ଧରଣର କିଛି ପ୍ରଶ୍ନ ।

ରାଜା ଜନଶ୍ରୁତିଙ୍କର ଜୀବନ-ଜିଜ୍ଞାସା ଓ ରୈକ୍ୱଙ୍କର ଦିଗ୍‌ଦର୍ଶନର ଏ ଅମର କଥା ଛାନ୍ଦୋଗ୍ୟ ଉପନିଷଦ୍‌ର କାଳଜୟୀ ଅବଦାନମାନଙ୍କ ମଧ୍ୟରୁ ଅନ୍ୟତମ ।

❑❑❑

ଏକ ଅନ୍ଧକାର ରାତ୍ରିରେ ଯୁବକଟିଏ ଜଣେ ସାଧୁଙ୍କ କୁଟୀରରେ ପ୍ରବେଶ କରି ତାଙ୍କୁ କହିଲା – ''ମୁଁ ଆପଣଙ୍କ ଶିଷ୍ୟ ହେବାକୁ ଚାହେଁ ।'' ସାଧୁ ଉତ୍ତର ଦେଲେ : ''ତୁମକୁ ସ୍ୱାଗତ ! ପରମାତ୍ମାଙ୍କ ଦ୍ୱାର ସମସ୍ତଙ୍କ ପାଇଁ ସର୍ବଦା ଉନ୍ମୁକ୍ତ ।'' ଯୁବକ ଟିକିଏ ସଙ୍କୋଚର ସହ କହିଲା : ''କିନ୍ତୁ ମୋ ଭିତରେ ବହୁତ ତ୍ରୁଟି ରହିଛି । ମୁଁ ଜଣେ ପାପୀ ।'' ସାଧୁ କହିଲେ : ''ପରମାତ୍ମା ତୁମକୁ ସ୍ୱୀକାର କରିଛନ୍ତି ଯେତେବେଳେ, ମୁଁ କିଏ ଅସ୍ୱୀକାର କରିବାକୁ ? ତୁମର ସବୁ ପାପ ସହ ତୁମକୁ ମୁଁ ସ୍ୱୀକାର କରୁଛି । କିନ୍ତୁ ମୋର ଗୋଟିଏ କଥା ତୁମକୁ ମାନିବାକୁ ହେବ । ତୁମେ ଯାହା ବି କରିବ ସବୁବେଳେ ମୋର ଉପସ୍ଥିତିକୁ ଧ୍ୟାନରଖି କରିବ ।''

ଗୁରୁଙ୍କ କଥାକୁ ଶିରୋଧାର୍ଯ୍ୟ କରି ଯୁବକ ଘରକୁ ଫେରିଲା । କିଛିଦିନ ପରେ ସେ ଯେତେବେଳେ ପୁଣି ଗୁରୁଙ୍କୁ ଭେଟିଲା, ଗୁରୁ ପଚାରିଲେ – ''ତୁମର ସେହି ପାପଗୁଡ଼ିକର ଖବର କ'ଣ ?'' ଯୁବକଟି ହସି କହିଲା : ''ମୁଁ ପାପର ପ୍ରରୋଚନାରେ ଯେତେବେଳେ ପଡ଼େ, ସେତେବେଳେ ଆପଣଙ୍କ ଆଖି ମୋର ସମ୍ମୁଖକୁ ଆସି ଦେଖାଦିଏ । ଆପଣଙ୍କ ଉପସ୍ଥିତିକୁ ଅନୁଭବ କରି ମୁଁ ଜାଗ୍ରତ୍ ହୋଇଯାଏ । ଜାଗ୍ରତ୍ ଅବସ୍ଥାରେ ତ ଖାଲରେ ପଡ଼ିବା ଅସମ୍ଭବ ।''

ଅଚେତନା ହିଁ ପାପ । ଅଚେତନା ହିଁ ମୃତ୍ୟୁ ।

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୫)

## ଗୟାଧର ଦାଶ

### ଜନ୍ମ ପରବର୍ତ୍ତୀ ଶିକ୍ଷା

ଶିଶୁଟି ଜନ୍ମ ହେବାର ପରେ ପରେ ତା'ର ଲାଳନ-ପାଳନର ଦାୟିତ୍ୱ ଅବଶ୍ୟ ମାତାପିତାଙ୍କ ଉପରେ ପଡ଼ିଥାଏ ଏବଂ ପ୍ରତ୍ୟେକ ମାତାପିତା ସେଥିରେ ଅବହେଳା ନ କରି ଶିଶୁଟିର ଆଗ୍ରହ ଓ ବୟସକୁ ଦୃଷ୍ଟିରେ ରଖି ତା'ର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ଉଚିତ । ଏହି ବିଷୟରେ ଶ୍ରୀମା ଯାହା କହିଛନ୍ତି ତାହା ଆମ ସମସ୍ତଙ୍କର ପ୍ରଣିଧାନ ଯୋଗ୍ୟ ।

''ସାତବର୍ଷ ହେବା ପୂର୍ବରୁ ପିଲାମାନେ ପ୍ରାୟ ଅଦ୍ଭୁତ ପ୍ରକାରେ ପ୍ରତିଭାଶାଳୀ ହୋଇ ରହିଥା'ନ୍ତି । ଏହି ପ୍ରତିଭା ସର୍ବତ୍ର ସବୁବେଳେ ହିଁ ରହିଥାଏ । ମାତ୍ର ସାଧାରଣତଃ ପିଲା ନିଜ ବିଷୟରେ ସଚେତନ ନଥାଏ ଏବଂ କାହିଁକି ଓ କିପରି କାର୍ଯ୍ୟ କରିବାକୁ ହେବ ସେକଥା ସେ ଜାଣି ନଥାଏ । ସେତିକିବେଳେ ତା'ର ମନୋଯୋଗ ଶକ୍ତିର କର୍ଷଣ କରାଇବାକୁ ହୁଏ, ତାକୁ ଏପରି ଏକ ଭିତ୍ତି ଯୋଗାଇ ଦେବାକୁ ହୁଏ ଯେପରି ସେ ପୂରା ଗୋଟିଏ ଛୋଟ ପଶୁ ଭଳି ହେବାକୁ କୌଣସି ପ୍ରଶ୍ରୟ ନ ପାଇବ; ମାତ୍ର ସେ ଯେପରି ଏକ ମୌଳିକ ବୁଦ୍ଧିଗତ ବିକାଶ ସାଧନ ଦ୍ୱାରା ସମଗ୍ର ମାନବଜାତି ସହ ମଣିଷ ଭଳି ମଣିଷଟିଏ ହୋଇ ରହିପାରିବ ।

''ତା'ପରେ ପରବର୍ତ୍ତୀ ସାତ ବର୍ଷ ମଧ୍ୟରେ ପିଲା ତା'ର ନିଜ ପଥକୁ ନିଜେ ବାଛି ନେବା ଲାଗି, ସେ ଯାହା ଚାହୁଁଛି ତାକୁ ବାଛି ନେବା ଲାଗି ଆବଶ୍ୟକ ବିଦ୍ୟାଟିକୁ ଶିଖାଇବାକୁ ପଡ଼େ । ଯଦି ସେ ଏକ ଉନ୍ନତ, ବହୁ ସାମର୍ଥ୍ୟ ବିଶିଷ୍ଟ ଓ ସୁବିକଶିତ ଏକ ମସ୍ତିଷ୍କର ଅଧିକାରୀ ହେବାକୁ ସ୍ଥିର କରେ ଯାହାକି ସମ୍ପୂର୍ଣ୍ଣ ଭାବରେ ଏକ ଶକ୍ତିଶାଳୀ ସୁଚାରୁ କ୍ରିୟାସମ୍ପନ୍ନ ମସ୍ତିଷ୍କଟିଏ ହୋଇଥିବ ତେବେ ତାକୁ ସେଥିଲାଗି ଏବଂ ସେପରି କାର୍ଯ୍ୟ କରିବା ଲାଗି ଶିଖେଇବାକୁ ହୁଏ; କାରଣ କାର୍ଯ୍ୟ, ମନନ, ଅଧ୍ୟୟନ ଓ ବିଶ୍ଳେଷଣ ଆଦି ଦ୍ୱାରା ହିଁ ମସ୍ତିଷ୍କ ଉପଯୁକ୍ତ ଭାବରେ ଗଠିତ ହୋଇ ଆସିଥାଏ ।''

(MCW, Vol. 8, p. 180)

ପିଲାମାନଙ୍କୁ ପାଳି ପୋଷି ବଡ଼ କରିବା ସବୁଠାରୁ ଅଧିକ କଷ୍ଟକର କାମ । ଏହି କାମଟିକୁ ଯଥାର୍ଥ ଭାବରେ ସମ୍ପାଦନ କରି ପାରୁଥିବା ମାଆବାପା ବହୁତ କମ୍ ଅଛନ୍ତି । ଏପରିକି ମାଆବାପା ଚାକିରିଆ ହୋଇଥିଲେ କିଂବା ଅନ୍ୟତ୍ର ବ୍ୟସ୍ତ ଥିଲେ ଛୋଟ ପିଲାମାନଙ୍କର ଦାୟିତ୍ୱ ଘରକାର୍ଯ୍ୟ କରୁଥିବା ସାହାଯ୍ୟକାରୀମାନଙ୍କ ହାତରେ ଛାଡ଼ି ଦିଅନ୍ତି । ସହାୟିକା ଜଣକ ଧାଇ ଭାବେ ପିଲାର ସବୁ କାମ କରେ । ଏହା ଦ୍ୱାରା ମାଆବାପାମାନେ ଜାଣିଶୁଣି ପିଲାର ଚେତନା କଳୁଷିତ ହେବାକୁ ଛାଡ଼ି ଦିଅନ୍ତି, ଚରିତ୍ର ନଷ୍ଟ ହେବାକୁ ଦିଅନ୍ତି । ମାଆବାପାଙ୍କର ସ୍ନେହ ଓ ମମତା ନପାଇ ପିଲାଟି ଜିଦ୍‌ଖୋର ହୁଏ ଏବଂ ଅନେକ କିଛି ଅପୂରଣୀୟ ହୋଇ ରହେ ଯାହା ମାଆବାପାମାନେ ପରେ ବୁଝିପାରନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀମା କହନ୍ତି :

''ସବୁଠାରୁ ଅଧିକ ଖରାପ (ଯାହା ମନୁଷ୍ୟମାନେ ସାଧାରଣତଃ କରିଥା'ନ୍ତି) ହେଉଛି ଯେ ଅନେକ ମାଆବାପା ପିଲାମାନଙ୍କୁ ଚାକରଙ୍କ ପାଖରେ ଛାଡ଼ି ଦିଅନ୍ତି । ଏହା ହେଉଛି ଗୋଟିଏ ମହା ଅପରାଧ । କାରଣ, ଏହି ଲୋକମାନଙ୍କର ଚେତନା ସମ୍ପୂର୍ଣ୍ଣଭାବେ ଏକ ଅମାର୍ଜିତ ସ୍ତରରେ ରହିଥାଏ, ଏକାବେଳକେ ଏକ ନିମ୍ନ ଓ ଅନ୍ଧକାରାଚ୍ଛନ୍ନ ସ୍ତରରେ ରହିଥାଏ, ଏବଂ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ନିଜର ଅଜାଣତରେ ମଧ୍ୟ ସେମାନେ ପିଲାମାନଙ୍କ ଭିତରେ ସେହି ଚେତନାକୁ ପ୍ରବେଶ କରିବାକୁ ଦେଇଥାଆନ୍ତି । ସ୍ୱଭାବତଃ ତା'ପରେ ଯେଉଁ ବୟସଟି ଆସେ, ସେତେବେଳେ ପିଲାଙ୍କୁ ନେଇ ବିଦ୍ୟାଳୟରେ ଛାଡ଼ି ଦିଆଯାଏ ଓ ସେଠାରେ ସେମାନେ ଏପରି ଅନେକ ପିଲାଙ୍କର ସଂସର୍ଗରେ ଆସିବାକୁ ଆରମ୍ଭ କରନ୍ତି, ଯେଉଁମାନଙ୍କୁ କଦାପି ଖୁବ୍ ବେଶୀ ଭଲ ବୋଲି କୁହାଯାଇ ପାରିବ ନାହିଁ । ଏହିସବୁ ସଂସର୍ଗ ଓ ସମ୍ବନ୍ଧକୁ ଏଡ଼ି ଦୂରରେ ରହିବା ଅତ୍ୟନ୍ତ କଷ୍ଟକର । ମାତ୍ର, ତଥାପି ଯଦି କିଞ୍ଚିତ୍ ଚେତନା ଓ ସଦିଚ୍ଛା ସହ ଜଣକର ଜୀବନ ଆରମ୍ଭ ହୋଇଥାଏ ତେବେ କୁସଙ୍ଗ ସମ୍ପର୍କରେ ଆସିବା ମାତ୍ରେ ହିଁ ସେ ତାକୁ ବାରି ନେଇ ପାରିବ । ଏବଂ ଯଦି ଜଣକର ସଦିଚ୍ଛା ଥାଏ ତେବେ ସେପରି ଲୋକମାନଙ୍କୁ ନ ଦେଖିବା

ଲାଗି ହିଁ ସେ ସଙ୍ଗେ ସଙ୍ଗେ ଉଦ୍ୟମ କରିବ, ସେମାନଙ୍କର ସଂସର୍ଗରେ ନ ଆସିବା ଲାଗି ମଧ ଉଦ୍ୟମ କରିବ ।''

(MCW, Vol. 5, p. 412 - 413)

ଅଧିକାଂଶ ପିଲା ଦୁଷ୍ଟ ହୁଅନ୍ତି ଏବଂ ଅଧ୍ୟୟନ କରିବାକୁ ଭଲ ପାଆନ୍ତି ନାହିଁ । ଭଲମନ୍ଦ ସେମାନେ ଜାଣି ପାରନ୍ତି ନାହିଁ, କାରଣ ବ୍ୟାବହାରିକ ଦୁନିଆରେ ବାସ କରିବାରେ ସେମାନଙ୍କର ଖୁବ୍ କମ୍ ଅଭିଜ୍ଞତା ଥାଏ । ସେମାନେ ନୂଆ ନୂଆ ସ୍ପନ୍ଦନ ଅନୁଭବ କରନ୍ତି ଏବଂ ସେଥିପ୍ରତି ଆକର୍ଷିତ ହୁଅନ୍ତି । ସେତେବେଳେ ମାତାପିତାମାନେ କର୍ତ୍ତବ୍ୟ ଦୃଷ୍ଟିରୁ ସେମାନଙ୍କର ପିଲାମାନଙ୍କୁ ଶ୍ରଦ୍ଧା ଓ ନମ୍ରତାର ସହ ବୁଝାଇବାକୁ ପଡ଼ିବ ଏବଂ ଗୋଟିଏ କଥା କହି ଦେବାକୁ ହେବ ଯେ ବର୍ତ୍ତମାନ ତୁମର ବୟସ ବହୁତ ଅଳ୍ପ ଏବଂ ତୁମ ମସ୍ତିଷ୍କର ଗଠନ ପ୍ରକ୍ରିୟା ଏବେ ଚାଲିଛି । ତୁମେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ନୂତନ କଥା ତୁମର ମସ୍ତିଷ୍କ ଭିତରେ ଏକ କ୍ଷୁଦ୍ର ଆଲୋଡ଼ନ ସୃଷ୍ଟି କରୁଛି । ତୁମେ ଯେତିକି ଅଧିକ ଅଧ୍ୟୟନ କରୁଛ, ଯେତିକି ଅଧିକ ଚିନ୍ତା କରୁଛ, ଯେତେ ଅଧିକ ପ୍ରତିଫଳନ କରୁଛ ଏବଂ ତୁମର କାର୍ଯ୍ୟ ଯେତେ ଅଧିକ ବୃଦ୍ଧି ପାଉଛି ତୁମର କ୍ଷୁଦ୍ର ଆଲୋଡ଼ନ କ୍ଷେତ୍ରରେ ତୁମର ମସ୍ତିଷ୍କ ମଧ ସେତିକି ଅଧିକରୁ ଅଧିକ ଶକ୍ତ ଓ ସମ୍ପୂର୍ଣ୍ଣ ହେବାରେ ଲାଗିଛି । ଏବଂ ଯେହେତୁ ତୁମେ ଅଳ୍ପ ବୟସର, ସେଥିପାଇଁ ବର୍ତ୍ତମାନ ଏହି ପ୍ରକ୍ରିୟାଟି ସର୍ବୋତ୍ତମ ଭାବରେ ସମ୍ଭବ ହୋଇ ପାରୁଛି । ତେଣୁ ତୁମେ ନୂଆ ନୂଆ ସ୍ପନ୍ଦନଗୁଡ଼ିକ ଗ୍ରହଣ କର ଯେପରି ତାହା ତୁମର ଶାରୀରିକ, ପ୍ରାଣିକ ଓ ମାନସିକ ବିକାଶ କ୍ଷେତ୍ରରେ ସାହାଯ୍ୟ କରିବ ।

ଶ୍ରୀମାଙ୍କ ବକ୍ତବ୍ୟର ମର୍ମାର୍ଥ ଏହିପରି :

ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଛୋଟ ପିଲା ନିଜ ସମ୍ବନ୍ଧରେ ଏତେ ଟିକିଏ ସଚେତନ ହୋଇ ନ ପାରିବା ପର୍ଯ୍ୟନ୍ତ ତାକୁ ନିଶ୍ଚୟ କେତେକ ନିର୍ଦ୍ଦିଷ୍ଟ ନିୟମର ଅଧୀନ କରି ରଖିବାକୁ ହୋଇଥାଏ, କାରଣ ନିଜର ପଥକୁ ନିଜେ ବାଛି ନେବା ଲାଗି ତା'ର ସେତେବେଳେ ଉପଯୁକ୍ତ ସାମର୍ଥ୍ୟ ଆସି ନଥାଏ । ତାଙ୍କ ଆଗରେ ଏକ ଶୃଙ୍ଖଳା ରଖିବାକୁ ହେବ ଏବଂ ସେ ତାହାକୁ ସ୍ୱେଚ୍ଛାରେ ଗ୍ରହଣ କରିପାରେ ଅଥବା ନିଜର ଏକ ଶୃଙ୍ଖଳାକୁ ମାନି ନେଇପାରେ । ଏପରିକି ଅନେକ ପିଲା ଅତିଶୀଘ୍ର ଶୃଙ୍ଖଳାକୁ ମାନି ନିଅନ୍ତି ଏବଂ ଅନେକ ପିଲା ତାହା ମାନିବାକୁ ପ୍ରସ୍ତୁତ ନଥା'ନ୍ତି । ସେମାନେ ଭାବନ୍ତି ଏଗୁଡ଼ାକ ତାଙ୍କ ଉପରେ ଲଦି ଦିଆଯାଇଛି । ସେପରି କ୍ଷେତ୍ରରେ ପିଲାଟିକୁ ଅନେକ ବୁଝାଇବାକୁ ହୁଏ । ସ୍ୱେଚ୍ଛାଚାରିତା ଦ୍ୱାରା କିପରି ଜୀବନଟା ବିଶୃଙ୍ଖଳିତ ହୁଏ, ଦେହ ଖରାପ ହୁଏ, ମନ ବିଚଳିତ ହୁଏ, ଆତ୍ମବିଶ୍ୱାସ ବଢ଼େନା ଏବଂ କାମରେ ଆଗ୍ରହ ଆସେନା ଏସବୁକୁ ଦୃଷ୍ଟାନ୍ତ ଦ୍ୱାରା ବୁଝାଇବାକୁ ହୁଏ । ପିଲାଟି ଯଦି ଅତ୍ୟଧିକ ପଶୁ ପ୍ରବୃତ୍ତିର ହୋଇ ନଥାଏ ତେବେ ସେ ବୁଝିଯାଏ ଏବଂ ନିଜର କାର୍ଯ୍ୟକୁ ଆଦରି ନିଏ ।

କେତେକ ପିଲାଙ୍କର ଅଭିବୃଦ୍ଧି ଠିକ୍ ଭାବେ ହୋଇ ନଥାଏ । ମାନସିକ ସ୍ତରରେ ସେମାନେ ବହୁତ ଦୁର୍ବଳ ଥାଆନ୍ତି ଏବଂ ଆଉ କେତେକ ଉଚ୍ଚ ସ୍ତରର ଥାଆନ୍ତି । ଅନେକ ପିଲାଙ୍କର ସୃଜନୀ ଶକ୍ତି ଥାଏ; କିନ୍ତୁ ବୌଦ୍ଧିକ ବିକାଶ ପାଇଁ ଆଗ୍ରହ ନଥାଏ । ସେମାନେ ଅନ୍ୟ କୌଣସି କାର୍ଯ୍ୟ, ଯଥା : ଖେଳ, ସଙ୍ଗୀତ, କାରୁକାର୍ଯ୍ୟ ଅଥବା ଅନ୍ୟ କିଛି କାର୍ଯ୍ୟ ପ୍ରତି ଆଗ୍ରହ ଥାଏ ଏବଂ ସେହି କ୍ଷେତ୍ରରେ ଯଦି ତାଙ୍କୁ ଉତ୍ସାହିତ କରାଯାଏ ତେବେ ସେମାନେ ସେହି ଦିଗରେ ଅନେକ ଦୂର ଆଗେଇ ଯାଇ ପାରିବେ । ତେଣୁ ମାତାପିତାମାନେ ତାଙ୍କୁ ପଢ଼ାପଢ଼ିରେ ବାଧ ନ କରି କେବଳ ବୁଝାଇ ଦେବା ଉଚିତ ଯେ ଯଦି ସେମାନେ ନପଢ଼ିବେ ତେବେ ବଡ଼ ହେଲେ ନିଜକୁ ଅନ୍ୟମାନଙ୍କଠାରୁ ନ୍ୟୂନ ମନେ କରିବେ ଏବଂ ସାଥୀମାନେ ଅନେକ ପଢ଼ି କିଛି କରି ପାରୁଥିବା ବେଳେ ନିଜେ କିଛି କରିପାରୁ ନଥିବାରୁ ତାଙ୍କଠାରୁ ଅନେକ ଛୋଟ ଏବଂ ଅପାରଗ ବୋଲି ଧାରଣା ଆସିପାରେ । କିନ୍ତୁ ଯଦି ସେମାନଙ୍କର ସେଥିରେ ଆଦୌ ସମ୍ମତି ନଥିବ ଅଥବା ଶିକ୍ଷିତ ଜୀବନ ନ ଚାହିଁ ସେମାନେ ଯଦି ଅନ୍ୟ କୌଣସି ଦିଗରେ ଆଗେଇବାକୁ ଚାହୁଁଥିବେ ତେବେ ସେମାନଙ୍କୁ ସେହି କାର୍ଯ୍ୟ କରିବାରେ ପୂର୍ଣ୍ଣ ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ବିଧେୟ । ଅନେକ ଉଚ୍ଚକୋଟୀର କବି, ଲେଖକ, ଖେଳାଳୀ, ଚିତ୍ରକର, ଶିଳ୍ପୀ, ସଙ୍ଗୀତଜ୍ଞ, ସମାଜସେବକ, ମହାତ୍ମା ଓ ସିଦ୍ଧ ପୁରୁଷ ଥିଲେ ଏବଂ ଏବେ ବି ଅଛନ୍ତି ଯେଉଁମାନେ ବିଶେଷ କିଛି ପାଠ ପଢ଼ି ନଥିଲେ । ତେଣୁ ପିଲାଟିର ସ୍ୱଭାବକୁ ଜାଣି ତାକୁ ତା'ର ନିଜସ୍ୱ ବା ସ୍ୱଧର୍ମ ପଥରେ ଆଗେଇ ଯିବାକୁ ଉତ୍ସାହିତ କରିବା ଆବଶ୍ୟକ । ଜନ୍ମ ପରବର୍ତ୍ତୀ ଶିକ୍ଷାର ଅନେକ ଦିଗ ରହିଛି । ସେହି ଦିଗ ପ୍ରତି ପ୍ରତ୍ୟେକ ମାତାପିତା ସଚେତନ ହୋଇ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା ଉଚିତ ।

(କ୍ରମଶଃ) ❑

# ଦିବାସ୍ୱପ୍ନ

## (୮)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନ ଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପନ୍ଥା ଉଦ୍ଭାବନ କରିବାକୁ ମଧ୍ୟ ପ୍ରୟାସୀ ହୋଇ ଉଠିଛନ୍ତି । ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସର୍ବୋପରି ତାଙ୍କର ଅଭିନବ ଶିକ୍ଷଣ ଶୈଳୀ ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି ।

ବିଗତ ସଂଖ୍ୟାରେ ଆମେ ପଢ଼ିଛେ, ତାଙ୍କର ପ୍ରୟୋଗଶାଳାରେ ଷାଣ୍ମାସିକ ପରୀକ୍ଷା ପାଇଁ ପ୍ରସ୍ତୁତିର କାର୍ଯ୍ୟକ୍ରମ । ଶିକ୍ଷାବର୍ଷର ଛଅ ମାସ ବିତିଯାଇଥିଲେ ବି ତାଙ୍କର ଭୂଗୋଳ, ବ୍ୟାକରଣ ଓ ବିଜ୍ଞାନ ପଢ଼ା ଆରମ୍ଭ ମଧ୍ୟ ହୋଇ ନଥିଲା । ପ୍ରଥମେ ସେ ସିଦ୍ଧାନ୍ତ ନେଲେ ବ୍ୟାକରଣ ଶିକ୍ଷା ଆରମ୍ଭ କରିବେ ବୋଲି । ଏପରି ଏକ ନିରସ, କଠିନ ବିଷୟଟିକୁ ସେ ନିଜର ସୃଜନୀ ପ୍ରତିଭାର ପ୍ରୟୋଗରେ ବହୁବିଧ କାର୍ଡ଼ ଖେଳ ତଥା ଅନ୍ୟାନ୍ୟ ଆମୋଦପ୍ରଦ ଖେଳ ଉଦ୍ଭାବନ କରି ଶିକ୍ଷାର୍ଥୀମାନଙ୍କ ପାଇଁ ସହଜ ଓ ହୃଦୟଗ୍ରାହୀ କରିପାରିଛନ୍ତି । ଏହି ସଂଖ୍ୟାରେ ଆମେ ଜାଣିବା ଛ’ ମାସର ପ୍ରୟାସ ପରେ ପିଲାମାନଙ୍କର ପରୀକ୍ଷାର ଫଳାଫଳ ।...]

### ତୃତୀୟ ଭାଗ
### ଛ’ ମାସ ପରେ
### (III)

ଷାଣ୍ମାସିକ ପରୀକ୍ଷା ଆସିଗଲା । ଅଧିକାରୀ ନିଜେ ହିଁ ପରୀକ୍ଷା କରିବେ । ଏ କାମ ତାଙ୍କୁ ବେଶ୍ ଭଲ ଲାଗେ ।

ମୁଁ ପିଲାମାନଙ୍କୁ ପ୍ରସ୍ତୁତ କରେଇ ଥିଲି, କିନ୍ତୁ ମୋ ନିଜ ଢଙ୍ଗରେ । ମୁଁ ତାଙ୍କୁ ଅନୁରୋଧ କରିଥିଲି ଯେ ସ୍କୁଲର ଅନ୍ୟ ସବୁ ଶ୍ରେଣୀର ପରୀକ୍ଷା ସରିବା ପରେ ଆମ ପିଲାଙ୍କର ପରୀକ୍ଷା କରାଯାଉ । ସେତେବେଳେ ଅନ୍ୟ ସବୁ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ନିଜେ ଉପସ୍ଥିତ ରୁହନ୍ତୁ ଏବଂ ଅନ୍ୟ ସବୁ ଶ୍ରେଣୀର ପାଞ୍ଚ ପାଞ୍ଚଜଣ ପିଲା ମଧ୍ୟ ଦେଖନ୍ତୁ ।

ପରୀକ୍ଷା ଦିନ ମୋ ମନ ଶାନ୍ତ ଥିଲା । ଛାତି ଧଡ଼ ଧଡ଼ ହେଉ ନଥିଲା । ମନରେ ପାସ୍ ଫେଲ୍‌ର ସନ୍ଦେହ ନଥିଲା । ପିଲାଙ୍କ ପାଇଁ ମୋର ଚିନ୍ତାର କୌଣସି କାରଣ ନଥିଲା । ପିଲାମାନଙ୍କୁ କହିଥିଲି ଯେ ସବୁଦିନ ଆମେ ଯେମିତି କରୁ ଆଜି ମଧ୍ୟ କରିବା । ପରୀକ୍ଷାରେ ତ ସମସ୍ତେ ପାସ୍ । କେବଳ ଆମର କାମ ଦେଖିବା ପାଇଁ ଅନ୍ୟମାନଙ୍କୁ ଡକାଯାଇଛି ।

ମୋର ସବୁ କାମ ଭଳି ଆଜି ଆମର ସବୁ ବ୍ୟବସ୍ଥା ନାଟକୀୟ ଭଙ୍ଗୀରେ ପରଦା ପଛପଟେ କରାଯାଇଥିଲା । ଆଗରେ ଅଧିକାରୀ ଓ ଶିକ୍ଷକମାନେ ବସି ସାରିଲା ପରେ ପରଦା ଉଠାଗଲା ।

ମଞ୍ଚ ଉପରେ ଅନ୍ୟ ଶ୍ରେଣୀର ପିଲାଙ୍କୁ ଛୋଟ ଛୋଟ ଦଳ କରି ବସା ଯାଇଥିଲା । ପ୍ରତି ଦଳକୁ ଆମ ଶ୍ରେଣୀର ପିଲାମାନେ ଗପ କହୁଥା’ନ୍ତି । ଜଣକ ପରେ ଜଣେ ଗପ କହି ଚାଲିଲେ । ପ୍ରତ୍ୟେକ ପିଲା ନିଜ ପସନ୍ଦର ଗପ କହୁଥା’ନ୍ତି । ମଝିରେ ଭୁଲିଗଲେ ଦେଖିବା ପାଇଁ ବହି ପାଖରେ ରଖାଯାଇ-ଥାଏ । ପିଲାମାନେ ଗପ କହିବା ଭଲ ଭାବରେ ଜାଣିଥିବା

ଭଳି ଜଣା ପଡୁଥାଏ । ସେମାନେ ନିଜ ନିଜର ଶୈଳୀରେ ଭାବଭଙ୍ଗୀ କରି କହୁଥା'ନ୍ତି । ଗପଗୁଡ଼ିକୁ ସେମାନେ ବୁଝିଥା'ନ୍ତି । ଗପ କହିବା ଓ ଶୁଣିବା ପିଲା ଉଭୟେ ଖୁସି ହେଉଥା'ନ୍ତି । ଗପ ସରିଲା । ଶିକ୍ଷକମାନେ ସବୁ ପରସ୍ପରକୁ ଚାହିଁଲେ । ମୁଁ କହିଲି, ''ଏ ମୋର ଗୋଟିଏ ପରୀକ୍ଷା ।''

ଜଣେ ଶିକ୍ଷକ ଅନ୍ୟ ଜଣକ କାନରେ କହିଲେ, ''କେଉଁ ବିଷୟରେ ପରୀକ୍ଷା ?''

ମୁଁ ଶୁଣିପାରିଲି ଓ କହିଲି, ''ଭାଷା ଉପରେ ଦକ୍ଷତା, କହିବାର ଶୈଳୀ, ରୁଚି, ସ୍ମୃତିଶକ୍ତି ଏବଂ ଅଭିନୟର ।''

ତା'ପରେ ଦ୍ୱିତୀୟ ପରୀକ୍ଷା ଆରମ୍ଭ ହେଲା । ପରଦା ଉଠିଲାବେଳକୁ ସବୁ ପିଲା ଗୋଲ ହୋଇ ବସିଥିଲେ । କଳାପଟାରେ ଲେଖା ହୋଇଥିଲା, ''ପଦ୍ୟାନ୍ତର'' । ଜଣେ ଗୋଟିଏ କବିତା ପଢ଼ିଲା । ଅନ୍ୟ ଜଣେ ଏହି ପଦ୍ୟାଂଶର ଶେଷ ଅକ୍ଷରରେ ଆରମ୍ଭ ହେଉଥିବା ଆଉ ଗୋଟିଏ କବିତା ପଢ଼ିଲା । ଏମିତି ଗୋଲଟି ପୂରା ହୋଇଗଲା ଓ ପୁଣି ଥରେ ଆରମ୍ଭ ହେଲା ।

ଅଧିକାରୀ ପଚାରିଲେ, ''ଏମାନଙ୍କୁ ସାମନାସାମନି କରି କାହିଁକି ବସାଇଲ ନାହିଁ ? ଦୁଇଟି ଦଳ କରିଦେବା କଥା ନୁହେଁ କି ?''

ମୁଁ କହିଲି, ''ମୁଁ ସେ ପ୍ରଥା ଛାଡ଼ି ଦେଇଛି । ସେପରି କଲେ ହାରିବା ଜିତିବାର ଭାବ ରହିବ । ହାରିବା ଜିତିବାରୁ ଅପମାନ ଓ ଅପମାନରୁ ଈର୍ଷା ଆରମ୍ଭ ହେବ । ଏଠାରେ ଜଣେ ଯେଉଁଠି ଛାଡୁଛି, ଆଉ ଜଣେ ସେଇଠୁ ଆରମ୍ଭ କରୁଛି । ତେଣୁ ଯଦି ଜଣେ କେଉଁଠି ଭୁଲି ଯାଇଛି, ତେବେ ତା'ପର ପିଲା କହିବ । ଯାହାର ପ୍ରଥମ ଥର ମନେ ନ ପଡ଼ିଲା, ସେ ଶୁଣିବ ଓ ପରେ ପୁଣି ସୁଯୋଗ ପାଇବ ।''

ମୁଁ ପିଲାମାନଙ୍କୁ ଅଳ୍ପ ସମୟ ଖେଳିବା ପାଇଁ କହିଥିଲି । କିନ୍ତୁ ସେମାନେ ଖେଳରେ ଏତେ ମଜି ଯାଇଥିଲେ ଯେ ଘଣ୍ଟି ବାଜିବା ପରେ ମଧ୍ୟ ଉଠୁ ନଥିଲେ । ମୁଁ ଅଳ୍ପ କିଛି ସମୟ ଅଧିକ ଦେଲି ଓ ପରଦା ପକେଇ ଦେଲି ।

ପରଦା ବାହାରକୁ ଆସି ମୁଁ କହିଲି, ''ଆପଣମାନେ ଦେଖିଲେ ଯେ ଏ ପିଲାମାନେ ତାଙ୍କ ବହିର କେତେ କବିତା ମନେ ରଖିଛନ୍ତି । ମନେ ରଖିବା ପାଇଁ କବିତା ପିରିୟଡ଼ରେ ଆମେ ପ୍ରତିଦିନ ଏହି ଖେଳ ଖେଳୁ ।''

ଶିକ୍ଷା ଅଧିକାରୀ ଏ କାମର ବହୁତ ପ୍ରଶଂସା କଲେ । ତା'ପରେ ପୁଣି ପରଦା ଉଠିଲା ବେଳକୁ ଦେଖାଗଲା ଯେ ପିଲାମାନେ ଗୋଲକ ଧନ୍ଦାରେ ଲାଗିଛନ୍ତି । ଅଧିକାରୀ କହିଲେ, ''ଆରେ ଏ'ତ ଧନ୍ଦା । ମୁଁ ପିଲାଦିନେ ଏଗୁଡ଼ିକ ସବୁ ଶୁଣିଥିଲି । କିନ୍ତୁ ଆଜିର ପାଠ୍ୟକ୍ରମରେ ଏ ସବୁ କାହିଁ ?''

ମୁଁ କହିଲି, ''ପାଠ୍ୟକ୍ରମରେ ଭାଷା ଶିକ୍ଷା ଅଛି ତ ? ପାଠ୍ୟକ୍ରମର ମୂଳ ଉଦ୍ଦେଶ୍ୟ ପିଲାର ଜିଜ୍ଞାସା, ଜ୍ଞାନ ଇତ୍ୟାଦିର ବିକାଶ ନୁହେଁ କି ? ଆମର ସବୁ ପିଲା ବଡ଼ ଖୁସିରେ ଏ ଖେଳ ଖେଳନ୍ତି । ଏପରି ବହୁତ ଧନ୍ଦା ସେମାନେ ଜାଣନ୍ତି । ପ୍ରତ୍ୟେକ ଧନ୍ଦାର ନିଜର ବିଶେଷତ୍ୱ ମଧ୍ୟ ରହିଛି । ଏବେ ଏଗୁଡ଼ିକ ଆଉ ପାଠ୍ୟକ୍ରମରେ ନାହିଁ । ତଥାପି ମୁଁ ଏସବୁ କରାଏ । ଆଶା କରୁଛି, ଆସନ୍ତା ବର୍ଷ ଆପଣ ଏସବୁକୁ ପାଠ୍ୟକ୍ରମରେ ସ୍ଥାନ ଦେବେ ।''

ଏହା ପରେ ଶବ୍ଦ ଖେଳ ଆରମ୍ଭ ହେଲା । ଜଣେ ଗୋଟିଏ ଶବ୍ଦ କହୁଥାଏ । ଏହାର ଶେଷ ଅକ୍ଷରରେ ଆରମ୍ଭ ହେଉଥିବା ଶବ୍ଦଟିଏ ତା'ର ପର ପିଲା କହୁଥାଏ । ଖେଳିବାଟା ତ ଏମିତି ବହୁତ ସହଜ । କିନ୍ତୁ ଯେତେବେଳେ ଜଣା ପଡ଼ିଲା ଯେ ପ୍ରତ୍ୟେକ ପିଲା କେବଳ ଗୋଟିଏ ପ୍ରକାରର ଶବ୍ଦ କହିପାରିବ, ସେତେବେଳେ ସମସ୍ତେ ଏହାର ଗୁରୁତ୍ୱ ବୁଝିଲେ । ଜଣେ ପିଲା ଖାଲି ଗାଁମାନଙ୍କର ନାମ କହିବ ତ ଆଉ କିଏ ନଦୀମାନଙ୍କର, କିଏ କିଏ ପାହାଡ଼, ପକ୍ଷୀ, ଜୀବ ଇତ୍ୟାଦିଙ୍କର ନାମ ବାଛିଥା'ନ୍ତି ।

ମୁଁ ଅନ୍ୟ ଶିକ୍ଷକମାନଙ୍କୁ କହିଲି, ''ଏହି ଖେଳ ଖେଳିବା ପାଇଁ ଯେତେ ଅଧିକ ଶବ୍ଦ ଜଣେ ପିଲା ଜାଣିବ ସେତେ ଭଲ । ଏପରି ଶବ୍ଦସବୁ ଖୋଜିବା ପାଇଁ ମୁଁ ସେମାନଙ୍କୁ ମାନଚିତ୍ର, ଅଭିଧାନ, ଭାଷାକୋଷ ଇତ୍ୟାଦି ଖୋଜିବାକୁ କହିଛି । ସେମାନେ ବିଭିନ୍ନ ପ୍ରକାରର ଶବ୍ଦସବୁ ଏକାଠି କରିବାରେ ଅନେକ ସମୟ ନିଜେ ନିଜେ କଟାଉଛନ୍ତି । ଏସବୁ ଶବ୍ଦ ତାଙ୍କ ଜିଭ ଅଗରେ ରହିଛି । କେହି କେହି ଏସବୁ ଲେଖିକରି ମଧ୍ୟ ରଖନ୍ତି । ସେମାନେ ପରସ୍ପରଠାରୁ ନୂଆ ନୂଆ ଶବ୍ଦସବୁ ମଧ୍ୟ ଶିଖନ୍ତି ।''

ଅଧିକାରୀ କହିଲେ, ''ଏ ପ୍ରକାର ଖେଳସବୁର ପଛରେ ମହାନ୍ ତତ୍ତ୍ୱ ସବୁ ରହିଛି । ଏହା ତ ବୁଦ୍ଧିଶକ୍ତି ଏବଂ ସାଧାରଣ ଜ୍ଞାନ ବଢ଼େଇବାରେ ବଢ଼ିଆ ଉପାୟ । ଅବଶ୍ୟ ସବୁ ଶ୍ରେଣୀରେ ଏପରି କାମ ହେବା କଥା ।'' ଆଉ ବିଶେଷ ଭାବରେ ମୋ ଆଡ଼କୁ ଚାହିଁ କହିଲେ, ''ତୁମେ ହିଁ ଠିକ୍ ନୂଆ ନୂଆ ଖେଳ ଖୋଜି ବାହାର କରୁଛ ।''

ଜଣେ ଶିକ୍ଷକ ଆଉ ଜଣକ କାନରେ ସାହେବ ନଶୁଣିଲା

ଭଳି ଧୀରେ ଧୀରେ କହିଲେ, ''ଏଥିପାଇଁ ତ ଲକ୍ଷ୍ମୀଶଙ୍କର ଏଠାକୁ ଆସିଛି । ତା'ର ପାଠପଢ଼ା କ'ଣ ଦରକାର ? ସେ ତ ମଜା କରୁଛି । ହଁ, ଖାଲି ମଜା ! ଆମେ ତ ପାଠ ପଢ଼େଇ ପଢ଼େଇ ଆମ ବାଳ ପାଚି ଯାଉଛି । ଆଉ ତା' କାର୍ଯ୍ୟକ୍ରମରେ ଖେଳ ଛଡ଼ା ଆଉ କିଛି ନାହିଁ ।''

ଦ୍ୱିତୀୟ ଜଣକ କହିଲେ, ''ଭାଇ, ପୁରୁଣା ପାଠ ଯାଇ ଏବେ ନୂଆ ପାଠ ଆସିଲାଣି । ଏବେ ଆଉ ସେ ମୋଟା ମୋଟା ବହି ଘୋଷି ପଣ୍ଡିତ ହେବା କଥା ନାହିଁ । ଏବେ ତ ପାଠ ପଢ଼ିବା ବଦଳରେ ଖାଲି ଖେଳ ରହିଯାଇଛି । କିଏ ଜାଣେ ଆଉ କିଛିଦିନ ପରେ କ'ଣ ହେବ ? ଏବେ ପାଠ ପଢ଼ାଇବାରେ କାହାର ଆଗ୍ରହ ମଧ୍ୟ ନାହିଁ । ଖେଳକୁଦ କରାଇଲେ ସମସ୍ତେ ଭଲ କହିବେ ।''

ସେତେବେଳେ ମୋ ଧ୍ୟାନ ପିଲାଙ୍କ କାମ ଦେଖାଇବାରେ ଥିଲା । ତେଣୁ ଏକଥା ମୁଁ ଶୁଣିପାରି ନଥିଲି । ପରେ ଜଣେ ମୋତେ ଏକଥା କହିଲା । ହଉ ! ମୁଁ ହ୍ୱିସିଲ୍ ବଜାଇବା ମାତ୍ରେ ପିଲାମାନେ ଝାଡ଼ୁଧରି ଗୋଟିଏ ଧାଡ଼ିରେ ଠିଆ ହୋଇଗଲେ । ପ୍ରଥମେ ଝାଡ଼ୁ ହାତରେ କିଛି କିଛି ବ୍ୟାୟାମ କଲେ । ତା'ପରେ ସେମାନେ ସ୍କୁଲର ଚାରିଆଡ଼େ ବିଛେଇ ହୋଇଯାଇ ଯେଉଁଠି ମଇଳା ଦେଖିଲେ ତାକୁ ସଫା କଲେ । ଝାଡ଼ୁ ଲଗେଇ ମଇଳାସବୁ ଏକାଠି କରି ଝୁଡ଼ିରେ ଆଣି ଆମ ଆଗରେ ରଖିଲେ ।

ଅଧିକାରୀ ଓ ଅନ୍ୟ ଶିକ୍ଷକମାନେ ଅତି ଆଶ୍ଚର୍ଯ୍ୟ ହୋଇ ଏସବୁ ଦେଖୁଥିଲେ । ଆମର ଏ ମଧ୍ୟ ଗୋଟିଏ ପରୀକ୍ଷା ଥିଲା ।

ଅଧିକାରୀ ପଚାରିଲେ, ''ଝାଡ଼ୁ ଧରି ପ୍ରଥମେ ବ୍ୟାୟାମ କରିବାର କାରଣ ତ ବୁଝିହେଲା ନାହିଁ ।''

ମୁଁ କହିଲି, ''ଆଜ୍ଞା, ଆଜିକାଲି ଦେଶରେ ଚାରିଆଡ଼େ ମଇଳା ଭର୍ତ୍ତି । ଅପରିଷ୍କାର ହୋଇ ରହିବା ଆମର ଏକ ରାଷ୍ଟ୍ରୀୟ କଳଙ୍କ । ଯେଉଁପର୍ଯ୍ୟନ୍ତ ଏହା ଦୂର ନହୋଇଛି, ଆମର ଦୁର୍ଦ୍ଦଶାର ଶେଷ ହେବନି । ତେଣୁ ତା' ବିରୋଧରେ ଏହା ଆମର ପ୍ରଥମ ପଦକ୍ଷେପ । ଆରମ୍ଭର ବ୍ୟାୟାମଟା କେବଳ ପ୍ରତୀକାତ୍ମକ । ଆମର ଶ୍ରେଣୀଗୃହ ସଫା ନହେବା ପର୍ଯ୍ୟନ୍ତ ଆମେ ଅନ୍ୟ କିଛି କାମ କରୁ ନାହିଁ । ଏବେ ଏ ପିଲାମାନେ କିଛି ମଇଳା ଦେଖିଲେ ସହିପାରୁ ନାହାନ୍ତି ।''

ଆମ କଥାବାର୍ତ୍ତା ଚାଲିଥିବା ଭିତରେ ପିଲାମାନେ ହାତଗୋଡ଼ ଧୋଇ ଫେରି ଆସିଲେ । ମୁଁ ପୁଣି ଥରେ ହ୍ୱିସିଲ୍ ବଜାଇଲି ।

ଅଧିକାରୀ କହିଲେ, ''ତୁମର ଏ ପ୍ରୟୋଗ ପୂରା ଅଦ୍ଭୁତ । ତୁମେ ଚତୁର୍ଥ ଶ୍ରେଣୀରେ ପଢ଼ାର ଏହି ପ୍ରୟୋଗ ଭିତରେ ଆଉ କ'ଣ ନୂଆ ନୂଆ କଥା କରିଛ ?''

ମୁଁ କହିଲି, ''ମୋ ପ୍ରୟୋଗରେ ଅନେକ ପ୍ରକାରର ନୂଆ କାମ କରିବାର ସୁଯୋଗ ରହିଛି । ଚତୁର୍ଥ ଶ୍ରେଣୀରେ ପାଠ ପଢ଼ାଇଲା ଆଗରୁ ମୋତେ ପ୍ରଥମ ଶ୍ରେଣୀର ପାଠସବୁ ସାରିବାକୁ ପଡ଼ିବ ତ !''

ପିଲାମାନେ ଆଗରୁ ହ୍ୱିସିଲ୍ ଶୁଣି ଦୌଡ଼ିଯାଇ ଆଖପାଖ ଗଛ ସବୁରେ ଚଢ଼ି ଯାଇଥିଲେ । ମୁଁ ପୁଣି ହ୍ୱିସିଲ୍ ମାରିଲା ମାତ୍ରେ ଗଛରେ ଚଢ଼ିଲେ ଓ ସେମିତି ପୁଣି ଖପ୍‌ଖାପ୍ ଓହ୍ଲାଇ ଆସିଲେ ।

ପ୍ରଧାନ ଶିକ୍ଷକ –''ଆରେ, ଏ'ତ ଅଦ୍ଭୁତ ପ୍ରକାରର ପାଠପଢ଼ା । ଏଥିରେ ପଢ଼ିବାର କ'ଣ ରହିଲା ? ବିନା ପଢ଼ାରେ ବି ତ ଏସବୁ ହୋଇଯିବ ।''

ମୁଁ କହିଲି, ''ଆଜିକାଲି ନ ଶିଖେଇଲେ ଏସବୁ ପିଲାମାନେ ଜାଣୁ ନାହାନ୍ତି । ତା'ଛଡ଼ା ଏବେ ଏସବୁ କରିବାକୁ ଘରେ ତାଙ୍କୁ ଅନୁମତି ମଧ୍ୟ ମିଳୁ ନାହିଁ ।''

ପ୍ରଧାନ ଶିକ୍ଷକ ଏ କଥା ସତ ବୋଲି ମାନିଲେ ନାହିଁ । ମୁଁ କହିଲି, ''ସ୍କୁଲର ଅନ୍ୟ ପିଲାମାନେ ମଧ୍ୟ ଏଠାରେ ଠିଆ ହୋଇଛନ୍ତି, ତାଙ୍କୁ ପଚରାଯାଉ । କେତେ ଜଣ ଏପରି ଗଛ ଚଢ଼ି ଡେଇଁ ପାରିବେ ?''

ସାହେବ ସେ ପିଲାମାନଙ୍କୁ ଗଛ ଚଢ଼ିବାକୁ କହିଲେ । ମାତ୍ର ଦୁଇ ତିନି ଜଣ ପିଲା କଷ୍ଟେମଷ୍ଟେ ଚଢ଼ିପାରିଲେ ।

ମୁଁ କହିଲି, ''ଆଜ୍ଞା, ଏ ପିଲାମାନଙ୍କୁ ଏମିତି ବହୁତ କିଛି ତାଲିମ ମୁଁ ଦେଇଛି । ଏସବୁ ବିଷୟ ମୋ ଶିକ୍ଷା ଓ ପ୍ରୟୋଗର ଅଂଶ ।'' ଟିକିଏ ହସିକରି ମୁଁ ପୁଣି କହିଲି, ''ପରୀକ୍ଷା ପତ୍ରରେ ଏସବୁ ଖେଳର ନାମ ରହିଛି । ତେଣୁ ଆପଣଙ୍କୁ ସବୁଥିରେ ନମ୍ବର ଦେବାକୁ ହେବ ।''

ଅଧିକାରୀ ମଜାକରି କହିଲେ, ''ଆଚ୍ଛା, ତୁମେ ବି କ'ଣ ମୋ ଠାରୁ ନମ୍ବର ମାଗିବ ?''

ମୁଁ ହ୍ୱିସିଲ୍ ମାରିଲା ମାତ୍ରେ ପିଲାମାନେ ଆଲମାରିରୁ ନଟୁ କାଢ଼ି ଘୂରେଇଲେ । କିନ୍ତୁ ଗାଁର ଗଳିରେ ପାଟିତୁଣ୍ଡ କରି ଯେପରି ପିଲାମାନେ ଖେଳୁଥା'ନ୍ତି, ସେମିତି ନୁହେଁ । ପାଟିତୁଣ୍ଡ ନକରି ଏମାନେ ଅତି ଶୃଙ୍ଖଳିତ ଭାବରେ ଖେଳୁଥା'ନ୍ତି । ଖେଳିବା ପାଇଁ ଉଦ୍ଦିଷ୍ଟ ଜାଗାରେ ଖେଳୁଥା'ନ୍ତି ଓ ସେମାନଙ୍କର ଜଣେ

ଦଳପତି ଥାଏ । ଆମେ ସମସ୍ତେ ପିଲାଦିନେ ନଟୁ ଖେଳୁଥିଲୁ । ତେଣୁ ସମସ୍ତଙ୍କୁ ମଜା ଲାଗୁଥାଏ ।

ଅଧିକାରୀ ପଚାରିଲେ, ''ଭାଇ, ଏମାନଙ୍କୁ ନଟୁ ଖେଳିବା ଶିଖାଇଲ କେବେ ? ଏମାନେ ତ ବଡ଼ ଶୃଙ୍ଖଳାର ସହ ନିୟମ ମାନି ଖେଳୁଛନ୍ତି ।''

''ଆମର ଶିଖିବା ଜାଗା ହେଉଛି ନଈକୂଳ । ଯେତେବେଳେ ଆମେ ବୁଲିବାକୁ ଯାଉ ସେତେବେଳେ ଏମିତି ଅନେକ କାମ ଆମେ କରୁ । ଖେଳି ଖେଳି ଆମେ ଅନେକ କଥା ଶିଖିଯାଉ ।'' ମୁଁ କହିଲି ।

ଅଧିକାରୀ ଇଂରାଜୀରେ କହିଲେ, ''ସେ କଥା ପୂରା ସତ । ଏବେ ପଢୁଥିଲି ଯେ ପିଲା ଖେଳ ମାଧ୍ୟମରେ ବହୁତ କିଛି ଶିଖିଥାଏ ।'' ପୁଣି ପ୍ରଧାନ ଶିକ୍ଷକଙ୍କ ଆଡ଼କୁ ଚାହିଁ କହିଲେ, ''ଏବେ ଆପଣଙ୍କ ସ୍କୁଲରେ ଏସବୁ ଆରମ୍ଭ କରନ୍ତୁ ।''

ପ୍ରଧାନ ଶିକ୍ଷକ କହିଲେ, ''ଯଦି ଆମେ ସମସ୍ତେ ଏପରି କରିବୁ, ତେବେ ଆମର କୋର୍ସ୍ କେବେ ସରିବ ? ଏହାଙ୍କ ମୁଣ୍ଡରେ ତ କୌଣସି ଦାୟିତ୍ୱ ନାହିଁ । ବର୍ଷେ ପର୍ଯ୍ୟନ୍ତ ଯାହା ପାରିବେ ପଢ଼ାଇବେ । ତା'ପରେ କହିବେ ଭାଇ ଏ'ତ ଗୋଟିଏ ପ୍ରୟୋଗ ଥିଲା । ତେଣୁ ଯାହା ପାରିଲି, ପଢ଼େଇଲି । ବାକିତକ ହୋଇ ପାରିଲା ନାହିଁ । ପିଲାମାନେ କରିପାରିଲେ ନାହିଁ । ତା'ଛଡ଼ା ଆପଣ ମଧ୍ୟ ଏ କଥାକୁ ଗ୍ରହଣ କରି ନେବେ । କିନ୍ତୁ ପାଠ୍ୟକ୍ରମକୁ ନେଇ ଆମର ତ ହାତଗୋଡ଼ ବନ୍ଧା । ଯଦି ସିଲାବସ୍ ନସରିଲା ତେବେ ଆପଣଙ୍କ ପାଖରୁ ଚିଠି ଆସୁଛି କାହିଁକି ଶେଷ ହୋଇ ନାହିଁ ? ପରୀକ୍ଷାଫଳ ଭଲ ହେଲାନି କାହିଁକି ?''

ଅଧିକାରୀର ହସିଲେ । ମନ ଭିତରେ ରାଗିଲା ଭଳି ଜଣା ପଡୁଥିଲେ । କିନ୍ତୁ କିଛି ନକହି ନିଜକୁ ସମ୍ଭାଳି ନେଲେ । ପୁଣି ହ୍ୱିସିଲ୍ ବାଜିଲା ।

ପିଲାମାନେ ଧାଡ଼ିକରି ସଜାଗ ହୋଇ ଛିଡ଼ା ହୋଇ ଥିଲେ । ଦେହ ଓ ପୋଷାକ ସମସ୍ତଙ୍କର ସଫା ଥିଲା । ନଖ ଓ ବାଳ ଠିକ୍ କଟା ହୋଇଥିଲା । ଆଖିରେ କାହାର ଲେଞ୍ଜରା ନଥିଲା । ଟୋପିଗୁଡ଼ିକ ମଧ୍ୟ ସଫା ରହିଥିଲା ।

ଅଧିକାରୀ ଖୁସି ହୋଇ ପଚାରିଲେ, ''ଏହା କେତେ ଦିନର ପ୍ରସ୍ତୁତି ? ଏମାନଙ୍କୁ ଏପରି ସଫାସୁତୁରା କରାଇବା ପାଇଁ ତ ବହୁତ ପରିଶ୍ରମ ପଡ଼ିଥିବ ?''

ମୁଁ କହିଲି, ''ଛଅ ମାସ ହେଲା ତ ପ୍ରସ୍ତୁତି ଚାଲିଛି । ଗତ ଛ' ମାସ ଧରି ମୁଁ ଏ ପରିଶ୍ରମ କରୁଛି । ଆପଣଙ୍କୁ ବା ଏକଥା କେଉଁ ଅଜଣା ?''

ଦ୍ୱିତୀୟ ହ୍ୱିସିଲ୍ ବାଜିଲା । ପିଲାମାନେ ଜାମା ପିନ୍ଧି ନମସ୍କାର କରି ଚାଲିଗଲେ ।

ପ୍ରଧାନ ଶିକ୍ଷକ ଟିକିଏ ତାଚ୍ଛଲ୍ୟ କରି କହିଲେ, ''କ'ଣ ପରୀକ୍ଷା ସରିଗଲା ?''

ମୁଁ କହିଲି, ''ଆଉ କିଛି ସମୟ ଲାଗିବ । ଆପଣ ସମସ୍ତେ ପାଖ କୋଠରିଟିକୁ ଆସନ୍ତୁ ।''

ପ୍ରଧାନ ଶିକ୍ଷକ କହିଲେ, ''ନିଶ୍ଚୟ । ନିଶ୍ଚୟ । ଗତ କିଛି ଦିନ ଧରି ତୁମେ ତ ସେ କୋଠରିଟିକୁ ମାଗି ନେଇଛ । ଆମମାନଙ୍କୁ ତା' ଭିତରକୁ ଛାଡୁ ନାହଁ । କ'ଣ ସବୁ ଯୋଗାଡ଼ ଚାଲିଥିଲା ନା ?''

''ଆପଣ ଆସନ୍ତୁ ତ ଆଗ'', ମୁଁ କହିଲି । ସମସ୍ତେ ଭିତରକୁ ଆସିଲେ । ଅଧିକାରୀ କହି ଉଠିଲେ, ''ଏ ତ ଗୋଟିଏ ପକ୍କା ସଂଗ୍ରହାଳୟ !''

ପ୍ରଧାନ ଶିକ୍ଷକ, ''ମୁଁ ତ ସେଇ କଥା ହିଁ ଭାବୁଥିଲି । ପିଲାମାନେ ବିଭିନ୍ନ ଜିନିଷ ଆଣିବା ଆଉ ସଜାଇ ରଖିବାରେ ମାତି ଯାଇଥିଲେ ।''

ମୁଁ କହିଲି, ''ହଁ ଆଜ୍ଞା । ପିଲାମାନେ ଖୁବ୍ ଉତ୍ସାହର ସହିତ ଏ କାମଟି କରିଛନ୍ତି । ମୁଁ ସେମାନଙ୍କୁ କହି ଦେଇଥିଲି ଯେ ସେମାନେ ନିଜ ଇଚ୍ଛା ଅନୁସାରେ ଏସବୁ ଜିନିଷ ସଜାଡ଼ିବେ । ମୁଁ କିଛି ବି ଉପଦେଶ ଦେଇ ନାହିଁ ।''

ଅଧିକାରୀ ପଚାରିଲେ, ''ଏସବୁ ସଜଡ଼ା ଓ ଲେଖା କ'ଣ ପିଲାମାନେ ହିଁ କରିଛନ୍ତି ?''

ମୁଁ କହିଲି, ''ଆଜ୍ଞା ହଁ ।''

ଅଧିକାରୀ – ''କିନ୍ତୁ ଏହା କିପରି ସମ୍ଭବ ? ସଜଡ଼ା ତ ଖୁବ୍ ରୁଚିକର ହୋଇ ପାରିଛି ।''

ମୁଁ ଚୁପ୍ ରହିଲି । ମୋର କାମସବୁର ଫଳ ଏବେ ତ ସ୍ପଷ୍ଟ ଭାବରେ ଜଣାପଡ଼ି ଯାଉଥିଲା ।

ଅଧିକାରୀ ପୁଣି କହିଲେ, ''ଏସବୁ ଜିନିଷ କେଉଁଠୁ ଓ କିପରି ସଂଗ୍ରହ କଲେ ? ଛାତ୍ରଙ୍କୁ ପ୍ରକୃତି ବିଷୟରେ ଧାରଣା ଦେବା ପାଇଁ ଏହା ତ ଖୁବ୍ ଉପଯୋଗୀ ।''

ପ୍ରଧାନ ଶିକ୍ଷକ କହିଲେ, ''ଆଜ୍ଞା ଇଏ ତ ପିଲାଙ୍କୁ ବାହାରକୁ ବୁଲାଇ ନେଉଥିଲେ । ସେସମୟରେ ଏହାସବୁ ଆଣିଥାଇ ପାରନ୍ତି ।''

ସାହେବ – ''ଏହା ତ ଗୋଟିଏ ବିରାଟ କାମ ହୋଇଗଲା ! ଏହାକୁ ବର୍ତ୍ତମାନ ଭାଙ୍ଗ ନାହିଁ । ପୂରା ସ୍କୁଲ ପାଇଁ ଏହା ଦରକାରରେ ଆସିବ । ମୁଁ ଅନ୍ୟ ଶିକ୍ଷକମାନଙ୍କୁ କହିବି ଯେ ସେମାନେ ମଧ୍ୟ ଏଥିରେ କିଛି କିଛି ମିଶାଇ ଏହାକୁ ଆହୁରି ବଡ଼ କରନ୍ତୁ ।''

ପ୍ରଧାନ ଶିକ୍ଷକ ପଛରେ ଗୁଁ ଗୁଁ ହୋଇ କହିଲେ, ''ଆଉ ପଢ଼ାଇବେ କେତେବେଳେ ?''

ପିଲାମାନେ ତାଙ୍କ ସଂଗ୍ରହର ଗୋଟିଏ ସୂଚୀ ତିଆରି କରିଥିଲେ । ଅଧିକାରୀ ତାକୁ ପଢ଼ି ବହୁତ ଖୁସି ହୋଇଗଲେ । କହିବାରେ ଲାଗିଲେ, ''ଏହି ପିଲାମାନେ ତ ଗୋଟିଏ ପୁରସ୍କାର ପାଇବାକୁ ଯୋଗ୍ୟ ।''

ମୁଁ କହିଲି, ''ଆଜ୍ଞା ! ଏହି ସଂଗ୍ରହକୁ ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଯେଉଁ ଖୁସି ମିଳିଛି, ତାହା ହିଁ ତାଙ୍କର ବଡ଼ ପୁରସ୍କାର । ସାରା ସଂଗ୍ରହାଳୟଟି ତାଙ୍କର ପୁରସ୍କାର ।''

ଅଧିକାରୀ କହିଲେ, ''ତଥାପି ... ।'' ମୁଁ ଆଉ କିଛି କହିଲି ନାହିଁ ।

ସଂଗ୍ରହାଳୟର ଗୋଟିଏ କୋଣରେ କିଛି ମାଟି କଣ୍ଢେଇ ଥିଲା । ଅଧିକାରୀ ପଚାରିଲେ, ''ଏଗୁଡ଼ିକ କିଏ କରିଛି ?''

ମୁଁ କହିଲି, ''ଆଜ୍ଞା, ପିଲାମାନେ । ଏ କୋଠରିର ଏମୁଣ୍ଡରୁ ସେମୁଣ୍ଡ ଯାଏଁ ମୋର କିଛି ନାହିଁ ।''

ସାହେବ ପଚାରିଲେ, ''କିନ୍ତୁ ଏମାନେ ଏତେ ଗୁଡ଼ିଏ କଣ୍ଢେଇ କେବେ କଲେ ଓ କେଉଁଠି ପୋଡ଼ିଲେ ?''

ମୁଁ କହିଲି, ''ଏ ପିଲାମାନେ ନଈକୂଳରେ ସବୁ ସପ୍ତାହରେ ଏସବୁ ତିଆରି କରୁଥିଲେ । ସେଇଠି ଭାଟି କରି ତାକୁ ପୋଡ଼ି ମଧ୍ୟ ଦେଉଥିଲେ ।''

ସାହେବ – ''ବାଃ ! ତୁମର ମସ୍ତିଷ୍କ ତ ଅତି ସ୍ୱତନ୍ତ୍ର ଧରଣର ହୋଇଥିଲା ଭଳି ଲାଗୁଛି । ତୁମର ଏ ପ୍ରୟୋଗ ମଧ୍ୟ ଅସାଧାରଣ । ତୁମକୁ କିଛି ଉପକରଣ ନ ମିଳିଲେ ମଧ୍ୟ ତୁମେ ନଈକୂଳରେ କାମ ଚାଲୁ ରଖୁଛ । ବିଲ ମାଟି କାମରେ ଲଗାଇ ପାରୁଛ । ସାବାସ, ତୁମକୁ... । ଏବେ ମୁଁ... ।''

ମୁଁ ତାଙ୍କୁ ଆଉ କିଛି କହିବାର ସୁଯୋଗ ଦେଲି ନାହିଁ । ତାଙ୍କ କଥା ମଝିରେ ମୁଁ କହି ଉଠିଲି, ''ଏବେ ଆପଣ ଏଠାରେ ଟିକିଏ ଆରାମରେ ବସନ୍ତୁ । ମୁଁ ପିଲାମାନଙ୍କର କିଛି ଅନ୍ୟ କାମ ଦେଖାଇବି ।'' ସମସ୍ତେ ବସିଗଲେ ।

ଏହି ସମୟରେ ପ୍ରଧାନ ଶିକ୍ଷକ କିଛି ଭାବି ଭାବି କହିଲେ, ''ସାର୍, ଏସବୁ ଆମେ ବି କରି ପାରନ୍ତୁ । ହେଲେ ଛାତ୍ରଙ୍କୁ ପଢ଼ାଇବୁ ଆଉ କେବେ ?''

ମୁଁ କିଛି ପଟା କାଗଜ ଧରି ଆସିଲି । ଗୋଟିକରେ ମୁଁ ଆସିବା ସମୟରେ ପିଲାଙ୍କର ପ୍ରଥମ ହସ୍ତାକ୍ଷରର ନମୁନା ରଖିଥିଲି । ଅନ୍ୟଟିରେ ସେମାନଙ୍କର ଗତକାଲିର ଟଟ୍କା ଲେଖା । ଉପରେ ଲେଖାଥିଲା, ''ହସ୍ତାକ୍ଷର ପ୍ରଗତିସୂଚକ ପତ୍ରିକା ।''

ଜଣେ ଶିକ୍ଷକ ଅନ୍ୟ ଜଣଙ୍କ କାନରେ କହିଲା, ''ଆରେ ଏ'ତ ଭଲ ପିଲା ବାଛିକରି ବସେଇ ବସେଇ ଏସବୁ ଲେଖାଇ ଥିବେ ।''

ଏ କଥାଟା ମୋତେ ଟିକିଏ ବାଧିଲା । କିନ୍ତୁ ଏପରି ତୁଚ୍ଛ କଥାକୁ ଖାତିର ନ କରିବା ଭଲ ଭାବି ମୁଁ ଆଗେଇ ଚାଲିଲି ।

ଅଧିକାରୀ ପଚାରିଲେ, ''ଏ ପରିବର୍ତ୍ତନ କିପରି ଆଣି ପାରିଲ ?''

ମୁଁ ଉତ୍ତର ଦେଲି, ''ବିଭିନ୍ନ ଉପାୟରେ ।''

ଅଧିକାରୀ – ''ତୁମର ଏସବୁ ଉପାୟକୁ ସାରା ସ୍କୁଲରେ ବ୍ୟବହାର କଲେ କିପରି ହୁଅନ୍ତା ?''

ମୁଁ କହିଲି, ''ନିଶ୍ଚିତ ଭାବରେ ଭଲ ଫଳ ମିଳି ପାରିବ । ସେକଥା ମୁଁ ଦେଖାଇ ଦେଇ ପାରିବି ।''

ତା'ପରେ ମୁଁ ଗୋଟିଏ ଖାତା ଆଣିଲି । ଗତ ଛ' ମାସ ଭିତରେ ପିଲାମାନେ ଯେତେ ବହି ପଢ଼ିଥିଲେ ସେସବୁର ନାମ ଏ ଖାତାଟିରେ ଥିଲା । ଖାତାଟିରେ ପ୍ରତ୍ୟେକ ପିଲା ପାଇଁ ଗୋଟିଏ ପୃଷ୍ଠା ରହିଥିଲା । ବହିଟିଏ ପଢ଼ି ସାରିବା ପରେ ସେ ତା'ର ପୃଷ୍ଠାରେ ବହିର ନାଆଁ ନିଜେ ଲେଖି ରଖୁଥିଲା । ଖାତାର ଶେଷ ଆଡ଼କୁ ମୁଁ କିଛି ହିସାବ କରିଥିଲି । କେଉଁ ପିଲା କେତେଟା ବହି ପଢ଼ିଛି; ସବୁଠୁ କମ୍ କିଏ ପଢ଼ିଛି, ସବୁଠୁ ବେଶୀ କିଏ ପଢ଼ିଛି, ପୁଣି କି ପ୍ରକାର ବହି ବେଶୀ ପଢ଼ାଯାଉଛି ଓ କି ପ୍ରକାର ବହିରେ ମୋଟେ ଆଗ୍ରହ ନାହିଁ ଇତ୍ୟାଦି ।

ଅଧିକାରୀ ଏସବୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ପିଲାମାନେ ଏତେ ବିଷୟରେ ଏତେ ବହି କେବେ ପଢ଼ିଲେ ?''

ମୁଁ ଉତ୍ତର ଦେଲି, ''ଆଜ୍ଞା, ଏସବୁ ବହି ସେମାନେ ମୋର ଆଗରେ ବସି ପଢ଼ିଛନ୍ତି ।''

ଅଧିକାରୀ –''ପ୍ରଧାନ ଶିକ୍ଷକ ମହାଶୟ, ଆପଣଙ୍କ ସପ୍ତମ ଶ୍ରେଣୀର ପିଲାମାନେ ଗତ ଛଅ ମାସ ଭିତରେ କେତେ ବହି ପଢ଼ିଛନ୍ତି ?''

ପ୍ରଧାନ ଶିକ୍ଷକ – ''କେମିତି ପଢ଼ିବେ ? ଯଦି

ସେମାନେ ଏସବୁ ବହି ପଢ଼ିବା ଆରମ୍ଭ କରିବେ, ତେବେ ଇତିହାସ, ଭୂଗୋଳ, ଜ୍ୟାମିତି ଇତ୍ୟାଦି ବହିସବୁ କ'ଣ ହେବ ? ପାଠ ପୁଣି କେବେ ମନେ ରଖିବେ ?''

ଅଧିକାରୀ କିଛି ସମୟ ଚିନ୍ତା କଲାପରେ କହିଲେ, ''ତୁମ ପିଲାମାନେ ବିନା ପରୀକ୍ଷାରେ ସାହିତ୍ୟରେ ପାସ୍ କଲେ । ଏବେ ଆଉ କ'ଣ ଅଛି କୁହ ?''

ମୁଁ ପିଲାମାନଙ୍କର ହାତଲେଖା ମାସିକ ପତ୍ରିକାରୁ ଗୋଟିଏ ଦେଲି ।

ଅଧିକାରୀ ପଚାରିଲେ, ''ଏସବୁ କ'ଣ ପିଲାମାନେ ଲେଖିଛନ୍ତି, ଏଥିରେ ଥିବା କବିତାଗୁଡ଼ିକ ମଧ୍ୟ ?''

ମୁଁ କହିଲି, ''ଆଜ୍ଞା, ହଁ । ଏବେ କେତେ ଜଣ ଛାତ୍ର କବିତା ଲେଖିବାରେ ଲାଗି ପଡ଼ିଛନ୍ତି ।''

ଅଧିକାରୀ ସେଗୁଡ଼ିକ ଦେଖି ପଚାରିଲେ, ''ତୁମେ କ'ଣ ତାଙ୍କ ଲେଖାଗୁଡ଼ିକୁ ବାଗେଇ ଦିଅ ?'' ମୁଁ କହିଲି, ''ନା, ଏପର୍ଯ୍ୟନ୍ତ ମୁଁ ତା' କରିନି । ସେମାନେ ଯେପରି ଲେଖିଛନ୍ତି ସେପରି ବାହାରିଛି ।''

ଅଧିକାରୀ – ''ଏସବୁ ପିଲାମାନେ ନିଜ ମନରୁ ଲେଖିଛନ୍ତି ନା – କେଉଁଠାରୁ ଆଣିଛନ୍ତି ବା ତୁମେ ବତାଇଛ ?''

ମୁଁ କହିଲି, ''ଆଉ କେଉଁଠୁ ଆଣିଲେ ଲାଭ କ'ଣ ? ମୁଁ ସେମାନଙ୍କୁ କହେ ଯେ ଯାହା ମନକୁ ଆସୁଛି, ଲେଖ । ଯେକୌଣସି ବିଷୟରେ ଲେଖ ଏବଂ ପ୍ରକାଶ କର । ସେମାନଙ୍କୁ ନିଜର ଲେଖାଗୁଡ଼ିକ ଭଲ ଲାଗେ । ମୁଁ ମଧ୍ୟ ସବୁତକ ପତ୍ରିକାରେ ପ୍ରକାଶ କରିଦିଏ ।''

ଅଧିକାରୀ – ''ଏ ସଂଖ୍ୟାଟି ବୋଧେ ଷାଣ୍ମାସିକ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଭାବରେ ତିଆରି ହୋଇଛି ?''

ମୁଁ କହିଲି, ''ନା, ଆଜ୍ଞା । ଗଲା ତିନି ମାସ ଧରି ପ୍ରତି ମାସରେ ଏହା ବାହାରୁଛି । ଏ ସଂଖ୍ୟାଟି ପରୀକ୍ଷା ସମୟରେ ଆସିଛି, କିନ୍ତୁ ପରୀକ୍ଷା ପାଇଁ ତିଆରି ହୋଇ ନାହିଁ ।''

ଅଧିକାରୀ ଖୁସି ହୋଇ କହିଲେ, ''ଖୁବ୍ ସୁନ୍ଦର କାମଟିଏ ହୋଇଛି । ତୁମେ ତ ଆଶ୍ଚର୍ଯ୍ୟଜନକ କାମ କରି ଦେଖାଇଛ । ମାତ୍ର ଛ' ମାସରେ କାହିଁ କେଉଁଠି ପହଞ୍ଚି ଗଲଣି !''

ପ୍ରଧାନ ଶିକ୍ଷକ କହିଲେ, ''ଗଣିତ, ଭୂଗୋଳ ଓ ଇତିହାସ ପରୀକ୍ଷା କେତେବେଳେ ହେବ ? ଏବେ ନା ଉପର ଓଳି ?'' ସେ ଜାଣିଥିଲେ ଯେ ମୁଁ ଏସବୁ ବିଷୟ କିଛି ପଢ଼ାଇ ନାହିଁ । ତେଣୁ ମୁଁ ଅସୁବିଧାରେ ପଡ଼ିବି ।

ମୁଁ କହିଲି, ''ମୁଁ ତ ଏବେ ଗଣିତ ଓ ଭୂଗୋଳ ବିଷୟରେ କିଛି କରି ନାହିଁ । ଇତିହାସ ଏବେ ମାତ୍ର ଆରମ୍ଭ ହୋଇଛି । କିନ୍ତୁ ବାର୍ଷିକ ପରୀକ୍ଷା ବେଳକୁ ସବୁ ହୋଇ ଯାଇଥିବ ।''

ପ୍ରଧାନ ଶିକ୍ଷକ ପୁଣି ଥଟ୍ଟା କଲେ, ''ଓହୋ, ମୁଖ୍ୟ ବିଷୟତକ ତେବେ ଏପର୍ଯ୍ୟନ୍ତ ଆରମ୍ଭ ହୋଇନି ।''

ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ କହିଲେ, ''ଆପଣଙ୍କ ଦୃଷ୍ଟିରେ ସିନା ଏସବୁ ବାକି ରହିଛି, କିନ୍ତୁ ତାଙ୍କ ଦୃଷ୍ଟିରେ ନୁହେଁ । ଆପଣ ସିନା ଭାବନ୍ତି ଯେ ଇତିହାସ, ଭୂଗୋଳ, ଗଣିତ ପଢ଼ାଇ ଦେଲେ ସବୁ ପାଠ ହୋଇଗଲା । ଏଇଆ ତ କଥା ?''

ପ୍ରଧାନ ଶିକ୍ଷକ –''କିନ୍ତୁ ଆପଣଙ୍କ ଦୃଷ୍ଟି ମଧ୍ୟ ଏହି ଭଳି । ଆପଣ ବି ଏହି ବିଷୟରେ ପରୀକ୍ଷା କରିଥା'ନ୍ତି ।''

ଏପରି ମଜାଳିଆ କଥା ଭିତରେ ସମସ୍ତେ ଉଠିଲେ । ଗଲାବେଳକୁ ଅଧିକାରୀ ମୋତେ ପ୍ରଶ୍ନପତ୍ର ମାଗିଲେ । ମୁଁ ତ ପ୍ରସ୍ତୁତ କରି ନଥିଲି । ତେଣୁ ସେ ଆମ ଶ୍ରେଣୀକୁ ପରୀକ୍ଷାରୁ ମୁକ୍ତ କଲେ ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ)

❑❑❑

କୌଣସି ପଦ୍ଧତିକୁ ଆମେ ଯେତେବେଳେ ସ୍ୱୟଂ ଆବିଷ୍କାର କରିଥାଉ, ସେତିକିବେଳେହିଁ ତାହାର ସର୍ବୋତ୍ତମ ଭାବରେ ପ୍ରୟୋଗ ହୋଇ ପାରିବାର ସମ୍ଭାବନା ରହିଥାଏ । ତା' ନ ହେଲେ, ତାହା ଶିକ୍ଷକ ଏବଂ ଛାତ୍ର ଉଭୟଙ୍କ ଲାଗିହିଁ ଭାରି ନୀରସ ଓ ବିରକ୍ତିଦାୟକ ହୋଇ ରହିଥାଏ ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଜୀବନର ଅର୍ଥ ଓ ଲକ୍ଷ୍ୟ : ତମସୋ ମା ଜ୍ୟୋତିର୍ଗମୟ

***ପ୍ରଶ୍ନ - ୧ :*** *ଅନେକଙ୍କୁ ପଚାରି ସନ୍ତୋଷଜନକ ଉତ୍ତର ମିଳିଲା ନାହିଁ । ମୁଁ ଜାଣିବାକୁ ଚାହେଁ ଜୀବନର ପ୍ରକୃତ ଅର୍ଥ ।*

***ପ୍ରଶ୍ନ - ୨ :*** *ମୋର ରହିଛି ଏକ ସରଳ ପ୍ରଶ୍ନ । ଜୀବନର ଲକ୍ଷ୍ୟ କ'ଣ ହେବା ଉଚିତ ? ଫଳ ସମ୍ପର୍କରେ ଚିନ୍ତା ନ କରି ନିଷ୍କାପର ରୂପେ କର୍ମ ସମ୍ପାଦନ (ଗୀତା ଯେଉଁ ପରାମର୍ଶ ଦିଏ) ଏକମାତ୍ର ଲକ୍ଷ୍ୟ ହୋଇପାରେ କି ?*

**ଉତ୍ତର :** ଜୀବନର ଅର୍ଥ ତଥା ଲକ୍ଷ୍ୟ ଆମ ଚେତନାର ଗହନରେ ନିହିତ ଥାଏ । ଆମେ ତା'ର ସନ୍ଧାନ କରୁନା । କିନ୍ତୁ ଯାହାଙ୍କ ମନକୁ ଏଭଳି ପ୍ରଶ୍ନ ଆନ୍ଦୋଳିତ କରେ, ସେ ସମ୍ପର୍କୀୟ ପ୍ରଶ୍ନର ଉତ୍ତର ତାହାଙ୍କ ଚେତନାରେ ସ୍ପଷ୍ଟ ରୂପରେଖ ନେବାର ମୁହୂର୍ତ୍ତ ଉପନୀତ ।

ଥରେ ଏକ ମହାବିଦ୍ୟାଳୟର କୋଡ଼ିଏ ଜଣ ଛାତ୍ରଛାତ୍ରୀ ସମନ୍ୱିତ ଏକ ଭ୍ରମଣରତ ଦଳକୁ ଜଣେ ଶୁଭେଚ୍ଛୁ ଏହି ମର୍ମରେ ପ୍ରଶ୍ନ କରନ୍ତେ ଉତ୍ତରରେ କେତେ ଜଣ ଓକିଲ ବା ଡାକ୍ତର ବା ଯନ୍ତ୍ରୀ ବା ପ୍ରଶାସକ ବନିବା ଏବଂ ଜଣେ ସାମ୍ବାଦିକ ବୃତ୍ତି ଅବଲମ୍ବନ କରିବା ଜୀବନର ଲକ୍ଷ୍ୟ ବୋଲି ପ୍ରକାଶ କଲେ । ଦୁଇଜଣ ସମାଜସେବା (ସମ୍ଭବତଃ ରାଜନୀତି) ଆଦରି ନେବାର ସଂକଳ୍ପ ବ୍ୟକ୍ତ କଲେ ଏବଂ ଜଣେ ବା ଦୁଇଜଣ ମନ ସ୍ଥିର କରି ନ ଥିବା ସ୍ୱୀକାର କଲେ । ସେମାନଙ୍କ ଉତ୍ତର ଥିଲା ସ୍ୱାଭାବିକ, କିନ୍ତୁ ସଭିଏଁ ଜୀବନର ସ୍ଥୂଳ ପରିଚୟ ଭିତରେ ଆବଦ୍ଧ ଥିଲେ । ଜୀବନର ଲକ୍ଷ୍ୟ ବୋଇଲେ ସେମାନେ ବୃତ୍ତିଗତ ଲକ୍ଷ୍ୟର ଆଗକୁ ବଢୁ ନଥିଲେ । ଅବଶ୍ୟ ଦିନେ ନା ଦିନେ ସେମାନଙ୍କ ଚେତନାର ସୂକ୍ଷ୍ମ ପ୍ରଶ୍ନ ମନର ଉପରିଭାଗକୁ ଉଠିଆସିବ ଏବଂ ସେମାନେ ପ୍ରଶ୍ନଟିର ଗୂଢ଼ ଅର୍ଥ ବୁଝି ତା'ର ଉତ୍ତର ନିମନ୍ତେ ଆଗ୍ରହୀ ହେବେ ।

କେଉଁ ଅଜଣା ଅତୀତରେ ''ବୃହଦାରଣ୍ୟକ-ଉପନିଷଦ୍'' ଯେଉଁ ବାଣୀ ପରିବେଷଣ କରିଥିଲା, ଆପଣମାନଙ୍କ ପ୍ରଶ୍ନର ଉତ୍ତରରେ ତାହାଠାରୁ ଅଧିକ ସ୍ପଷ୍ଟ ଏବଂ ଅଧିକ ସଂକ୍ଷିପ୍ତ ଉତ୍ତର କଳ୍ପନା କରାଯାଇ ପାରେନା । ଏ ଲେଖକର ପରିମିତ ଜ୍ଞାନରେ ଏହି ଦିଗ୍‌ଦର୍ଶନ ହିଁ ଚୂଡ଼ାନ୍ତ ସତ୍ୟ :

''ଅସତୋ ମା ସଦ୍ ଗମୟ ।<br>
ତମସୋ ମା ଜ୍ୟୋତିର୍ଗମୟ ।<br>
ମୃତ୍ୟୋର୍ମାମୃତଂ ଗମୟ ।''

ଅନସ୍ତିତ୍ୱରୁ ଦିବ୍ୟ ଅସ୍ତିତ୍ୱକୁ, ତମସାରୁ ଆଲୋକ ଭିତରକୁ, ମୃତ୍ୟୁରୁ ଅମୃତତ୍ୱ ଅଭିମୁଖେ ଗତି, ଏହା ହିଁ ଜୀବନର ଅର୍ଥ ତଥା ଲକ୍ଷ୍ୟ ।

କହିବା ବାହୁଲ୍ୟ, ତମସା ଏଠାରେ ଅଜ୍ଞାନର ପ୍ରତିଶବ୍ଦ । ଗୋଟିଏ ଜନ୍ମର ଯାବତୀୟ ଅଭିଜ୍ଞତାର ନିର୍ଯାସ ଭିତ୍ତିରେ ଆମେ ପୁନର୍ବାର ଜନ୍ମ ଗ୍ରହଣ କରୁଁ – ଏବଂ ସେହି ଭିତ୍ତିରେ ପୁନର୍ବାର ଚେତନାର ବିକାଶ ଘଟୁଥାଏ ଆମ ଅଜାଣତରେ । ଏହି ଧାରା ସମ୍ପର୍କରେ ଆମେ ଯେଉଁ ଜନ୍ମରେ ସଚେତନ ହୋଇଉଠୁଁ ସେବେଠାରୁ ବିକାଶ ଦ୍ରୁତ ହୁଏ ।

ଉପନିଷଦ୍ ପ୍ରଦତ୍ତ ସୂଚନା ଅନୁସାରେ ଏ ଜୀବନ ଦିନେ ଦିବ୍ୟ ଅସ୍ତିତ୍ୱରେ ପରିଣତ ହେବ, ଆମ ଚେତନା ଦିବ୍ୟ ଜ୍ଞାନରେ ଉଦ୍ଭାସିତ ହେବ । ମଣିଷର ଯାବତୀୟ ଅହଂଚାଳିତ କାର୍ଯ୍ୟକଳାପ, ଭୁଲ୍ କର୍ମଠୁଁ ଆରମ୍ଭ କରି ପାପାଚାର ପର୍ଯ୍ୟନ୍ତ ସମସ୍ତ କର୍ମ ଯେହେତୁ ଅଜ୍ଞାନର ଫଳ ଏବଂ ମୃତ୍ୟୁ ମଧ୍ୟ ଅଜ୍ଞାନର ହିଁ ଏକ ରୂପ, ମଣିଷ ପ୍ରକୃତ ଜ୍ଞାନର ଅଧିକାରୀ ହେଲେ ମୃତ୍ୟୁର ସ୍ୱେରାଚାରରୁ ମଧ୍ୟ ମୁକ୍ତ ହେବ ।

ଏହା ହିଁ ଯଦି ଭାଗବତ ନିର୍ଣ୍ଣୟ ହୋଇଥାଏ, ତେବେ ମଣିଷ ଯେତେଦୂର ସମ୍ଭବ ଭଗବାନଙ୍କ ସଙ୍କଳ୍ପ ଅନୁସାରେ କର୍ମ କଲେ ଲକ୍ଷ୍ୟରେ ଉପନୀତ ହେବା ଦିଗରେ ସମ୍ଭାବନା ତା'ର ସେତିକି ନିକଟତର ହେବ । ଆମେ ସଚରାଚର ଆମ କାମନା ଚରିତାର୍ଥ ସକାଶେ କର୍ମ କରିଥାଉଁ । ଭଗବାନଙ୍କ ସଙ୍କଳ୍ପ ଅନୁସାରେ କର୍ମ କରିବାକୁ ହେଲେ ବ୍ୟକ୍ତିଗତ କାମନା ବିରହିତ, ଅର୍ଥାତ୍ ନିଷ୍କାମ କର୍ମ କରିବା ଚାହି । ସେଭଳି କର୍ମ ସମ୍ପାଦନ ଲକ୍ଷ୍ୟପ୍ରାପ୍ତିର ନିର୍ଭୁଲ ମାର୍ଗ; ଲକ୍ଷ୍ୟ ନୁହେଁ । ଏ ଅଜ୍ଞାନ ଜୀବନକୁ ଦିବ୍ୟ ଜୀବନରେ ପରିଣତ କରିବା ହେଲା ଲକ୍ଷ୍ୟ ।

ଏ ସମ୍ପର୍କରେ ସଚେତନ ହେବା ପରେ ମଧ୍ୟ ଜଣେ

ଅନିର୍ଦ୍ଦିଷ୍ଟ ଭବିଷ୍ୟତରେ ଏହି ମର ଜୀବନର ଦିବ୍ୟ ରୂପାନ୍ତର ପର୍ଯ୍ୟନ୍ତ ଅପେକ୍ଷା କରିବା ଅପେକ୍ଷା ତୁରନ୍ତ ଜନ୍ମଜନ୍ମାନ୍ତର ଧାରାରୁ ଅପସରି ଯାଇ ନିର୍ବାଣ ଲଭିବାର ସିଦ୍ଧାନ୍ତ ନେଇପାରେ । ସେ ପାଇଁ ମାର୍ଗ ଉନ୍ମୁକ୍ତ ରହିଛି । କିନ୍ତୁ ତାହା ହିଁ ଶେଷ ସତ୍ୟ ନୁହେଁ । କ୍ରମବିକାଶ ପଦ୍ଧତି ହିଁ ଦିନେ ଦିବ୍ୟ ଶକ୍ତି ଦ୍ୱାରା ମାର୍ଜିତ ହୋଇ ଭୂପୃଷ୍ଠରେ ଦିବ୍ୟମାନବ ସମ୍ଭବପର କରିବ, ଏହି ପ୍ରତିଶ୍ରୁତି ବହନ କରୁଛି ଉପନିଷଦ୍‌ର ଉଦ୍ଧୃତ ବାଣୀ ।

— **ମନୋଜ ଦାସ**

(‘ଜିଜ୍ଞାସାର ଦିଗ୍‌ଦିଗନ୍ତ’ରୁ ସଂଗୃହୀତ, ପୃ. ୭୧-୭୨)

❑❑❑

ଓଁ ଶ୍ରୀଅରବିନ୍ଦ-ମିରା
ମୋର ମନ, ମୋର ହୃଦୟ, ମୋର ଜୀବନକୁ ତୁମରି ଜ୍ୟୋତିଃ,
ତୁମରି ପ୍ରେମ, ତୁମରି ଶକ୍ତି ଦିଗରେ ଉନ୍ମୀଳିତ କର ।
ପ୍ରତ୍ୟେକ ବସ୍ତୁରେ ମୁଁ ଯେପରି ଭଗବାନଙ୍କୁ ଦର୍ଶନ କରିପାରେ ।

— ଶ୍ରୀଅରବିନ୍ଦ


Remain young, never stop striving towards perfection.

*(MCW, Vol. 15, p. 175)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother’s comments***
**(***Sri Aurobindo’s handwriting***) – Rs. 50.00**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 10** **R.N.I. No. 18163/70.**
Navaprakash (Monthly), October, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**